R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୨
ତିଥି: ଦ୍ୱାଦଶୀ
୨୮ ଏପ୍ରିଲ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 202
28 April 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ରାଜ୍ୟରେ ତାତିର ତାଣ୍ଡବ

ଭୁବନେଶ୍ୱର,୨୭।୪,(ସବ୍ୟୁ): ରାଜ୍ୟରେ ତାତି ତାଣ୍ଡବ ରଚୁଛି । ପଶ୍ଚିମରେ ପୁଣି ଭୟଙ୍କର ଗ୍ରୀଷ୍ମ ଲହରୀ ଜାରି ରହିଛି । ଆଜି ମଧ୍ୟ ଝାରସୁଗୁଡାରେ ୪୪ ଡିଗ୍ରୀ ଅତିକ୍ରମ କରିଛି ସର୍ବୋଚ୍ଚ ତାପମାତ୍ରା । ଏହା ସହିତ ୧୮ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା ଠାରୁ ଅଧିକ ରେକର୍ଡ ହୋଇଛି । ତେବେ ଆସନ୍ତା ୪ ଦିନ

- ଝାରସୁଗୁଡାରେ ପୁଣି ୪୪ ଟପିଲା
- ୭ ସହରରେ ୪୩ ଡିଗ୍ରୀ ଉପରେ ତାପମାତ୍ରା
- ଆଭ୍ୟନ୍ତରରେ କମିବନି, ଉପକୂଳରେ କମିବ

ଯାଏଁ ଆଭ୍ୟନ୍ତରୀଣରେ ତାତି ଅପରିବର୍ତ୍ତିତ ରହିବ । କିନ୍ତୁ ଉପକୂଳରେ ତାପମାତ୍ରା ୪୦ ଟପିବନି । ଏପରି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଉମା ଶଙ୍କର ଦାଶ ।

ପାଣିପାଗ ବିଭାଗର କହିବା ଅନୁସାରେ ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୪.୮ ଡିଗ୍ରୀ ଥିବା ବେଳେ ସୋନପୁରରେ ୪୩.୭ ଡିଗ୍ରୀ, ଟିଟିଲାଗଡ଼ରେ ୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୩.୪ ଡିଗ୍ରୀ, ବଲାଙ୍ଗୀରରେ ୪୩.୧ ଡିଗ୍ରୀ, ବୌଦ୍ଧ ଓ ସମ୍ବଲପୁରରେ ୪୩ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୮ ଡିଗ୍ରୀ, ରାଉରକେଲାରେ ୪୨.୭ ଡିଗ୍ରୀ, ନୂଆପଡାରେ ୪୨.୫ ଡିଗ୍ରୀ, ନୟାଗଡ଼ରେ ୪୨.୫ ଡିଗ୍ରୀ, ହୀରାକୁଦରେ ୪୨.୪ ଡିଗ୍ରୀ, ଅନୁଗୁଳରେ ୪୧.୯ ଡିଗ୍ରୀ, ତାଳଚେରରେ ୪୧.୫ ଡିଗ୍ରୀ, ଫୁଲବାଣୀରେ ୪୦.୪ ଡିଗ୍ରୀ, ବରଗଡ଼, ପାରଳାଖେମୁଣ୍ଡି ଓ କେନ୍ଦୁଝରରେ ୪ ଡିଗ୍ରୀ ତାପମାତ୍ରା



ରେକର୍ଡ କରାଯାଇଛି ।

ରାଜ୍ୟରେ ଆସନ୍ତାକାଲି (ସୋମବାର) ଠାରୁ କାଳବୈଶାଖୀ ସମ୍ଭାବନା ରହିଛି । ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଓ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ବହୁ ସ୍ଥାନରେ ଗରମ ବା ଗୁଳିଗୁଳି ହୋଇପାରେ । ୨୮ ତାରିଖରୁ କାଳବୈଶାଖୀ ପ୍ରଭାବ ବଢ଼ିବ । ବହୁ ସ୍ଥାନରେ ଝଡ଼ତୋଫାନ, ବର୍ଷା ହୋଇପାରେ । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ମାଲକାନାଗିରି, ରାୟଗଡ଼ା, ଗଜପତି, କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କନ୍ଧମାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ନବରଙ୍ଗପୁର, କଳାହାଣ୍ଡି ଓ ଢ଼େଙ୍କାନାଳ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୫୦ କିମି ରହିବା ସହ ବଜ୍ରପାତ ହେବାର ସମ୍ଭାବନା ଅଛି ।

## ଟ୍ରମ୍ପଙ୍କ ଡିନର ପାର୍ଟିରେ ଫୁଟିଲା ଗୁଳି

### ଅଳ୍ପକେ ବର୍ତ୍ତିଗଲେ ଅନେକ ଭିଆଇପି

ୱାଶିଂଟନ,୨୭।୪: ସମୟ ରାତି ସାଢେ ୮ଟା । ସବୁ ବର୍ଷ ପରି ଏଥର ବି ଆମେରିକାର ହିଲଟନ ହୋଟେଲରେ ଚାଲିଥିଲା ହାଇଟ ହାଉସ କରେସ୍ପଣ୍ଡେଣ୍ଟ ଡିନର ପାର୍ଟି । ଉପସ୍ଥିତ ଥିଲେ ବିଶ୍ୱର କ୍ଷମତାଶାଳୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସାଙ୍ଗରେ ଥିଲେ ପତ୍ନୀ ମିଳେନିଆ, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଅଢେଇ ହଜାରରୁ ଅଧିକ ସାମ୍ବାଦିକ । ହ୍ୱାଇଟ ହାଉସର ବରିଷ୍ଠ ଅଧିକାରୀ ବି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ସମସ୍ତେ ଡିନର ପାର୍ଟିର ମଜା ଉଠାଉଥିଲେ । ଅପେକ୍ଷା କରିଥିଲେ ରାଷ୍ଟ୍ରପତିଙ୍କ ସମ୍ବୋଧନକୁ । ତାପୂର୍ବରୁ ହୋଟେଲ ଭିତରେ ଗୁଳି ଶବ୍ଦ ସମସ୍ତଙ୍କୁ ଚକିତ କରିଛି । କେହି କିଛି ବୁଝିବା ଆଗରୁ ଅତିଥି ମାନେ ଏଣେ ତେଣେ ଦୌଡିବା ସହ ଖାଇବା ଟେବୁଲ ତଳେ ଲୋକେ ଲୁଚିଥିଲେ । ଟ୍ରମ୍ପ ଏବଂ ମିଲେନିଆଙ୍କୁ ଘେରିଯାଇଥିଲେ ସୁରକ୍ଷା କର୍ମୀ । ଏହି ସମୟରେ ଟ୍ରମ୍ପ ତଳେ ମଧ୍ୟ ପଡିଯାଇଥିଲେ । ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ ସର୍ଭିସ ଏଜେଣ୍ଟ, ଏଫବିଆଇ ଓ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ଡୋନାଲ୍ଡ ଟ୍ରମ୍ପ ଓ ମିଲେନିଆଙ୍କୁ ଉଦ୍ଧାର କରି ଜେଡି ଭାନ୍ସଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଥିଲେ ସିକ୍ରେଟ ସର୍ଭିସ ଅଧିକାରୀ । ଏପଟେ କିଛି ସମୟର କସରତ ପରେ ଅଭିଯୁକ୍ତ ଧରାପଡିଥିଲା । ପୋଲିସ ତାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି । ଘଟଣା ପରେ ପ୍ରତିକ୍ରିୟା ରଖିଥିଲେ ଟ୍ରମ୍ପ । ଏଭଳି ଘଟଣା ତାଙ୍କ ଆତ୍ମବିଶ୍ୱାସକୁ କମାଇ ପାରିବନି କହିଥିଲେ । ଗୁଳିକାଣ୍ଡ ଘଟଣାକୁ ସାରା ବିଶ୍ୱରେ ଚର୍ଚ୍ଚା । ଗୁଳିକାଣ୍ଡ କରିଥିବା ଯୁବକ କିଏ? ଗୁଳିମାଡ଼ କରିଥିବା ଯୁବକ ହେଉଛନ୍ତି ୩୧ ବର୍ଷୀୟ ( ୯ ପୃଷ୍ଠାରେ )

## ସ୍ୱିସ୍ ବିମାନରେ ନିଆଁ: ୬ ଆହତ

ନୂଆଦିଲ୍ଲୀ,୨୭।୪: ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଟଳିଯାଇଛି । ସୁଇଜରଲ୍ୟାଣ୍ଡର ଜୁରିକ୍ ଅଭିମୁଖେ ଯାତ୍ରା କରିବାକୁ ଥିବା ସ୍ୱିସ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ାଣ ଭରିବା ପୂର୍ବରୁ ଏହାର ଇଞ୍ଜିନରେ ନିଆଁ ଲାଗିଯିବା



- ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ

ଫଳରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ବିମାନଟି ରନୱେରେ ଦ୍ରୁତ ଗତିରେ ଯାଉଥିବା ସମୟରେ ଏହି ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ପାଇଲଟ୍ ତୁରନ୍ତ ଟେକ୍-ଅଫ୍ ବାତିଲ କରିଥିଲେ । ଏହି ଘଟଣାରେ ଜରୁରୀକାଳୀନ ସ୍ଲାଇଡ୍ ସାହାଯ୍ୟରେ ଯାତ୍ରୀମାନଙ୍କୁ ବାହାର କରାଯାଉଥିବା ସମୟରେ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି, ଯେଉଁମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ସୂଚନା ଅନୁଯାୟୀ, ଏୟାରବସ୍ ଏ୩୩୦ (ଏଲଏକ୍ସ୧୪୭) ବିମାନଟି ରାତି ପ୍ରାୟ ୧.୦୮ ମିନିଟ୍ ସମୟରେ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଏହାର ଗୋଟିଏ ଇଞ୍ଜିନ ଅଚଳ ହୋଇଯିବା ସହ ନିଆଁ ଲାଗିଥିଲା । ବିମାନରେ ୨୨୮ ଜଣ ଯାତ୍ରୀ ଓ ୪ ଜଣ ଶିଶୁ ଥିଲେ । ଏୟାରଲାଇନ୍ସ ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ଯେ, ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବିମାନକୁ ଖାଲି କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅଧିକାଂଶ ଯାତ୍ରୀ ସ୍ଲାଇଡ୍ ମାଧ୍ୟମରେ ଓହ୍ଲାଇଥିବା ବେଳେ କିଛି ଯାତ୍ରୀଙ୍କ ପାଇଁ ସିଡ଼ିର ( ୯ ପୃଷ୍ଠାରେ)

## ଆଜି ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି ସ୍ଥଗିତ

ଭୁବନେଶ୍ୱର,୨୭।୪,(ସବ୍ୟୁ): ଆସନ୍ତକାକାଲି ଅର୍ଥାତ ୨୭ ତାରିଖ ସୋମବାରରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଯାଇଛି । ୨୭ ତାରିଖ ଦିନ ଭୁବନେଶ୍ୱରୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ

### ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିଷ୍ପତ୍ତି

(କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯିବାରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ( ୯ ପୃଷ୍ଠାରେ)

## ଆଜି ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା

### ଏଣିକି ଭାରତୀୟ କମ୍ପାନୀ ବିନା ଶୁଳ୍କରେ ନ୍ୟୁଜିଲାଣ୍ଡରେ ବିକିବେ ସାମଗ୍ରୀ

ନୂଆଦିଲ୍ଲୀ,୨୭।୪: ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍ଟିଏ) ଆସନ୍ତା ସୋମବାର (୨୭ ତାରିଖ) ସ୍ୱାକ୍ଷର ହେବ। ଏହି ରାଜିନାମା ଫଳରେ ଭାରତର କମ୍ପାନିଗୁଡ଼ିକ ବିନା ଶୁଳ୍କରେ ନ୍ୟୁଜିଲାଣ୍ଡେ ସେମାନଙ୍କ ସାମଗ୍ରୀ ବିକ୍ରି କରିବା ସୁବିଧା ପାଇବେ। ଭାରତ ମଣ୍ଡପମ୍ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଓ ତାଙ୍କ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଟଡ୍ ମ୍ୟାକ୍ଲେଙ୍କ ଉପସ୍ଥିତିରେ ରାଜିନାମା ସ୍ୱାକ୍ଷର ହେବ ବୋଲି ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ନ୍ୟୁଜିଲାଣ୍ଡ ଭାରତକୁ ରପ୍ତାନି କରିବାକୁ ଥିବା ଏହାର ୯୫ ପ୍ରତିଶତରୁ ଅଧିକ ସାମଗ୍ରୀ ଉପରୁ ଶୁଳ୍କ ସଂପୂର୍ଣ୍ଣ



ଉଚ୍ଛେଦ ହେବ କିମ୍ବା ବଡ଼ଧରଣର ହ୍ରାସ ଘଟିବ। ସେହି ସାମଗ୍ରୀ ଗୁଡ଼ିକ ମଧ୍ୟରେ ଉଲ୍, କୋଇଲା, କାଠ, ମଦ ଆଦି ରହିଛି। ତେବେ ଦୁଗ୍ଧଜାତ ସାମଗ୍ରୀ, ପିଆଜ, ଚିନି, ମସଲା, ଖାଇବା ତେଲ ଏବଂ ରବର ଉପରେ ଭାରତ ( ୯ ପୃଷ୍ଠାରେ )

## କଲମ୍ବିଆରେ ଆତଙ୍କବାଦୀ ହମ୍ଲା: ୧୩ ମୃତ

ବୋଗୋଟା,୨୭।୪: କଲମ୍ବିଆର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ହିଂସା ପୁଣି ଥରେ ଭୟଙ୍କର ରୂପ ନେଇଛି। ଶନିବାର ଦିନ ଏକ ବସ୍ରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେନା ମୁଖ୍ୟ ସ୍ପଷ୍ଟ ଭାବରେ ଏହି ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ରିପୋର୍ଟ ଅନୁଯାୟୀ, କାଉକା ଅଞ୍ଚଳର କାଜିବିଓ ଅଞ୍ଚଳର ପାନାମେରିକାନ୍ ହାଇୱେରେ ବସ୍ଟି ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ବିସ୍ଫୋରଣ ଘଟିଥିଲା । ( ୯ ପୃଷ୍ଠାରେ )

## ଆତଙ୍କୀ ଆକ୍ରମଣରେ ମାଲି ପ୍ରତିରକ୍ଷା ମନ୍ତ୍ରୀ ନିହତ

ବାମାକୋ(ମାଲି),୨୭।୪: ମାଲିର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ସାଦିଓ କାମାରାଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ପରେ ଆଞ୍ଚଳିକ ସଂଘର୍ଷରେ ଏକ ନିର୍ଣ୍ଣାୟକ ମୋଡ଼ ଆସିଛି ଏବଂ ଏହା ମାଲିର ସାମରିକ ଶାସନର ଦୁର୍ବଳତାକୁ ସାରା ବିଶ୍ୱ ଆଗରେ ପ୍ରକଟ କରିଛି। ସାମରିକ ଶାସନର କେନ୍ଦ୍ରସ୍ଥଳ କୁହାଯାଉଥିବା 'କାଟି' ସାମରିକ ଘାଟିକୁ ସଫଳତାର ସହ ଟାର୍ଗେଟ କରିବା ଏବଂ ସେହି ସମୟରେ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ଉତ୍ତର ସହର କିଦାଲକୁ ପୁନର୍ବାର ଦଖଲ କରି, ଜେଏନ୍ଆଇଏମ୍ ଆତଙ୍କବାଦୀ ଏବଂ ତୁଆରେଗ୍ ବିଦ୍ରୋହୀଙ୍କ ନୂତନ ମିଳିତ



ମେଣ୍ଟ ସରକାରଙ୍କ ସୁରକ୍ଷା ଦାବିକୁ ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ କରିଦେଇଛି। ଏହା ମଧ୍ୟ ସଂକେତ ଦେଉଛି ଯେ ଉତ୍ତର ଅଞ୍ଚଳ ଉପରେ ସରକାରଙ୍କ ନିୟନ୍ତ୍ରଣ ରାତାରାତି ଶେଷ ହୋଇଯାଇଛି । ଏହା ୨୦୧୨ ବିଦ୍ରୋହ ପରଠାରୁ ଦେଶକୁ ସବୁଠାରୁ ଭୟଙ୍କର ସ୍ଥିତିକୁ ଠେଲି ଦେଇଛି ।ଶନିବାର ଭୋର ସମୟରେ ଆତଙ୍କୀ ଓ ବିଦ୍ରୋହୀମାନେ ବାମାକୋ ବାହାରେ ଥିବା କାଟି ସାମରିକ ଘାଟି ଉପରେ ଏକ ଅପ୍ରତ୍ୟାଶିତ ଓ ଶକ୍ତିଶାଳୀ ଆକ୍ରମଣ କରିଥିଲେ। ଜେନେରାଲ ସାଦିଓ କାମାରା, ଯିଏ କି ସାମରିକ ସରକାରଙ୍କ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ଏବଂ ରୁଷ୍ର 'ଆଫ୍ରିକା କୋର୍ପସ' ସହ ମୁଖ୍ୟ ଯୋଗାଯୋଗକାରୀ ଥିଲେ, ତାଙ୍କ ବାସଭବନକୁ ଲକ୍ଷ୍ୟ କରି ଏକ ଆତ୍ମଘାତୀ କାର୍ ବିସ୍ଫୋରଣ କରାଯାଇଥିଲା। ସୂଚନା ଅନୁସାରେ, ଏହି ବିସ୍ଫୋରଣରେ ସାଦିଓଙ୍କ ସମେତ ତାଙ୍କ ପରିବାରର କିଛି ସଦସ୍ୟ ଏବଂ ସୁରକ୍ଷାକର୍ମୀ ମଧ୍ୟ ନିହତ ହୋଇଛନ୍ତି ।ଗୋଟିଏ ପଟେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହତ୍ୟା କରିବାରେ ଆତଙ୍କୀ ଓ ବିଦ୍ରୋହୀ ସଂଗଠନ ସଫଳ ହୋଇଥିବା ବେଳେ ଅନ୍ୟପଟେ ଲିବରେସନ ଫ୍ରଣ୍ଟ (ଏଫ୍ଏଲ୍ଏ) ରଣନୈତିକ ସହର କିଦାଲକୁ ପୁଣି ଥରେ ନିଜ ଦଖଲକୁ ନେଇଛି । ଅନେକ ଘଣ୍ଟାର ଭୟଙ୍କର ଯୁଦ୍ଧ ପରେ ବିଦ୍ରୋହୀ ବାହିନୀ ଗଭର୍ଣ୍ଣରଙ୍କ ପ୍ରାସାଦ ଏବଂ ଜାତୀୟ ଯୁବ କ୍ୟାମ୍ପକୁ କବଜା କରିଛି। ରବିବାର ଅପରାହ୍ନ ସୁଦ୍ଧା ରୁଷୀୟ ଭଡ଼ାଟିଆ ସୈନ୍ୟ ବିଦ୍ରୋହୀଙ୍କ ସହ ବୁଝାମଣା କରି ସହର ଛାଡ଼ିଛନ୍ତି, ଯାହାଫଳରେ ୨୦୨୩ ଶେଷ ପରଠାରୁ ପ୍ରଥମ ଥର ପାଇଁ ଏହି ସହର ସମ୍ପୂର୍ଣ୍ଣ ବିଦ୍ରୋହୀଙ୍କ ହାତକୁ ଚାଲିଯାଇଛି ।

## ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ ପାଇଁ କହିପାରିବେ ନାହିଁ

ନୂଆଦିଲ୍ଲୀ,୨୭।୪: କୋର୍ଟ ଜଣେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଖାରଜ କରିପାରିବେ । କିନ୍ତୁ ତାଙ୍କୁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେବାର କୌଣସି ଅଧିକାର ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଠକେଇ ଓ ଜାଲିଆତି ଅଭିଯୁକ୍ତ ଜଣେ ବ୍ୟକ୍ତିଙ୍କ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଜେବି ପାର୍ଦ୍ଦିୱାଲା ଓ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି। ଝାଡଖଣ୍ଡ ହାଇକୋର୍ଟ ଅଭିଯୁକ୍ତଙ୍କ ଦ୍ୱିତୀୟ ଆଗୁଆ ଜାମିନ ଆବେଦନକୁ ଖାରଜ କରି ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ଓ ନିୟମିତ ଜାମିନ ମାଗିବାକୁ କହିଥିଲେ। କୋର୍ଟ ତାଙ୍କର ପ୍ରଥମ ଆଗୁଆ ଜାମିନକୁ ମଧ୍ୟ ଖାରଜ



କରିଦେଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଏପରି ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଅଧିକାରବିହୀନ ଏବଂ ଯଦି କୌଣସି କୋର୍ଟ ଆଗୁଆ ଜାମିନ ପ୍ରତ୍ୟାଖ୍ୟାନ କରିବାକୁ ପସନ୍ଦ କରନ୍ତି, ତେବେ ସେ ତାହା କରିପାରନ୍ତି, କିନ୍ତୁ ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ କରିବାକୁ ବାଧ କରିପାରିବେ ନାହିଁ।

## ବଣାଇଁ: ଅଂଶୁଘାତରେ ୨ ମୃତ

ବଣାଇଁ,୨୭।୪,(ସବ୍ୟୁ) : ଗ୍ରୀଷ୍ମଲହରି ଓ ଅଂଶୁଘାତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ରବିବାର ସୁନ୍ଦରଗଡ଼ରେ ଅଂଶୁଘାତରେ ଜଣେ ସରକାରୀ କର୍ମଚାରୀଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପାଣିପାଗ ବିଭାଗର ସୂଚନାନୁସାରେ, ଆଜି ସୁନ୍ଦରଗଡ଼ରେ ଦିନର ସର୍ବାଧିକ ତାପମାତ୍ରା ୪୨.୮ ଡିଗ୍ରି ରହିଥିଲା। ଯାହା ସ୍ୱାଭାବିକ ସର୍ବାଧିକ ତାପମାତ୍ରା ଠାରୁ ୦.୬ଡିଗ୍ରି ଅଧିକ ରହିଛି। ସେହିଭଳି ଦିନର ସର୍ବନିମ୍ନ ତାପମାତ୍ରା ୨୭ଡିଗ୍ରି ରହିଛି। ଏହା ମଧ୍ୟ ସ୍ୱାଭାବିକ ତାପମାତ୍ରା ଠାରୁ ୪.୧ ଡିଗ୍ରି ଅଧିକ ରହିଛି। ଜିଲ୍ଲାର ବଣାଇଁ ଉପଖଣ୍ଡରେ ଦୁଇ ଜଣଙ୍କ ଅଂଶୁଘାତ ରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗୁରୁଣ୍ଡିଆ ବ୍ଲକର ଜରଡ଼ା ହାଇସ୍କୁଲର ସହକାରୀ ଶିକ୍ଷକ ଅନୁରାଗ ଏକ୍କା ଜନଗଣନା କାର୍ଯ୍ୟରେ ନିୟୋଜିତ ଥିଲେ। ସେ ଜନଗଣନା ନିମନ୍ତେ ରବିବାର ଜରଡ଼ା ଗାଁ ଯାଇଥିଲେ। ସେଠାରେ ଗଣନା ସମୟରେ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ପତ୍ନୀ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି, ଅନ୍ୟ ଏକ ଦୁଃଖଦ ଘଟଣାକ୍ରମେ, ରବିବାର ଅପରାହ୍ଣରେ କୋଇଡା ବ୍ଲକ୍ କେବଲାଙ୍ଗ ଥାନା ଅନ୍ତର୍ଗତ ବିମଲାଗଡ଼ ଫକିରମୁଣ୍ଡା ଗ୍ରାମରେ ସରକାରୀ ନଳକୂପ ଖୋଳୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁଘଟିଥିବା ଅଭିଯୋଗ ହୋଇଛି । ଗାବ୍ରିଏଲ୍ ମୁଣ୍ଡା (୫୭) ନଳକୂପ ଖୋଳିବା ବେଳେ ସେ ଅଚେତ ହୋଇଯାଇଥିଲେ ।ଗ୍ରାମବାସୀ ତାଙ୍କୁ ନିକଟସ୍ଥ ଲହୁଣୀପଡ଼ା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାବ୍ରିଏଲ୍ଙ୍କ ପରିବାର ଏହି ମୃତ୍ୟୁ ଅଂଶୁଘାତ ଜନିତ ବୋଲି ଅଭିଯୋଗ କରିଛନ୍ତି ।

## ଆନ୍ଦୋଳନ ଧମକ ଦେଲା ଓମ୍ସା

ଭୁବନେଶ୍ୱର,୨୭।୪(ସବ୍ୟୁ): ଆସନ୍ତା ଏକ ମାସ ମଧ୍ୟରେ ସରକାର ଡାକ୍ତରମାନଙ୍କ ଦାବି ପୂରଣ ନକଲେ, ଆଜିଠୁ ଠିକ୍ ଏକ ମାସ ପରେ ଡାକ୍ତରମାନେ ସାମୂହିକ ଇସ୍ତଫା ଦେବେ ବୋଲି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍(ଓମ୍ସା) ପକ୍ଷରୁ ଆଜି ୟୁନିଟ ୬ ସ୍ଥିତ ଓମସା ଭବନରେ ଅନୁଷ୍ଠିତ ସାଧାରଣ ସଭାରେ ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁସାରେ ଓମସା ପକ୍ଷରୁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ ସହିତ କ୍ୟାଡର ପୁର୍ନଗଠନ, ସ୍ୱଚ୍ଛ ବଦଳି ନୀତି ଭଳି ବିଭିନ୍ନ ଦଫା ଦାବି ନେଇ ପୂର୍ବରୁ ବାରମ୍ବାର ଆନ୍ଦୋଳନ କରାଯାଇ ଆସୁଥିଲା। ଜାନୁଆରି ମାସରେ ଓମସା ଡାକ୍ତରମାନେ ଦୁଇ ଘଣ୍ଟା ଓପିଡି ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ୪ ମାସ ଭିତରେ ଡାକ୍ତରଙ୍କ ଦାବି ପୂରଣ କରିବା ନେଇ ସରକାର ପ୍ରତିଶ୍ରୁତି ଦେଇଥିଲେ।

## ଶିଶୁର ଜୀବନ ନେଲା ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ

ବାସୁଦେବପୁର,୨୭।୪,(ସବ୍ୟୁ): ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ନେଇ ଗଲା

### ଡାକ୍ତରଖାନାରେ ଭଙ୍ଗାରୁଜା : ପୋଲିସ ମୁତୟନ

କୋମଳମତୀ ଶିଶୁର ଜୀବନ । ଯାହାକୁ ନେଇ ଡ଼ାକ୍ତରଖାନାରେ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିବା ସହ ପୂର୍ବାହ୍ନ ୧୦ ଟା ଠାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଲାଗି ରହିଥିଲା ଉତ୍ତେଜନା । ପଦ୍ମପୁର ପଞ୍ଚାୟତର ମେଲକ ସାହିର ଦେବକାନ୍ତ ବାରିକଙ୍କ ପୁଅ ମୁକେଶ (୧୪) ରବିବାର ସକାଳୁ କ୍ରିକେଟ ଖେଳୁଥିବା ବେଳେ ପଡି ଯିବାରୁ ଗୋଡ ଆଣ୍ଠୁରେ ଖୁଞ୍ଚ ପସିଗଲା । ରକ୍ତ ବନ୍ଦ କରିବାକୁ ପଦ୍ମପୁର ଏକ କ୍ୱାକ ଦେଖାଇ ଥିଲେ । ପରେ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ । ଚାଲିଚାଲି ଆସି ମୁକେଶ ଡାକ୍ତରଙ୍କୁ ଗୋଡ ଦେଖାଇଥିଲା । ଡାକ୍ତର ଇଞ୍ଜେକ୍ସନ ଲେଖିଥିଲେ । ଡାକ୍ତରଙ୍କ ପ୍ରେସକିଂନ ଅନୁସାରେ ଷ୍ଟାଫ ନର୍ସ ଲଗାତର ତିନୋଟି ଇଞ୍ଜେକ୍ସନ ଦେଇଥିଲେ । ସେଥିମଧ୍ୟରୁ ଗୋଟିଏ ଭେନରେ, ଗୋଟିଏ ପିଚାରେ ଓ ଅନ୍ୟଟି ହାତରେ ଦେଇଥିଲେ । ଭେନରେ ଇଞ୍ଜେକ୍ସନ ଦେବା ସମୟରେ ଟେଷ୍ଟ କରିନଥିଲେ । ଇଞ୍ଜେକ୍ସନ ରିଆକ୍ସନ କରିଥାଇ ପାରେ ବୋଲି ସନ୍ଦେହ କରାଯାଉଛି । କିଛି ସମୟ



ପରେ ମୁକେଶ ବାନ୍ତି କରିଥିଲା । ତାଙ୍କୁ ବେଡ ଉପରେ ଶୁଆଇ ଦେଇ ଡାକ୍ତରଙ୍କୁ ଡାକିଥିଲେ । ଡାକ୍ତର ସିପିଆର ଦେଇଥିଲେ । ହେଲେ ସେତେବେଳକୁ ଶିଶୁ ମୃତ୍ୟୁ ବରଣ କରିଥିଲା । ଶିଶୁର ମୃତକୁ ସହଜରେ ପରିବାର ଲୋକ ଗ୍ରହଣ ( ୯ ପୃଷ୍ଠାରେ)

# ଇତିହାସ

୧୬୬୨- ନେଦରଲାଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ସୈନ୍ୟ ଚୁକ୍ତି ଉପରେ ସ୍ୱାକ୍ଷରିତ ।

୧୭୪୮ - ମୋଗଲ ବାଦଶାହ ମହମ୍ମଦ ଶାହଙ୍କ ନିଧନ ।

୧୯୦୮ - ଲଣ୍ଡନରେ ଚତୁର୍ଥ ଅଲମ୍ପିକ ଆରମ୍ଭ ।

୧୯୬୦- ଦିଲ୍ଲୀରେ ନ୍ୟାସନାଲ ଡିଫେନ୍ସ କଲେଜର ପ୍ରତିଷ୍ଠା ।

୧୯୬୧- ୧୫୦ ବର୍ଷ ପରେ ବ୍ରିଟେନ୍ ଶାସନରୁ ମୁକ୍ତ ହେଲା ପଶ୍ଚିମ ଆଫ୍ରିକା ଦେଶ ସିୟରା ଲିଓନ ।

୧୯୭୨- ମହାକାଶଯାନ ଆପୋଲୋ ୧୬ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲା ।

୧୯୮୯ - ବାଙ୍ଗଲାଦେଶର ଝଡ଼ତୋଫାନରେ ୫୦୦ ଲୋକଙ୍କ ମୃତ୍ୟୁ ।

୨୦୦୯ - ହିନ୍ଦୀ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ଫିରୋଜ ଖାନ୍‌ଙ୍କ ନିଧନ ।



# ବଢ଼ିବ ପ୍ରାକୃତିକ ବିପର୍ଯ୍ୟୟ

'ଜିଓଫିଜିକାଲ୍ ରିସର୍ଚ୍ଚ ଲେଟର୍ସ' ପତ୍ରିକାରେ ପ୍ରକାଶିତ ଏକ ନୂତନ ଗବେଷଣା ଅନୁଯାୟୀ, ଚଳିତ ଶତାବ୍ଦୀର ଶେଷ ଆଡ଼କୁ ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ମରୁଡ଼ିର ମିଳିତ ପ୍ରଭାବର ସାମ୍ନା କରିବେ । ଜର୍ମାନୀ ଏବଂ ଚୀନ୍‌ର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ, ୨୦୯୦ ଦଶକ ସୁଦ୍ଧା ବିଶ୍ୱର ପ୍ରାୟ ୨୮ ପ୍ରତିଶତ ଲୋକ ବର୍ତ୍ତମାନ ତୁଳନାରେ ଅତିକମରେ ୫ ଗୁଣ ଅଧିକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବେ । ଯେତେବେଳେ ପ୍ରବଳ ଉତ୍ତାପ ଏବଂ ମରୁଡ଼ି ଏକାସାଙ୍ଗରେ ଘଟେ, ଏହାର ପରିଣାମ ଅତ୍ୟନ୍ତ ମାରାତ୍ମକ ହୋଇଥାଏ । ଏହା ଫଳରେ ଗରମ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି, ଜଙ୍ଗଲ ନିଆଁ, ଖାଦ୍ୟ ଉତ୍ପାଦନରେ ହ୍ରାସ ଏବଂ ବ୍ୟାପକ ଅର୍ଥନୈତିକ ଅସ୍ଥିରତା ଦେଖାଦେବାର ଆଶଙ୍କା ରହିଛି । ଚୀନ୍‌ର ଜଳବାୟୁ ବିଜ୍ଞାନୀଙ୍କ ମତରେ, ଏହା ଜଳ ବ୍ୟବହାର ଉପରେ କଟକଣା ଲଗାଇବା ସହ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ ଏବଂ ବାହାରେ କାମ କରୁଥିବା ଶ୍ରମିକମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ । ଗବେଷଣାରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ, ବର୍ତ୍ତମାନର ସରକାରୀ ନୀତି ଅନୁଯାୟୀ ଯଦି ବିଶ୍ୱର ତାପମାତ୍ରା ୨.୭ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଏ, ତେବେ ଏହି ସଙ୍କଟ ବର୍ତ୍ତମାନ ତୁଳନାରେ ୨.୪ ଗୁଣ ଅଧିକ ହେବ । ତେବେ ଏହାର ପ୍ରଭାବ ସବୁ ଦେଶରେ ସମାନ ରହିବ ନାହିଁ । ତେବେ ସମସ୍ତଙ୍କୁ ମିଳିମିଶି ଏ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଏହି ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି ।

# ବଦଳୁଛି ରୁଚି

ଡିଜିଟାଲ୍ ଥକ୍କାପଣରୁ ମୁକ୍ତି ପାଇବା ପାଇଁ ଯୁବପିଢ଼ି ଏବେ ଜୀବନଶୈଳୀରେ ପରିବର୍ତ୍ତନ ଆଣୁଛନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ କ୍ଲବରେ ପାର୍ଟି ନ କରି ବୁଣାବୁଣି, ଫୁଲ ସଜାସଜା, ମାଛ ଧରିବା ଏବଂ ପାତ୍ର ତିଆରି ଭଳି ପୁରୁଣା ଶୈଳୀର ସଉକ ପାଳୁଛନ୍ତି । ଏହି ଧାରାକୁ 'ଗ୍ରାନିକୋର' କୁହାଯାଉଛି, ଯେଉଁଥିରେ 'ବୁମର୍ସ' ବା ପୂର୍ବ ପିଢ଼ିର ଅଭ୍ୟାସଗୁଡ଼ିକୁ ପୁନର୍ଜୀବିତ କରାଯାଉଛି । କାରଣ ବୈଜ୍ଞାନିକମାନଙ୍କ ମତରେ ସିଲେଇ-ବୁଣା ଭଳି କାମ ଏକାଗ୍ରତା ବଢ଼ାଇବା ସହ ମାନସିକ ଚାପ କମାଇବ । ଆମେରିକା, ବ୍ରିଟେନ ଓ ଜର୍ମାନୀ, ସିଙ୍ଗାପୁର ଓ ଭିଏତନାମ ପର୍ଯ୍ୟନ୍ତ ଏହି ଟ୍ରେଣ୍ଡ ବ୍ୟାପିବାରେ ଲାଗିଛି । ଯେଉଁଠି 'ଇଭେଣ୍ଟବ୍ରାଇଟ୍' ଅନୁଯାୟୀ ଜେନ୍-ଜି ପିଢ଼ି ମଧ୍ୟରେ ବେକିଂ, ବିଙ୍ଗୋ ଖେଳ ଏବଂ ପକ୍ଷୀ ନିରୀକ୍ଷଣ ପ୍ରତି ଆଗ୍ରହ ବୃଦ୍ଧି ପାଇଛି । ଟ୍ରେଣ୍ଡ ଆନାଲିଷ୍ଟଙ୍କ ଅନୁସାରେ, ଯୁବପିଢ଼ି ଏବେ ପୁରୁଣା ଦିନରେ ବଞ୍ଚିବାକୁ ଚାହୁଁଛନ୍ତି । ସୃଜନଶୀଳ କାର୍ଯ୍ୟ ମାଧ୍ୟମରେ 'ସେଲ୍ଫ-କେୟାର' କରୁଛନ୍ତି ।



# ମଣିଷଙ୍କୁ ପରାସ୍ତ କରୁଛି ରୋବୋ

ଏଆଇ କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛି ସୋନି କମ୍ପାନୀ । ଏହାର ଇଞ୍ଜିନିୟରମାନେ ଏକ ଏପରି ରୋବଟ୍ ପ୍ରସ୍ତୁତ କରିଛନ୍ତି, ଯିଏ ବିଶ୍ୱର ଅନେକ ଦକ୍ଷ ଆମେଚର ଟେବୁଲ ଟେନିସ ଖେଳାଳିଙ୍କୁ ପରାସ୍ତ କରିପାରୁଛି । ରୋବଟ୍‌ଟି ଅଭିଜ୍ଞ ଖେଳାଳିଙ୍କ ବିପକ୍ଷରେ ୫ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇଥିବା ଜଣାପଡିଛି । ଏହାସହ ୧୩ଟି ଗେମ୍‌ରୁ ୭ଟି ଜିତି ଦକ୍ଷତାର ପ୍ରମାଣ ଦେଇଛି । ତେବେ ଜାପାନୀ ଲିଗ୍‌ର ପେସାଦାର ଖେଳାଳିଙ୍କ ବିପକ୍ଷରେ ଏହା ସାମାନ୍ୟ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଥିଲା । ତଥାପି ରୋବଟର ଏହି ଉପଲବ୍ଧିକୁ 'ଫିଜିକାଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' କ୍ଷେତ୍ରରେ ବଡ ଉପଲବ୍ଧି ବୋଲି କୁହାଯାଉଛି । ଏହା ପ୍ରମାଣିତ କରିଛି ଯେ ଏକ ସ୍ୱୟଂଚାଳିତ ରୋବଟ୍ ବାସ୍ତବ ଦୁନିଆର ପ୍ରତିଯୋଗିତାମୂଳକ କ୍ରୀଡ଼ାରେ କ୍ଷିପ୍ର ନିଷ୍ପତ୍ତି ନେଇପାରିବ । ଏହି ରୋବଟ୍‌ର ବିଶେଷତ୍ୱ ହେଉଛି ଏହାର ଉନ୍ନତ 'ପର୍ସେପ୍ସନ ସିଷ୍ଟମ', ଯାହା କେବଳ ସ୍ପିଡ୍ ବଲ୍‌କୁ ଟ୍ରାକ୍ କରେ ନାହିଁ ବରଂ ବଲ୍‌ର 'ସ୍ପିନ୍' କୁ ମଧ୍ୟ ବୁଝିପାରେ । ଏକକୁ ଏକ ଶକ୍ତିଶାଳୀ ୮- ଜଏଣ୍ଟ ବିଶିଷ୍ଟ ରୋବୋଟିକ ବାହୁ ଏବଂ 'ଡିପ୍ ରିଇନଫୋର୍ସମେଣ୍ଟ ଲର୍ଣ୍ଣିଂ' ଜରିଆରେ ପ୍ରଶିକ୍ଷିତ କରାଯାଇଛି । ବୈଜ୍ଞାନିକଙ୍କ ମତରେ, ରୋବଟ୍‌ଟି ଆଗାମୀ ଦିନରେ ବାସ୍ତବ ଦୁନିଆର ଜଟିଳ ଏବଂ ଗତିଶୀଳ ପରିବେଶରେ ରୋବଟ୍‌ମାନଙ୍କ ବ୍ୟବହାର ପାଇଁ ଏକ ନୂତନ ଦିଗ ଖୋଲିବ ।




# ଜାରି ରହିବ ସୁଟିଂ



ସାଉଥ୍ ସୁପରଷ୍ଟାର ଆଲୁ ଅର୍ଜୁନ ଏବଂ ନିର୍ଦ୍ଦେଶକ ଅଟଲୀଙ୍କ ଆଗାମୀ ବହୁ ପ୍ରତିକ୍ଷିତ ପାନ-ଇଣ୍ଡିଆ ଚଳଚ୍ଚିତ୍ର 'ରାକା'କୁ ନେଇ ଚାଲିଥିବା ସମସ୍ତ ଗୁଜବ ଉପରେ ଏବେ ପ୍ରଯୋଜନା ସଂସ୍ଥା ବିରାମ ଲଗାଇଛନ୍ତି । ଦୀପିକା ପାଦୁକୋନ ଦ୍ୱିତୀୟ ଥର ପାଇଁ ଗର୍ଭବତୀ ଥିବାରୁ ଏହି ଫିଲ୍ମରୁ ତାଙ୍କ ଭୂମିକା ହ୍ରାସ କରାଯିବ କିମ୍ବା ତାଙ୍କୁ ବଦଳାଯିବ ବୋଲି ଚର୍ଚ୍ଚା ହେଉଥିଲା । ମାତ୍ର ନିର୍ମାତାମାନେ ସ୍ପଷ୍ଟ କରିଛନ୍ତି ଯେ ଏସବୁ ମିଥ୍ୟା ଏବଂ ଦୀପିକା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ସୁଟିଂ ଜାରି ରଖିବେ । ସୂଚନା ଅନୁଯାୟୀ, ଦୀପିକା ଏହି ସାଇନ୍ସ-ଫିକ୍ସନ ଆକ୍ସନ ଫିଲ୍ମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ କଷ୍ଟକର ଆକ୍ସନ ସିକ୍ୱେନ୍ସର ସୁଟିଂ କରୁଛନ୍ତି । ଯେଉଁଥିପାଇଁ ସେଟ୍‌ରେ ସମସ୍ତ ପ୍ରକାରର ସତର୍କତା ଅବଲମ୍ବନ କରାଯାଉଛି । ଏହାପୂର୍ବରୁ ୨୦୨୪ରେ ନିଜ ପ୍ରଥମ ସନ୍ତାନ ଦୁଆଙ୍କ ଜନ୍ମ ସମୟରେ ମଧ୍ୟ ସେ 'କଳ୍କି ୨୮୯୮ ଏଡି'ର ସୁଟିଂ ସଫଳତାର ସହ ଶେଷ କରିଥିଲେ । ସନ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରରେ ଅଲୁ ଅର୍ଜୁନଙ୍କ ଭୟଙ୍କର ଅବତାର ଏବଂ ଦୀପିକାଙ୍କ 'କ୍ୱିନ୍' ଲୁକ୍ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ାଇଥିବା ବେଳେ ଏହା ଅଟଲୀ ଓ ଦୀପିକାଙ୍କ ଦ୍ୱିତୀୟ ମିଳିତ ପ୍ରୋଜେକ୍ଟ ହେବାକୁ ଯାଉଛି ।

## ଓଡ଼ିଆ ରୁଚି

# ଛେନା ବିସ୍କୁଟ



**ସାମଗ୍ରୀ:** ମଇଦା ୧ କପ, ଚିନି ଅଧାକପ, କ୍ଷୀର ଆଧାକପ, ଛେନା ଅଧାକପ, ରିଫାଇନ ତେଲ, ବେକିଂ ପାଉଡର, ଘିଅ, ଲୁଣ ।

**ପ୍ରଣାଳୀ :** ପ୍ରଥମେ ଚିନିକୁ ଗୁଣ୍ଡ କରି ଦିଅନ୍ତୁ । ମଇଦା ସହିତ ବେକିଂ ପାଉଡରକୁ ଭଲଭାବରେ ମିଶାଇ ଦିଅନ୍ତୁ । ଚିନି, ଲୁଣ, ଘିଅ, ରିଫାଇନ, ଚିପୁଡା ଛେନାକୁ ମିଶାଇ ଭଲଭାବରେ ଚକଟି ଦିଅନ୍ତୁ । ସେଥିରେ ମଇଦା ଓ କ୍ଷୀର ମିଶାଇ ଦଳି ଦିଅନ୍ତୁ । ଏଥିରୁ ମନ ମୁତାବକ ଆକାରର ବିସ୍କୁଟ କାଟି ଓଭାନରେ ରଖି ବେକ କରନ୍ତୁ ।



# ତକିଆ ଭଲ ତ ନିଦ ଭଲ

ଆମର ଦୈନନ୍ଦିନ କାର୍ଯ୍ୟଦକ୍ଷତା ରାତିର ନିଦ ଉପରେ ନିର୍ଭର କରିଥାଏ ଏବଂ ଏଥିରେ ତକିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷଜ୍ଞଙ୍କ ଅନୁସାରେ ଏକ ସଠିକ୍ ତକିଆ ଶରୀରର 'ନ୍ୟୁଟ୍ରାଲ୍ ସ୍ପାଇନ୍ ଆଲାଇନ୍‌ମେଣ୍ଟ' ବଜାୟ ରଖିବାରେ ସାହାଯ୍ୟ କରେ । ଯାହା ଫଳରେ ମେରୁଦଣ୍ଡ ଏହାର ପ୍ରାକୃତିକ ଏସ୍ ଆକୃତିରେ ରହିଥାଏ । ଭୁଲ୍ ତକିଆ ବ୍ୟବହାର କଲେ ବେକ ଯନ୍ତ୍ରଣା, କାନ୍ଧରେ ରକା, ସ୍ଲିପ୍ ଡିସ୍କ ଏବଂ ରକ୍ତ ସଞ୍ଚାଳନରେ ବାଧା ଭଳି ସମସ୍ୟା ଦେଖାଦେଇଥାଏ । ବିଶେଷଜ୍ଞଙ୍କ ମତରେ, ଯେଉଁମାନେ କଡ଼ ମାଡ଼ି କିମ୍ବା ଚିତ୍ ହୋଇ ଶୁଅନ୍ତି, ସେମାନଙ୍କ ପାଇଁ ତକିଆ ବ୍ୟବହାର କରିବା ଉଚିତ୍ । ହେଲେ ପେଟେଇ ଶୋଉଥିବା ଲୋକ ଏବଂ ଛୋଟ ପିଲାମାନେ ତକିଆ ବ୍ୟବହାର କରିବା ଅନୁଚିତ୍ । ଏକ ସଠିକ୍ ତକିଆ ବାଛିବା ପାଇଁ ଏହାର ଉଚ୍ଚତା ଏବଂ ନରମତା ପ୍ରତି ଧ୍ୟାନ ଦେବା ଜରୁରୀ । ଅଧିକ ଉଚ୍ଚ ତକିଆ ବେକକୁ ଆଗକୁ ନୁଆଁଇ ଦେଇଥାଏ, ଯାହା ଶରୀର ପାଇଁ କ୍ଷତିକାରକ ପାଲଟିଥାଏ । ଏଥିସହ ପୁରୁଣା ଏବଂ ଅପରିଷ୍କାର ତକିଆରେ ବ୍ୟାକ୍ଟେରିଆ ଓ ଧୂଳି ଜମିବା ଫଳରେ ଆଲର୍ଜି ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟା ହୋଇପାରେ । ସେଥିପାଇଁ ମେମୋରୀ ଫୋମ୍ କିମ୍ବା ସୂତା ତକିଆ ବ୍ୟବହାର କରିବା ସହ ନିଜର ଶୋଇବା ଶୈଳୀ ଅନୁଯାୟୀ ସଠିକ୍ ତକିଆ ଚୟନ କରିବା ଆବଶ୍ୟକ । ଯାହା ଦ୍ୱାରା ମାଂସପେଶୀ ଉପରେ ଚାପ ପଡ଼ିବ ନାହିଁ ଏବଂ ଆପଣ ଏକ ଗଭୀର ତଥା ଆରାମଦାୟକ ନିଦ ପାଇପାରିବେ । ଆବଶ୍ୟକତା ଠାରୁ ଅଧିକ ତକିଆ ବ୍ୟବହାର କରିବା କିମ୍ବା ତକିଆ ଉପରେ କାନ୍ଧ ରଖି ଶୋଇବା ଭଳି ସାଧାରଣ ଭୁଲ୍‌ରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି ।

# ସୋସିଆଲ କୋଟ୍ସ



ସଲମାନ ଓ ମୋ ଯୋଡି ସବୁବେଳେ ଖାସ । ବଜରଙ୍ଗୀ ଭାଇଜାନ ଫିଲ୍ମକୁ ୧୦ ବର୍ଷ ହେଲାଣି ଏବେ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳୁଛି ।

-କବିର ଖାନ୍, ଫିଲ୍ମ ମେକର



ଫ୍ୟାମିଲି ମ୍ୟାନ ୩ ମୋ ପାଇଁ ସବୁବେଳେ ଖାସ ରହିବ । ସେଟ୍‌ରେ ଅନେକ ମଜା ମସ୍ତିରେ ସୁଟିଂ ହୁଏ । ସମସ୍ତଙ୍କ ଠାରୁ କିଛି ନା କିଛି ଶିଖିବାକୁ ମିଳିଥାଏ ।

-ପ୍ରିୟାମଣି, ଅଭିନେତ୍ରୀ



ମୋତେ ମୋ ମିମ୍‌ସ ଖୁବ ଭଲ ଲାଗେ । ମୁଁ ସେଗୁଡିକ ଦେଖି ଖୁବ ଏଞ୍ଜୟ କରିଥାଏ । ଏହାକୁ ସବୁବେଳେ ମୁଁ ସକାରାତ୍ମକତାରେ ନେଉଥିବାରୁ ମୋ ଜୀବନଶୈଳୀ ଖୁବ୍ ସହଜ ମନେହୋଇଥାଏ ।

-ଶାରିବ, ଅଭିନେତା

## ବୈଶାଖ ଶୁକ୍ଳ ଏକାଦଶୀ

**୨୭.୪.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ:** ଅର୍ଥ ସମସ୍ୟା, ମାନସିକ କଷ୍ଟ, କର୍ମ କ୍ଷେତ୍ରରେ ପରିଶ୍ରମ, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଯାତ୍ରାରେ ସମସ୍ୟା, ଶତ୍ରୁ ସମସ୍ୟା, ଦେବ କାର୍ଯ୍ୟରେ ଆଗ୍ରହ, ଶାରୀରିକ ସୁସ୍ଥତା । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ସଫଳ, ଶାରୀରିକ ସୁସ୍ଥତା, ଅର୍ଥ ଲାଭ, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣ ଯୋଗ, ଦ୍ରବ୍ୟ ଲାଭ, ପାରିବାରିକ ସୁଖ, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତି ଲାଭ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଅଶାନ୍ତି, ବନ୍ଧୁ ସମସ୍ୟା, ଅଯଥା ଚିନ୍ତା, କାର୍ଯ୍ୟରେ ଅସନ୍ତୋଷ, ଆଶାରେ ବାଧା, ଶୁଭ ଖବର, ଗୃହେ ଉତ୍ସବ, ଯାତ୍ରାରେ ସାବଧାନ, ଶାରୀରିକ ସୁସ୍ଥ, ସନ୍ତାନ ସୁଖ, ବିଦ୍ୟାରେ ସଫଳ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ଭ୍ରମଣ ଯୋଗ, ସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଉଚ୍ଚ ଆଶାରେ ବିଳମ୍ବ, ଗୃହେ ଶୁଭ ସମାଚାର, ଲୋକସମ୍ପର୍କରେ ଉନ୍ନତି, ଦାମ୍ପତ୍ୟ ସୁଖ, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ, ଦେବ କାର୍ଯ୍ୟ ପ୍ରତି ଆଶକ୍ତି । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ସମ୍ମାନ ପ୍ରାପ୍ତି, ଦୂର ଯାତ୍ରା, ଅତିଥିଚର୍ଚ୍ଚା, ନୂତନ ଦ୍ରବ୍ୟ ଲାଭ, ବ୍ୟବସାୟରେ ଉନ୍ନତି, ଶୁଭ ସମାଚାର, କର୍ମକ୍ଷେତ୍ରରେ ସମସ୍ୟା, ଶାରୀରିକ ସୁସ୍ଥତା, ସ୍ୱାଦିଷ୍ଟ ଭୋଜନେ ଆନନ୍ଦ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶାରୀରିକ ଅସୁସ୍ଥ, ଉତ୍ସବ ପ୍ରତି ଆଗ୍ରହ, ପାରିବାରିକ କଳହ, ସମ୍ପତ୍ତି ବିବାଦ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଭ୍ରମଣ ଯୋଗ, ବ୍ୟବସାୟରେ ଶତ୍ରୁତା, ଅର୍ଥ ସମସ୍ୟା । ଉତ୍ତରାଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା:** ମାନସିକ ଅବସାଦ, ଦୂର ଯାତ୍ରା, ବୟୋଜେଷ୍ଠ ବ୍ୟକ୍ତିଙ୍କ ସମସ୍ୟା, ପାରିବାରିକ ଖୁସି, ଅର୍ଥ ଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବକାର୍ଯ୍ୟ ରହିବ, ଯାତ୍ରାରେ ସତର୍କ, ସନ୍ତାନ ସମସ୍ୟା, ବନ୍ଧୁ ଦର୍ଶନ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ବିଛା:** ଦ୍ରବ୍ୟ ଲାଭ, ବ୍ୟବସାୟରେ ଲାଭ, ଭୂସମ୍ପତ୍ତି ଲାଭ, ପାରିବାରିକ ସହଯୋଗ, ବିବାଦିତ କାର୍ଯ୍ୟରେ ବିଜୟ, ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲଡେନ, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ବନ୍ଧୁ ସହଯୋଗ, ଦୂର ଯାତ୍ରା, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥ ସମସ୍ୟା, ସମ୍ପର୍କ ବୃଦ୍ଧି, ଭ୍ରାତୃଭଗ୍ନିଙ୍କ ସ୍ନେହ, ସମ୍ମାନ ପ୍ରାପ୍ତି, ଦାମ୍ପତ୍ୟ ଖୁସି, ବିଦ୍ୟାରେ ଅସଫଳ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ପ୍ରତିକାର-ପିତାମାତାଙ୍କ ସ୍ନେହ ।

**ମକର:** ପିଲାଙ୍କ କଷ୍ଟ, ଅର୍ଥ ସମସ୍ୟା, ଶାରୀରିକ କଷ୍ଟ, ମାନସିକ ଅଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ସନ୍ତୋଷ, ବନ୍ଧୁ ସହଯୋଗ, ଯାତ୍ରାରେ ସତର୍କ, ସମ୍ପତ୍ତି ବିବାଦ, ଗୃହେ ସହଯୋଗ, ଦ୍ରବ୍ୟ ଲାଭ, ବ୍ୟକ୍ତି ସହାୟତା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୩, ଆରାଧନା- ଲକ୍ଷ୍ମୀ ନୃସିଂହ ।

**କୁମ୍ଭ:** କଳହ ଯୋଗ, ଦୂର ଯାତ୍ରା, ଅର୍ଥ ଖର୍ଚ୍ଚ, ଶାରୀରିକ ଅସୁସ୍ଥତା, ବନ୍ଧୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ମାନସିକ ଆଘାତ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ ।

**ମୀନ:** ଆଶା ସଫଳ, ବନ୍ଧୁ ଲାଭ, ଗୃହେ ଉତ୍ସବ, ଦୂର ଯାତ୍ରା, ସନ୍ତାନ ଖୁସି, ନୂତନ ନିଯୁକ୍ତି, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ । ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଶ୍ରୀରାମ ।



# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର(ସବ୍ୟୁ): ନବଉତ୍କଳର ନିର୍ମାତା, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ ବୋଲି ଅତିଥିମାନେ ମତପୋଷଣ କରିଥିଲେ ।

ଆଜି (ରବିବାର) ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ସଦସ୍ୟବୃନ୍ଦ, ପାରଳା ଗଜପତି ବିକାଶ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ।

# ସ୍କାଇଲାଇଟ ଭାଙ୍ଗି ଘରୁ ଚୋରି

ମହାକାଳପଡ଼ା,(ସବ୍ୟୁ):ମହାକାଳପଡ଼ା ଥାନାଞ୍ଚଳ ଗୌଡ଼ବାଡ଼ ପୁର ଗାଁ ର ବିକାଶ ମଲ୍ଲଙ୍କ ପରିବାର ଲୋକଙ୍କ ଅନୁପସ୍ଥିତିରେ ସୁଯୋଗ ଉଣ୍ଡି ଲୁଟେରା ଶନିବାର ଅପରାହ୍ନରେ ଘର ସ୍କାଇଲାଇଟ ଭାଙ୍ଗି କଂସାବାସନ ଚୋରାଇନେଇଥିଲେ। ଦକ୍ଷିଣପୂର୍ବ ରେଳପଥ ର ପାରାଦ୍ୱୀପ ରେଲୱେ ଷ୍ଟେସନ ରେ ଲୋକୋପାଇଲଟ ଭାବେ କାର୍ଯ୍ୟକରୁଥିବା ବିକାଶ ସପରିବାର ବାହାରେ ରହୁଥିବାରୁ ଚୋରି ହେବା ଖବର ପାଇଁ ଶନିବାର ଘରକୁ ଆସି ଘଟଣା ତନଖି ଥାନାରେ ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ସନ୍ଦେହ ଜନକ ଭାବେ ଗ୍ରାମସ୍ଥ ସ୍ୱାଧୀନ ସେଠି ଓରଫ ଧନ (୧୯) ଚୋରି କରିଥିବାର ଅଭିଯୋଗ ରେ ଦର୍ଶାଇଥିଲେ। ପୋଲିସ ସ୍ୱାଧୀନ କୁ ଡାକି ପଚରା ଉଚରା କରିବା ପରେ ସବିଶେଷ ତଥ୍ୟ ଓ ସହଯୋଗୀ ଚୋର ଏବଂ ବିକ୍ରି ଯାଇଥିବା ସାମଗ୍ରୀ ର ଠିକଣା ମଧ୍ୟ ହସ୍ତଗତ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ସହଯୋଗୀ ଚୋର ଗୌଡ଼ବାଡ଼ପୁର ଗାଁ ର ଜଗନ ସେଠି(୩୪ )ଓ ଗୋପାଳପୁର ଗାଁ ର ନଙ୍ଗୁଳି ଚରଣ ପ୍ରଧାନ ଓରଫ ନଙ୍ଗୁ (୩୬)ଙ୍କୁ ଠାବ କରିଥିଲା। ସେହିପରି କବାଡିଆ ଦୋକାନୀ ମାର୍ଶାଘାଇ ଥାନା ଅଧୀନ କୁସୁନପୁର ଗାଁ ର ଅରକ୍ଷିତ ଦାସଙ୍କ ଠାରୁ ୫୫୦୦୦ ଟଙ୍କାକୁ ବିକ୍ରୟ ଠାକୁର କଂସାବାସନ ଜବତ କରିବା ସହିତ ଦୋକାନୀଙ୍କୁ ଡକାଇ ପଚରା ଉଚରା କରିଥିଲେ। ଅଭିଯୋଗ ମୁତାବକ ପୋଲିସ ମାମଲା ୧୨୧/୨୬ ରୁଜୁ କରି ତିନି ଚୋରଙ୍କୁ ରବିବାର କୋର୍ଟ ଫରୱାର୍ଡ଼ କରିଥିବାର ଜଣାପଡିଛି।



# ଜଳିଗଲା ୬ ବଖରା

ପାଣିକୋଇଲି,(ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଂଚାୟତର ଠାକୁରପାଟଣା ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ଜଳିଯିବା ସହ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର ନିର୍ଦ୍ଦିଷ୍ଟ କାରଣ ଜଣା ପଡିନଥିବା ବେଳେ ସର୍ଟ ସର୍କିଟ ବା ବରଯାତ୍ରୀ ବାଣରୁ ନିଆଁ ଲାଗିଥିବା ନେଇ ଆଲୋଚନା ହେଉଛି। ପ୍ରକାଶଯେ ଠାକୁରପାଟଣା ଗ୍ରାମର ନରେନ୍ଦ୍ର ମାଝୀଙ୍କ ଘରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନିଆଁ ଲିଭାଇବା ସମ୍ଭବ ହୋଇନି। ଖବରପାଇ, ଯାଜପୁରରୋଡ, ଦାନଗଦି ଓ ରସୁଲପୁର ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ହେଁ ୬ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଚି। ନିଆଁର ପ୍ରକୋପରୁ ଘର ମଧ୍ୟରୁ ଆସବାସପତ୍ର ବାହାର କରିବା ସମ୍ଭବ ନହେବାରୁ ସବୁ କିଛି ପୋଡି ଛାରଖାର ହୋଇଯାଇଛି।

# ଚାଷ ଜମିରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ମହାକାଳପଡ଼ା,(ସବ୍ୟୁ) କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ବେଣାକନ୍ଦା ଗ୍ରାମରେ ଚାଷ ଜମିରୁ ଜଣେ ବିବାହିତ ମହିଳଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ରବିବାର ପୂର୍ବାହ୍ନ ରେ ଉଦ୍ଧାର ହୋଇଥିବାର ଜଣାପଡିଛି । ମୃତ ମହିଳାଙ୍କ ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ । ମୃତ ମହିଳା ଜଣଙ୍କ ହେଲେ ବିଶ୍ୱଜିତ ମଣ୍ଡଳଙ୍କ ପନି ଶୁରେଖା ମଣ୍ଡଳ ,ତାଙ୍କର ବିବାହ ତିନି ବର୍ଷ ତଳେ ହୋଇଥିଲା ।ତାଙ୍କର ଏକ ଦେଢ ବର୍ଷର ପିଲାଥିବା ସୁଚନା ମିଳିଛି । ମୃତ ମହିଳାଙ୍କ ଘର ପଟ୍ଟାମୁଣ୍ଡାଇ ବ୍ଲକ ନଢଳିଆ ଗ୍ରାମରେ ବୋଲି ଜଣାପଡିଛି । ପରିବାର ଲୋକେ ଅଭିଯୋଗରେ ଝିଅକୁ ଶାଶୁ ଘର ଲୋକେ ପୂର୍ବରୁ ବାରମ୍ବାର ମାରଧର କରିବା ସହିତ ନିର୍ଯାତନା ଦେଉଥିଲେ ଏବେ ଝିଅକୁ ପୋଡି ମାରି ଦେଇଛନ୍ତି । ମୃତ ମହିଳାଙ୍କର ସ୍ୱାମୀକୁ ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ଅଟକ ରଖି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭକରିଛି । ଘଟଣା ସ୍ଥଳରେ ଅର୍ଦ୍ଧଦଗ୍ଧ ମୃତଦେହ ନିକଟରେ ଦୁଇ ପ୍ଲାଷ୍ଟିକ ଜାର ସହିତ କିଛି ପୋଡା ପାଳ ଗଦାହେଇ ରହିଥିବା ଦେଖିବାକୁ ମିଳିଛି । ମୃତ ମହିଳାଙ୍କ ହାତରେ କାଚ ପିନ୍ଧିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା କୁ କେହି କେହି ପ୍ରାୟୋଜିତ ବୋଲି କହୁଛନ୍ତି ।ଘଟଣାଟି ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି ।

# ଫଳ ଦୋକାନରୁ ଚୋରି

କଟକ,(ସବ୍ୟୁ): ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ନିକଟରେ ଥିବା ଏକ ଅସ୍ଥାୟୀ ଫଳ ଦୋକାନରୁ ଗତକାଲି ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏଥି ସହିତ ଦୋକାନ ବାହାରେ ଥିବା କିଛି ମୂଲ୍ୟବାନ କାଠପଟାକୁ ନେଇଯାଇଛନ୍ତି। ଦୋକାନ ମାଲିକ ବଳରାମ ପାଇକରାୟ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ଏହାପରେ ପୁଲିସ ସିସି କ୍ୟାମେରା ଯାଞ୍ଚ କରିବା ସହିତ ତଦନ୍ତ ଚଳାଇଛି। ପୁଲିସ ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କୃଷକ ବଜାର ଭିତରେ ଅନ୍ୟ ଏକ ଦୋକାନ କବାଟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ସେଠାରୁ ବିଫଳ ହେବା ପରେ ବଳରାମଙ୍କ ଫଳ ଦୋକାନ ପାଲ୍‌କୁ ଖୋଲି ୫୦ହଜାର ଟଙ୍କାର ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ବଳରାମଙ୍କ ଏତଲା ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି।

## ପାଣିପାଗ ପରିବର୍ତ୍ତନର ବଡ଼ ପ୍ରଭାବ

# ବ୍ୟାପୁଛି ଥଣ୍ଡା, ଜ୍ୱର, ଝାଡ଼ା

ଭୁବନେଶ୍ୱର(ସବ୍ୟୁ):ରାଜ୍ୟରେ ଗ୍ରୀଷ୍ମ ଲହରୀ ନାକେଦମ କରୁଛି । ଅଧିକାଂଶ ସ୍ଥାନରେ ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି । ହେଲେ ଆର୍ଦ୍ରତା ବୃଦ୍ଧି ଯୋଗୁ ୫୦ଡିଗ୍ରୀ ଭଳି ଅନୁଭୂତ ହେଉଛି ତାପମାତ୍ରା । ଖରା, ଗରମର ପ୍ରଭାବରେ ଲୋକେ ଥଣ୍ଡା, ଜ୍ୱରରେ ଘାଣ୍ଟି ହେଉଛନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଲୁଗୁଳି ରୋଗକୁ ଡାକି ଆଣୁଛି । ଜଣେ କର୍ମଜୀବୀ ମଣିଷକୁ ଦିନକୁ ବାରମ୍ବାର ଝାଳରେ ଗାଧେଇବାକୁ ପଡୁଛି । ଥରେ ଦେହ ଓଦା ହେଲେ ଶୁଖୁନି । ଖରାରୁ ଆସି ଶୋଷ ମେଣ୍ଟାଇବାକୁ ପାଣି ପିଇଦେଲେ କଥା ସରିଲା । ଗରମରୁ ଟିକେ ଶାନ୍ତି ପାଇଁ ଏସି କିମ୍ବା କୁଲର ଆଗରେ ବସିଗଲେ ବର୍ଷାଦିନ ଭଳି ଥଣ୍ଡା, ଜ୍ୱର ମାଡ଼ି ବସୁଛି । ଥରେ ଜ୍ୱର ହେଲେ ଛାଡୁନି । ମୁଣ୍ଡବିନ୍ଧା, ତଣ୍ଟି ଦରଜ, କାଶ ଅସ୍ତବ୍ୟସ୍ତ କରୁଛି । ଦୁର୍ବଳ କରି ଦେଉଛି । ଅନେକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି । ଚିକିତ୍ସା ପାଇଁ ହସ୍ପିଟାଲରେ ଏହି ରୋଗୀଙ୍କ ଧାଡ଼ି ଲମ୍ବୁଛି । କୋଭିଡ ସମୟରେ ଲୋକେ ଯେଉଁଭଳି ସ୍ୱାଦ ବାରିପାରୁନଥିଲେ, ଏବେ ସେହିଭଳି ଅଚାନକ ଅନେକ ଲୋକ ସ୍ୱାଦ ଜାଣି ପାରୁନାହାନ୍ତି । ଜ୍ୱର ଥାଉ ବା ନଥାଉ, ତଣ୍ଟି ଦରଜ ହେବା ସହ ପାଟିରେ ଘା ହୋଇଯାଉଛି । ତେବେ ଋତୁ ପରିବର୍ତ୍ତନ ଯୋଗୁଁ ଏହା ହେଉଛି ବୋଲି କହିଛନ୍ତି ବରିଷ୍ଠ ଡାକ୍ତର ନିରୋଜ ମିଶ୍ର । ମୁକାବିଲ ପାଇଁ ପରାମର୍ଶ ଦେଇ ସେ କହିଛନ୍ତି, ୨ରୁ ୫ ଦିନ ପର୍ଯ୍ୟନ୍ତ ଜ୍ୱର ଲାଗି ରହିପାରେ । ତଣ୍ଟି ଦରଜ ଓ କାଶ ଅଧିକ ଦିନ ଲାଗି ରହିପାରେ । ବ୍ୟସ୍ତ ହୁଅନ୍ତୁ ନାହିଁ ।



ପାଣିପାଗର ମିଜାଜ ବଦଳିବା ସହ ବାରମ୍ବାର ଏହା ଦେଖିବାକୁ ମିଳୁଛ । ବିଶେଷ କରି ବିଶ୍ୱ ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ, ଏଭଳି ହେଉଛି ବୋଲି କହିଛନ୍ତି ପରିବେଶବି । ଯାହାକି ଜୀବଜୀଗତ ପାଇଁ ବିପଦ ବୋଲି ଆଶଙ୍କା କରିଛନ୍ତି । ବର୍ଷକ ୧୨ମାସରୁ ୬ମାସରୁ ଅଧିକ ସମୟ ଗରମ ଅନୁଭୂତ ହେଉଛି । ବର୍ଷାର ଠିକ୍ ଠିକଣା ନାହିଁ । କେତେବେଳେ ପ୍ରବଳ ବର୍ଷୁଛି ତ ଆଉ କେତେବେଳେ ସ୍ୱାଭାବିକ ଠାରୁ କମ୍ । ଶୀତ ବି ପୂର୍ବଭଳି ଆଉ ହେଉନି । ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଛି ।

# ପ୍ରଖ୍ୟାତ ଫଟୋ ସାମ୍ବାଦିକ ରଘୁ ରାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ



ଭୁବନେଶ୍ୱର (ସବ୍ୟୁ): ଆଧୁନିକ ଭାରତର ପ୍ରଖ୍ୟାତ ସଚିତ୍ର ସଂରକ୍ଷଣକାରୀ ପ୍ରଖ୍ୟାତ ଫଟୋ ସାମ୍ବାଦିକ ରଘୁ ରାୟଙ୍କ ନିଧନ ରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଫଟୋ ସାମ୍ବାଦିକ ଡ଼ଟ୍ କମ୍ ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ କରାଯାଇଥିଲା। ଯେଉଁଥିରେ ରାଜ୍ୟର ଗଣମାଧ୍ୟମ ସହିତ ସଂଶ୍ଳିଷ୍ଟ ସମସ୍ତ ଫଟୋ ସାମ୍ବାଦିକଙ୍କ ସହ ଫଟୋଗ୍ରାଫି କ୍ଷେତ୍ରର ବିଭିନ୍ନ ବର୍ଗରୁ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶେଷ ସମ୍ମାନ ପ୍ରଦାନ କରିବା ସହ ଶୋକପ୍ରକଟ କରିଥିଲେ। ଏହି ଅବସରରେ ଦିବଙ୍ଗତ ଆତ୍ମାଙ୍କ ସୁଗୁଣାବଳୀ ର ଆଲୋଚନା ହେବା ସହ ଭଗବାନଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ମୋକ୍ଷ ପ୍ରାପ୍ତି ନିମନ୍ତେ ନୀରବ ପାର୍ଥନା କରାଯାଇଥିଲା। ଏହି ଉତ୍ସବ ଟି ଡ଼ଟ୍ କମ ସଦସ୍ୟମାନଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜନ କରାଯାଇଥିଲା।

# ଦୁର୍ଘଟଣାରେ ଯୁବକ ଗୁରୁତର

କଟକ, (ସବ୍ୟୁ): ଫେଜ୍-୨ ଥାନା ଅନ୍ତର୍ଗତ ନରାଜ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଯୁବକଙ୍କ ନାଁ ବିଜ୍ଞାନୀ ପ୍ରିୟଦର୍ଶ ପଣ୍ଡା ହୋଇଥିବା ବେଳେ ସେ ମର୍କତନଗର ସେକ୍ଟର-୬ଅଞ୍ଚଳରେ ରୁହନ୍ତି। ସୂଚନା ଅନୁସାରେ, ବିଜ୍ଞାନୀ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଆଜି ରବିବାର ହୋଇଥିବା ବେଳେ ସେ ଅଫିସ ନଯାଇ ସନ୍ଧ୍ୟା ସମୟରେ ନରାଜ ଆଡକୁ ବୁଲିବା ପାଇଁ ନିଜ ବାଇକ୍‌ରେ ଯାଇଥିଲେ। ଏକ ମାଲବୋଝେଇ ଟ୍ରାକ୍ଟର ତାଙ୍କୁ ଏନ୍‌ଏଲ୍‌ୟୁ ଫାଟକ ନିକେଟରେ ପଛପଟୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ହେଲେମେଟ୍ ନଥିବାରୁ ରାସ୍ତାରେ ତାଙ୍କ ମୁଣ୍ଡ ମାଡ଼ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଘଟଣାସ୍ଥଳରେ ବେହୋସ୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ବିଜ୍ଞାନୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ପଠାଇଥିଲେ। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଡ୍ରାଇଭର୍ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

## ଓଡ଼ିଆ ଖାଦ୍ୟ ପ୍ରେମରେ ବାୟା ଜାପାନୀ ରାଷ୍ଟ୍ରଦୂତ

# ଡାଲମା ଖାଇ କଲେ ଭୁରି ଭୁରି ପ୍ରଶଂସା

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଖାଦ୍ୟ ପ୍ରେମରେ ବାୟା ଜାପାନୀ ରାଷ୍ଟ୍ରଦୂତ । ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ଓନୋ କେଇଚି ସ୍ୱାଦିଷ୍ଟ ଓଡ଼ିଆ ଖାଦ୍ୟ ଡାଲମା ଖାଇବା ପରେ ଓଡ଼ିଶାର ସଂସ୍କୃତି ଓ ରନ୍ଧଣାକୁ ଭୁରି ଭୁରି ପ୍ରଂଶସା କରିଛନ୍ତି । ଯାହାର ଫଟୋ ସେ ନିଜର ସୋସିଆଲ ମିଡ଼ିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି । ଏକ୍ସରେ ଓନୋ ଲେଖିଛନ୍ତି ଯେ ଓଡ଼ିଶାରେ ଡାଲମା ଖାଇବାର ମଜା ନେଲି । ଯାହାକି ବହୁତ ସ୍ୱାଦିଷ୍ଟ ଏବଂ ଏହି ଖାଦ୍ୟ ଓଡ଼ିଶାର ସଂସ୍କୃତିର ଏକ ଚମତ୍କାର ପ୍ରତିଫଳନ । ଜାପାନୀ ରାଷ୍ଟ୍ରଦୂତ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ସମ୍ବଲପୁରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



ପୂର୍ବରୁ ମଧ୍ୟ ସେ ଓଡ଼ିଆ ଖାଦ୍ୟର ମଜା ନେଇଛନ୍ତି । ଗତବର୍ଷ ଜୁନ ମାସରେ ଦିଲ୍ଲୀ ସ୍ଥିତ ଓଡ଼ିଶା ଭବନରେ ପ୍ରସିଦ୍ଧ ଛେନାପୋଡର ମଜା ନେଇଥିଲେ । ଆଉ ଏହାର ଫଟୋ ମଧ୍ୟ ପୋଷ୍ଟ କରିଥିଲେ । କେବଳ ଓଡ଼ିଶା ନୁହଁ ଭାରତର ବିଭିନ୍ନ ରାଜ୍ୟ ଗସ୍ତ ବେଳେ ସ୍ଥାନୀୟ ଖାଦ୍ୟ ଖାଇଥାନ୍ତି ଓନୋ କେଇଛି । ଆଉ ଏହାକୁ ଏହାକୁ ନିଜର ସୋସିଆଲ ମିଡ଼ିଆରେ ପୋଷ୍ଟ କରନ୍ତି ।

# ହାତୀ ଆକ୍ରମଣ ପରେ ଆମ୍ବୁଲାନ୍ସ ଦୁର୍ଘଟଣା: ବୃଦ୍ଧଙ୍କ ମୃତ୍ୟୁ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଅରିସଲ ଗ୍ରାମ ନିକଟରେ ହାତୀ ଆତଙ୍କ । ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ୭୫ ବର୍ଷୀୟ ବୃଦ୍ଧଙ୍କ ପ୍ରାଣହାନି ଘଟିଛି । ମୃତକ ଜଣକ ହେଉଛନ୍ତି କମାଗୁରୁ ପଞ୍ଚାୟତ ଅରିସଲ ଗ୍ରାମର ପ୍ରଫୁଲ ମହାପାତ୍ର । ସୂଚନା ଅନୁଯାୟୀ, ରବିବାର ମଧ୍ୟାହ୍ନରେ ପ୍ରଫୁଲ ଅରିସଲ କାଜୁ ଜଙ୍ଗଲକୁ କାଜୁ ମଞ୍ଜି ସଂଗ୍ରହ କରିବା ପାଇଁ ଯାଇଥିଲେ । ସେଠାରେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ଦନ୍ତାଟି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ଏବଂ ତାଙ୍କୁ ଚାନ୍ଦପୁର ସ୍ଥିତ ବସନ୍ତ ମଞ୍ଜରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।ଦୁର୍ଭାଗ୍ୟବଶତଃ, ଆମ୍ବୁଲାନ୍ସଟି ବୃଦ୍ଧଙ୍କୁ ନେଇ ଯାଉଥିବା ସମୟରେ କୁକୁଡ଼ାଝରି ପେଟ୍ରୋଲ ପମ୍ପ ନିକଟରେ ଏକ ଯାତ୍ରୀବାହୀ ବସ ଆମ୍ବୁଲାନ୍ସ ପଛପଟୁ ଜୋରଦାର ଧକ୍କା ଦେଇଥିଲା । ଏହି ଦୁର୍ଘଟଣା ଯୋଗୁଁ ଆମ୍ବୁଲାନ୍ସ ଭିତରୁ ବୃଦ୍ଧଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା, ଯାହାଫଳରେ ତାଙ୍କ ସଓ୍ୱାସ୍ଥ୍ୟାବସ୍ଥା ଆହୁରି ସଙ୍କଟାପନ୍ନ ହୋଇପଡ଼ିଥିଲା ।ଶେଷରେ ତାଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ହାତୀ ଉପଦ୍ରବକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି ।



# ନିର୍ଭରଶୀଳ ଓଡିଶା : ଅନ୍ୟ ରାଜ୍ୟକୁ ଯାଉଛି ପଇସା

ଭୁବନେଶ୍ୱର,(ତଥ୍ୟ) ଅତ୍ୟାବଶକୀୟ ବହୁ ଖାଦ୍ୟ ସାମଗ୍ରୀ ପାଇଁ ଓଡିଶା ଅନ୍ୟ ରାଜ୍ୟଗୁଡିକ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିବାରୁ ଓଡିଶାର ଅର୍ଥ ବାହାର ରାଜ୍ୟକୁ ଚାଲିଯାଉଛି। ଏ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବି କରାନଯିବା ପର୍ଯ୍ୟନ୍ତ ଆର୍ଥିକ ବିକାଶ ମନ୍ଥର ଗତିରେ ଚାଲିବ ବୋଲି ଅର୍ଥନୀତି ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି। ଚାଉଳ ଉତ୍ପାଦନ କ୍ଷେତ୍ରରେ ଓଡିଶା ବଳକା ରାଜ୍ୟରେ ପରିଣତ ହୋଇଥିଲେ ବି ବିଭିନ୍ନ କିସମର ସରୁ ଅରୁଆଚାଉଳ ପାଇଁ ଓଡିଶାକୁ ଛତିଶଗଡ ଓ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି। ପ୍ରତିଦିନ ଅନ୍ୟ ରାଜ୍ୟରୁ ଟ୍ରକ ଟ୍ରକ ଚାଉଳ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଆଦି ସହରମାନଙ୍କୁ ଆସୁଛି। ଗୋଟିଏ ପଟେ ଓଡିଶାରେ ଅଧିକ ଧାନ ଉତ୍ପାଦନ ହେଉଥିବାରୁ ଚାଷୀଙ୍କ ଠାରୁ ସରକାର ସମସ୍ତ ଧାନ ଉଠାଇ ପାରୁନଥିବାବେଳେ ଅନ୍ୟ ପକ୍ଷରେ କିନ୍ତୁ ପଡୋଶୀ ରାଜ୍ୟର ମିଲରମାନେ ଓଡିଶାରେ ସେମାନଙ୍କର ସୁପରଫାଇନ୍ ମାର୍କେଟ ବଳବତ୍ତର ରଖିଛନ୍ତି।

ଓଡିଶାରେ ଗହମ ଉତ୍ପାଦନ ଅତି ନଗଣ୍ୟ ରହୁଛି। ତେବେ ପରିବର୍ତ୍ତିତ ଜୀବନଶୈଳୀରେ ବହୁ ଲୋକ ରୁଟି ଖାଉଥିବା ଏବଂ ଗହମରୁ ଉତ୍ପାଦିତ ବିଭିନ୍ନ କିସମ ସାମଗ୍ରୀର ଚାହିଦା ଓଡିଶାରେ ବଢୁଥିବା ଯୋଗୁଁ ବିହାର, ଛତିଶଗଡ, ଉତ୍ତରପ୍ରଦେଶ, ପଞ୍ଜାବ, ହରିଆନା ଆଦିରୁ ଓଡିଶା ଗହମ ଉଠାଇବାକୁ ବାଧ୍ୟ ହେଉଛି। ପୂର୍ବରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ପରିମାଣର ଗହମ ମିଳୁଥିବାବେଳେ ଏବେ କିନ୍ତୁ ଚାଉଳ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଓଡିଶା ବଜାରରେ ଗହମ, ଅଟା, ମଇଦା, ସୁଜି ଆଦିର ଦର ଅଧିକ ରହୁଛି। ସେହିଭଳି ଡାଲି ଓ ଡାଲିଜାତୀୟ ଶସ୍ୟର ଉତ୍ପାଦନ ଓଡିଶାରେ କିଛି ପରିମାଣରେ ବଢିଥିଲେ ବି ରାଜ୍ୟରେ ପର୍ଯ୍ୟାପ୍ତ ସଂଖ୍ୟକ ଡାଲି ପ୍ରକ୍ରିୟାକରଣ ଶିଳ୍ପ ନଥିବାରୁ ଓଡିଶାରେ ଉତ୍ପାଦିତ ଡାଲିକୁ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ ଶସ୍ତା ଦରରେ କିଣି ନେଉଛନ୍ତି। ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ଓ ମହାରାଷ୍ଟ୍ର ଆଦି ରାଜ୍ୟ ଉପରେ ଡାଲି ପାଇଁ ଓଡିଶା ଅଧିକ ନିର୍ଭର କରୁଛି।

ଗୋଟିଏ ସମୟରେ ଓଡିଶା ବାହାରେ ଖାଉଟିଙ୍କ ଆଦରର ସାମଗ୍ରୀ ପାଲଟିଥିଲା ଓଡିଶା ସରକାରଙ୍କ ସୁବର୍ଣ୍ଣା ତେଲ। ଏହି କାରଖାନାର ଉତ୍ପାଦନ ବନ୍ଦକରି ଦିଆଯିବା ପରେ ଓଡିଶାରେ ଉତ୍ପାଦିତ ତୈଳବୀଜ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ନାମମାତ୍ର ଦରରେ କିଣି ନେଉଛନ୍ତି। ଦେହଲଗା ଠାରୁ ଖାଇବା ତେଲ ପର୍ଯ୍ୟନ୍ତ ଓଡିଶାରେ ବିଶେଷ ଉତ୍ପାଦିତ ହୋଇପାରୁନଥିବାବେଳେ ପଶ୍ଚିମବଙ୍ଗ, ଆନ୍ଧ୍ର, ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜସ୍ଥାନ ଆଦି ରାଜ୍ୟରୁ ଆମକୁ ତେଲ ମଗାଇବାକୁ ପଡୁଛି। ସେହିଭଳି ଓଡିଶାରେ ଥିବା ପ୍ରାୟ ସବୁ ଚିନିକଳ ବନ୍ଦହୋଇ ଯାଇଥିବାବେଳେ ଆସିକାର ସମବାୟ ଚିନିକଳ କଷ୍ଟେ ମଷ୍ଟେ ଚାଲୁଛି। ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବାପାଇଁ ଓଡିଶାକୁ ତେଣୁ ଚିନି ପାଇଁ ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଗୋଟିଏ ସମୟରେ ଝୋଟ ଓ ନଡିଆ ଉତ୍ପାଦନ କ୍ଷେତ୍ରରେ ସାରା ଦେଶରେ ଓଡିଶାର ଖ୍ୟାତି ଥିଲା। ଏବେ ତାହା ମଳିନ ପଡିଗଲାଣି। ଧାନମଣ୍ଡଳ ଝୋଟ କଳ ବନ୍ଦହୋଇ ଯିବାପରେ ଓଡିଶାକୁ ଝୋଟ ବ୍ୟାଗ ଓ ସୁତୁଲି ଆଦି ପାଇଁ ପଶ୍ଚିମବଙ୍ଗ ସମେତ ଅନ୍ୟ କେତେକ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି।

ଓଡିଶାରେ ଉନ୍ନତ କିସମର କପା ଉତ୍ପାଦିତ ହେଉଥିବାବେଳେ ସମସ୍ତ ସୂତା ଓ ଲୁଗାକଳ ବନ୍ଦ ଥିବାରୁ ରାଜ୍ୟରେ ଉତ୍ପାଦିତ କପାକୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଶସ୍ତା ଦରରେ କିଣିନେଉଛନ୍ତି। ଅନ୍ୟ ରାଜ୍ୟରୁ ସୂତା ଆସିଲେ ଓଡିଶାର ହସ୍ତତନ୍ତ ଚାଲୁଛି। କପଡା ପାଇଁ ଓଡିଶାକୁ ଗୁଜୁରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ସମେତ ଅନ୍ୟ କେତେକ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଓଡିଶାରେ ପିଆଜ ଉତ୍ପାଦନ ବଢୁଥିଲେ ମଧ୍ୟ ସଂରକ୍ଷଣ ପାଇଁ ଫଡି ନଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ମହାରାଷ୍ଟ୍ର, ଆନ୍ଧ୍ର, କର୍ଣ୍ଣାଟକ, ଗୁଜୁରାଟ ଓ ପଶ୍ଚିମବଙ୍ଗ ଆଦି ଉପରେ ଏଥିପାଇଁ ନିର୍ଭର କରିବାକୁ ପଡୁଛି। ସେହିଭଳି ଆଳୁ ପାଇଁ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ପଞ୍ଜାବ ଓ ଲୁଣ ପାଇଁ ବି ଗୁଜୁରାଟ, ତାମିଲନାଡୁ, ଆନ୍ଧ୍ର ଆଦି ହେଉଛନ୍ତି ଓଡିଶା ପାଇଁ ଭରସା।



ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୨୦୨୬ । ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ବିଶ୍ୱକର୍ମା, ରଥ ନିର୍ମାଣ କାର୍ଯ୍ୟର ଷଷ୍ଠ ଦିବସ ରବିବାରରେ କରାଯାଇଛି ବିନ୍ଧ ଅନୁକୂଳ ।

## ନିଜ ଗାଁ ନାଲମରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

# 'ମନ୍ କୀ ବାତ୍' ଜନସମ୍ବାଦର ମାଧ୍ୟମ ହୋଇଛି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ଜିଲ୍ଲା ତାଳଚେର କଣିହାଁ ବ୍ଲକ ସ୍ଥିତ ନିଜ ପୈତୃକ ଗ୍ରାମ ନାଲମ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍'ର ୧୩୩ତମ ସଂସ୍କରଣ ଶୁଣିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଶବ୍ୟାପୀ ଜନସମ୍ବାଦର ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି, ଯାହା ସମାଜରେ ସକାରାତ୍ମକ ଚିନ୍ତାଧାରା ଓ ସଚେତନତା ସୃଷ୍ଟି କରିବା ସହ ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରୁଛି । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ପରମାଣୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ ବୈଜ୍ଞାନିକଙ୍କ ସଫଳତା



ଏବଂ ଗଣିତରେ କନ୍ୟାରତ୍ନଙ୍କ ପ୍ରତିଭା ଦେଶ ପାଇଁ ଗର୍ବର ବିଷୟ । ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ ।

ଭଗବାନ ବୁଦ୍ଧଙ୍କ ଶିକ୍ଷା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ ସହ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଏକ ସଶକ୍ତ ଭାରତ ଗଠନ ପାଇଁ ନୂତନ ପ୍ରେରଣା ଯୋଗାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଦେଶର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସମସ୍ତେ ଏହି ମହତ୍ ଅଭିଯାନର ଅଂଶବିଶେଷ ହୋଇ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ନିଜ ଗ୍ରାମର ଗୁରୁଜନ ଓ ଆତ୍ମୀୟସ୍ୱଜନଙ୍କୁ ଭେଟି ସୌଜନ୍ୟମୂଳକ ଆଲୋଚନା କରିଥିଲେ । ସେ କହିଥିଲେ, ଗାଁ ମାଟିର ସ୍ନେହ ଓ ଗୁରୁଜନମାନଙ୍କ ଆଶୀର୍ବାଦ ସବୁବେଳେ ପ୍ରେରଣା ହୋଇ ରହିବ । ସେମାନଙ୍କ ସହ କିଛି ସମୟ ଅତିବାହିତ କରି ନିଜକୁ ଖୁସି ଅନୁଭବ କରୁଛି । ଏହି ଗସ୍ତ କାଳରେ କେନ୍ଦ୍ର ମନ୍ତ୍ରୀ ଗ୍ରାମର କୂଳ ଦେବତା ଶ୍ରୀ ଶ୍ରୀ ନୃସିଂହ ଦେବଙ୍କ ଦର୍ଶନ କରି ସମସ୍ତଙ୍କର ମଙ୍ଗଳ କାମନା କରିବା ସହ ତାଳଚେର କଣିହାଁ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ତ୍ୟାଗ ଓ ନିର୍ଭୀକ ନେତୃତ୍ୱ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

# ହୁହୁ ବଢୁଛି ସୁନାଦର, ପୁଣି ଦେଢ଼ ଲକ୍ଷ ଟପିଲା

ଭୁବନେଶ୍ୱର(ସବ୍ୟୁ) : ହୁ ହୁ ବଢୁଛି ସୁନାଦର । ଅଣଆୟତ୍ତ ବି ରୁପା ଦାମ୍ । ଦେଢ଼ ଲକ୍ଷ ଟପିଲା ହଳଦିଆ ଧାତୁ । ରୁପା ଦାମ୍ ବି ୩ ଲକ୍ଷ ମୁହାଁ । ସୁନା-ରୁପା ଦରକୁ ନେଇ ଗ୍ରାହକ ଦ୍ୱନ୍ଦରେ । କେତେବେଳେ ବଢୁଛି ତ ପୁଣି କେତେବେଳେ କମୁଛି । ଲଗାତର ସୁନା-ରୁପା ଦର ଉପର ତଳ ହେଉଛି ।

ଏଇ ୮ରୁ ୯ମାସ ହେବ ଉଭୟ ଧାତୁର ଦରରେ ଲଗାମ ଲାଗୁନାହିଁ । ପୂର୍ବରୁ ସୁନାଦର ଦେଢ଼ ଲକ୍ଷ ଟପିଥିଲେ ମଧ୍ୟ ଏହା କ୍ରମଶଃ ହ୍ରାସ ପାଇ ଲକ୍ଷେ ୩୦ ତଳକୁ ଖସିଥିଲା । ହେଲେ ବର୍ତ୍ତମାନ ପୁଣି ଥରେ ସୁନାଦର ଦେଢ଼ ଲକ୍ଷ ଟଙ୍କା ଅତିକ୍ରମ କରିଛି । ଯାହାଫଳରେ ବିବାହ ଋତୁ ଚାଲୁଥିବାରୁ ଗରିବ ମଧ୍ୟବିତ୍ତମାନେ ବଡ଼ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଜି ରବିବାର ଥିବାରୁ ଉଭୟ ସୁନା ଓ ରୁପା ଦରରେ କୌଣସି ପରିବର୍ତ୍ତନ ଘଟିନାହିଁ । ହେଲେ ଗତକାଲିର ଦର ଯଥେଷ୍ଟ ଅଧିକ ରହିଛି । ଆଜି(ରବିବାର) ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ଲକ୍ଷେ ୫୪ ହଜାର ୪୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ୍ ସୁନା ମଧ୍ୟ ଲକ୍ଷେ ୪୧ ହଜାର ୨୦୦ ଟଙ୍କାରେ ପହଞ୍ଚିଛି ।

କେବଳ ୨୨ କି ୨୪ କ୍ୟାରେଟ୍ ସୁନା ନୁହେଁ, ୧୮ କ୍ୟାରେଟ୍ ସୁନାଦର ମଧ୍ୟ ବେଶ୍ ଅଧିକ ଚାହିଦା ରହିଥିବା ଦେଖିବାକୁ ମିଳିଛି । ପୂର୍ବରୁ ୧୮ କ୍ୟାରେଟ୍ ସୁନା ପ୍ରତି ଗ୍ରାହକ ସେତେଟା ଆଗ୍ରହ ପ୍ରକାଶ କରୁନଥିଲେ ମଧ୍ୟ ଏବେ କିନ୍ତୁ ୨୨ ଓ ୨୪ କ୍ୟାରେଟ ସୁନାଦର ଅଧିକ ରହିଥିବାରୁ ଗ୍ରାହକମାନେ ୧୮ କ୍ୟାରେଟ୍ ସୁନା କିଣୁଥିବା ଦେଖିବାକୁ ମିଳୁଛି । ତେଣୁ ବର୍ତ୍ତମାନ ୧୮ କ୍ୟାରେଟ୍ ସୁନା ଦାମ୍ ମଧ୍ୟ ଲକ୍ଷେ ପାର କରିଛି । ଆଜି ୧୮ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ୧ ଲକ୍ଷ ୧୫ ହଜାର ୫୩୦ ଟଙ୍କା ରହିଛି । ବଜାରରେ ସୁନାଦର ପରି ମଧ୍ୟ ରୁପା ଦାମ୍ ବି ଢେର ଅଧିକ ରହିଛି । ରୁପା କେଜି ପ୍ରତି ୨ ଲକ୍ଷ ୭୦ ହଜାର ଟଙ୍କା ରହିଥିବା ବେଳେ ଆଜି ରବିବାର ଥିବାରୁ ରୁପା ଦର ମଧ୍ୟ ବୃଦ୍ଧି ପାଇନାହିଁ । ହେଲେ ସୁନା-ରୁପା ଦର ଅହେତୁକ ବୃଦ୍ଧି ଯୋଗୁ ସାଧରଣ ଲୋକଟିଏ ନିଜ ମନପସନ୍ଦର ସୁନା କିଣିବାରେ ସକ୍ଷମ ହୋଇପାରୁନାହିଁ ।

ସେପଟେ ବାରମ୍ବାରେ ସୁନା-ରୁପା ଦର ବୃଦ୍ଧି ଓ ହ୍ରାସକୁ ନେଇ ବଜାର ବିଶେଷଜ୍ଞମାନେ କହିଛନ୍ତି, ଭବିଷ୍ୟତରେ ସୁନା ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ । ଜତିନ ତ୍ରିବେଦୀ ଦର୍ଶାଇଛନ୍ତି ଯେ, ଇରାନ-ଆମେରିକା ଯୁଦ୍ଧ ଏହାର କାରଣ । ଇରାନ, ଇସ୍ରାଏଲ ଏବଂ ହରମୁଜ୍ ପ୍ରଣାଳୀରେ ଆମେରିକାର ଉପସ୍ଥିତି ସହିତ ଜଡିତ ଉତ୍ତେଜନା ଅନିଶ୍ଚିତତା ସୃଷ୍ଟି କରିଛି ।

## ଖଣ୍ଡାଗର ଗ୍ରାମରେ ଦୁଇଦିନିଆ ଘୋଡ଼ାନାଚ ଉତ୍ସବ

ଫୁଲନଖରା ,(ସବ୍ୟୁ): :କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ମେଡିକାଲ ଛକ ସମୀପସ୍ଥ ଖଣ୍ଡାଗର ଗ୍ରାମରେ ଦୁଇଦିନିଆ ସାଂସ୍କୃତିକ ଉତ୍ସବ ଅବସରରେ ପାରମ୍ପରିକ ଘୋଡ଼ାନାଚ କାର୍ଯ୍ୟକ୍ରମ ଭବ୍ୟ ଭାବରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମ ପରିସର ଉତ୍ସବମୁଖର ହୋଇଯାଇଥିବା ସହ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଥିଲା । ନିଆଳି-ସଳେଇ ଅଞ୍ଚଳର ପ୍ରସିଦ୍ଧ ଘୋଡ଼ାନାଚ ଦଳ ପକ୍ଷରୁ ଗୋବିନ୍ଦ ରାମ ପାଟନାର ମା ବାସେଳୀ ଚୈତାଳି ଘୋଡ଼ାନାଚକୁ ଦେବେନ୍ଦ୍ର ବେହେରା ଓ ତାଙ୍କ ଦଳ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ପରିବେଷଣ କରିଥିଲେ । ସାମ୍ପ୍ରଦାୟିକ ସଙ୍ଗୀତ, ନୃତ୍ୟ ଓ ପାରମ୍ପରିକ ଶୈଳୀର ସମନ୍ୱୟ ଦର୍ଶକମାନଙ୍କୁ ମନମୁU କରିଥିଲା । ଏହି କାର୍ଯ୍ୟକ୍ରମଟି ଖଣ୍ଡାଗର ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣରେ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ଆୟୋଜକମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏପରି ପାରମ୍ପରିକ କାର୍ଯ୍ୟକ୍ରମ ଅଞ୍ଚଳର ସଂସ୍କୃତିକୁ ସଜୀବ ରଖିବା ସହ ନୂତନ ପିଢ଼ୀଙ୍କ ମନରେ ପାରମ୍ପରିକତା ପ୍ରତି ଆଗ୍ରହ ବଢ଼ାଇବାରେ ସହାୟକ ବୋଲି ମତ ପ୍ରକାଶ ପାଇଛି ।

## ବରିଷ୍ଠ ନାଗରିକ ପରିସଂଘ ର ରାଜ୍ୟ କାର୍ଯ୍ୟ କାରିଣୀ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ମଜଦୁର ସଂଘ ରାଜ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ପରିସଂଘ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମତୀ ପ୍ରମୋଦିନୀ ଦାସ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ପଦ୍ମ ଲୋଚନ ନାୟକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘ ର ଅଖିଳ ଭାରତୀୟ ସମ୍ପାଦିକା ସୁଶ୍ରୀ ଅଞ୍ଜଳି ପଟେଲ ମାର୍ଗ ଦର୍ଶନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ଅକ୍ଷୟ ପାଢ଼ୀଯୋଶୀ, ଉପ ସଭାପତି ନିଗମାନନ୍ଦ ପଟ୍ଟନାୟକ ଓ ପ୍ରଭାକର ରାଉତ ସମ୍ପାଦକ ସୁବାସ ଚନ୍ଦ୍ର ଷଡଙ୍ଗୀ କୋଷାଧ୍ୟକ୍ଷ ବିଶ୍ୱଜିତ ନାୟକ ଓ ହାଡିବନ୍ଧୁ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ।

ରାଜ୍ୟରେ ବରିଷ୍ଠ ନାଗରିକ ମାନଙ୍କ ସମ୍ପର୍କରେ ସରକାର ବହୁବିଧ ସୁବିଧା ରଖିଥିଲେ ମଧ୍ୟ ବାସ୍ତବିକ ଭାବେ ତାହା କାର୍ଯ୍ୟକାରୀ ହେଉନାହିଁ। ସେ ମଧ୍ୟରୁ ବ୍ୟାଙ୍କ, ଡାକ୍ତର ଖାନା ଓ ବିଭିନ୍ନ ସରକାରୀ ଦପ୍ତରରେ ଫଳକ ଲାଗିଥିଲେ ମଧ୍ୟ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା




ହେଉନାହିଁ। ସେହିଭଳି ସରକାରୀ ବସ୍, ଟ୍ରେନ ଓ ବିମାନ ଯାତ୍ରା କ୍ଷେତ୍ରରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଟିକେଟ ଭଡାରେ କୌଣସି ରିହାତି ବ୍ୟବସ୍ଥା ନ ଥିବାରୁ ବକ୍ତା ମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନୁରୁପ ଭାବରେ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସର୍ବନିମ୍ନ ବୟସ ସୀମା ୭୦ ବର୍ଷ ପରିବର୍ତ୍ତେ ୬୦ ବର୍ଷକୁ କମାଇବା ପାଇଁ ସଂଘ ତରଫରୁ ତୀବ୍ର ଦାବୀ ଉପସ୍ଥାପନ କରାଯାଇଥିଲା। ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ସର୍ବନିମ୍ନ ଟ୫୦୦୦/- ପ୍ରଦାନ କରିବାକୁ ଦାବୀ କରାଯାଇଥିଲା। ଅଂଶୁଘାତ ରୁ ରକ୍ଷାକରିବା ନିମନ୍ତେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସଜ୍ୟା ସଂଖ୍ୟା ବୃଦ୍ଧି କରାଯାଉ। ଏହି କାର୍ଯ୍ୟକ୍ରମ ରେ ଓଡିଶାର ୧୬ ଟି ଜିଲ୍ଲାରୁ ଶତାଧିକ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ସର୍ବ ଶେଷରେ ହାଡିବନ୍ଧୁ ମହାକୁଡ ଧନ୍ୟବାଦ ଅର୍ପଣ କରିବା ସହ ସଭାସାଙ୍ଗ କରାଯାଇ ଥିଲା।

## ଦୁଇ ଦୋକାନରୁ ଚୋରି

ଗୋପ. (ସବ୍ୟୁ): ଗୋପ ଥାନା ଠାରୁ ମାତ୍ର ୨୦୦ ମିଟର ଦୂର ଗୋପ ମୁଖ୍ୟ ବଜାରରୁ ଶନିବାର ରାତିରେ ଦୁଇଟି ଦୋକାନରୁ ନଗଦ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି ରି ହୋଇଥିବା ଦେଖୁବାକୁ ମିଳିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଥିବା ପୋଲିସ ଆଉଟପୋଷ୍ଟ ସମ୍ମୁଖରେ ଗୋଟିଏ ପାନ ମସଲା ଦୋକାନ ( ଦାକାନ ଓ ଏକ ସାର ଦୋକାନର ଆଜବେଷ୍ଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଟଙ୍କା ଚୋରି ହୋଇଛି । ଗତ ୬ ମାସ ତଳେ ସମରୂପ ଭାବେ ଏହି ଦୁଇଟି ଦୋକାନରୁ ଚୋରି ହୋଇଥିବା ଜଣାପଡ଼ିଛି । ନିକଟରେ ଗୋପ ବଜାରରେ ଥିବା ଗଣେଶ ଚନ୍ଦ୍ର ସାହୁ ଓ ସୁଶାନ୍ତ କୁମାର ସାହୁଙ୍କ ଦୋକାନରୁ ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି । ତେବେ ନିକଟରେ ଗୋପ ବଜାରରେ ଉଚ୍ଚ କ୍ଷମତା ସଂପନ୍ନ ହାଇମାସ୍ତ ଲାଇଟ ଲାଗିଥିଲେ ମଧ୍ୟ ଚୋରମାନେ ପୋଲିସ୍କୁ ଚ୍ୟାଲେଞ୍ଜ ଦେଇ ଚୋରି କରିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ରାତ୍ରୀକାଳିନ ପେଟ୍ରୋଲିଙ୍ଗ ଅଭାବ ଯୋଗୁଁ ଏଭଳି ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏହା ଉପରେ ପୁରୀ ଏସ୍ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବସ୍ ଭଡା, ନିୟମ ମାନୁନାହାନ୍ତି

ଭୁବନେଶ୍ୱର,(ତଥ୍ୟ) ରାଜ୍ୟ ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ଭଡା ନିୟମକୁ ପ୍ରାୟତଃ କୌଣସି ବସ୍ ମାନୁ ନାହାନ୍ତି । ନିୟମ ଅନୁଯାୟୀ ଏମାନେ ବସ୍ ଭିତରେ ଭଡା ସଂକ୍ରାନ୍ତରେ ସ୍ପଷ୍ଟଭାବେ ଉଲ୍ଲେଖ କରୁନାହାନ୍ତି କି ପରିବହନ ବିଭାଗ ମଧ୍ୟ ବିଭିନ୍ନ ବସ୍ ରହଣୀ ସ୍ଥାନରେ ଯାତ୍ରୀଙ୍କ ଅବଗତି ନିମନ୍ତେ ଏହା ପ୍ରଦର୍ଶନ କରୁନାହିଁ। ପରିବହନ ବିଭାଗର ନିୟମ ରହିଛି ଯେ ଯାତ୍ରୀବାହୀ ଯାନ ବିଶେଷକରି ବସ୍‌ଗୁଡିକ କିଲୋମିଟର ପିଛା ଧାର୍ଯ୍ୟ ହୋଇଥିବା ଦର ଏବଂ କେଉଁ ବର୍ଗ ପାଇଁ କେତେ ରିହାତି ବ୍ୟବସ୍ଥା ରହିଛି ତାହାକୁ ବସ୍ ଭିତରେ ଲୋକେ ଦେଖିପାରିଲା ଭଳି ସ୍ଥାନରେ ଲଗାଇବେ ଏବଂ ସେହି ଅନୁଯାୟୀ ଭଡା ଆଦାୟ କରିବେ। ଯେଉଁ ବସ୍ ମାଲିକ ଏହାକୁ ଅମାନ୍ୟ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସେମାନଙ୍କର ପରମିଟ୍‌କୁ ମଧ୍ୟ କର୍ତ୍ତୃପକ୍ଷ ବାତିଲ କରିଦେଇ ପାରିବେ।

ଏହାଛଡା କଣ୍ଡକ୍ଟର ଟିକଟ ପ୍ରଦାନ ନକଲେ, ଟିକଟ ଜାରି କଲେ, କମ୍ ମୂଲ୍ୟର ଟିକଟ ଦେଲେ, ଭଡା ସଠିକ୍ ଭାବେ ଗ୍ରହଣ କରିବାକୁ ଅସ୍ୱୀକାର କଲେ ମୋଟର ଯାନ ଅଧିନିୟମ ୧୯୮୮ର ଧାରା ୧୭୮(୨) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ନିୟମିତ ଭାବେ ଏନଫୋର୍ସମେଣ୍ଟ ଚଢାଉ ହେଉନଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଯେହେତୁ ଯାତ୍ରୀମାନେ ସେମାନଙ୍କ ଯାତ୍ରା ପାଇଁ କେତେ ଭଡା ଦେବାକୁ ପଡିବ ତାହା ଜାଣିପାରୁନାହାନ୍ତି ତେଣୁ କଣ୍ଡକ୍ଟର ଯାହା ମାଗିଲେ ତାହା ଦେବାକୁ ପଡୁଛି। କୌଣସି ବସ୍ ଭିତରେ ଏଭଳି ମୂଲ୍ୟ ତାଲିକା ଦେଖିବାକୁ ମିଳୁନାହିଁ। ବସ୍‌ଷ୍ଟାଣ୍ଡ, ବସ୍ ରହଣୀ ସ୍ଥାନ ଆଦିରେ ବି ଏହା ପ୍ରଦର୍ଶନ ହେଉନାହିଁ। ପରିବହନ ବିଭାଗ ନିଜର ୱେବସାଇଟ୍‌ରେ ଭଡା ତାଲିକା ଦେଇ ଏକ ପ୍ରକାର କାମ ସାରିଦେଇଛନ୍ତି। ଯାହାକୁ ଦେଖିବା ଗାଁ ଗହଳର ଯାତ୍ରୀମାନଙ୍କ ପାଇଁ ଆଦୌ ସମ୍ଭବ ନୁହେଁ। ସେହିଭଳି ଅଧିକାଂଶ ବସ୍‌ରେ ଟିକଟ ଦେବାର ବ୍ୟବସ୍ଥା ଉଠିଗଲାଣି। କଣ୍ଡକ୍ଟର କେବଳ ଯାତ୍ରୀମାନଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି।

ବସ ଯାତ୍ରୀମାନେ କିଭଳି କଣ୍ଡକ୍ଟରଙ୍କ ମନମାନିରେ ଭଡା ଗଣୁଛନ୍ତି ତାହା ଅନ୍ୟ କୌଣସି ସ୍ଥାନରେ ନୁହେଁ, ଖୋଦ୍ କଟକ-ଭୁବନେଶ୍ୱର ରାସ୍ତାରେ ଯାତ୍ରା କଲେ ଯେ କେହି ଜାଣିପାରିବେ। ୨୫ କିଲୋମିଟରର ରାସ୍ତାପାଇଁ ଏଠାରେ ଯାତ୍ରୀଙ୍କ ଠାରୁ ୪୦ ରୁ ୫୦ ଟଙ୍କା ଆଦାୟ କରାଯାଏ। ପ୍ରତିବାଦ କଲେ ବସ୍ କର୍ତ୍ତୃପକ୍ଷ ଯାତ୍ରୀଙ୍କୁ ଅପମାନିତ କରିବା ସହିତ ବସ୍‌ରୁ ଓହ୍ଲାଇ ଯିବାକୁ ବାଧ କରିଥାନ୍ତି। କେବଳ ଏହି ଗୋଟିଏ ରାସ୍ତା ନୁହେଁ, କଟକର ନେତାଜୀ ବସଷ୍ଟାଣ୍ଡ ଓ ଭୁବନେଶ୍ୱରର ବାବା ସାହେବ ଆମ୍ବେଦକର ବସ୍‌ଷ୍ଟାଣ୍ଡରୁ ଦୈନିକ ଚଳାଚଳ କରୁଥିବା ବସ୍ ଗୁଡିକରେ ଯାତ୍ରୀ କରୁଥିବା ବହୁ ଯାତ୍ରୀ ଅଧିକ ଭଡା ଗଣିଥାନ୍ତି। ପରିବହନ ବିଭାଗ ଏନଫୋସ୍‌ମେଣ୍ଟ କଥା କହୁଥିବାବେଳେ କାଁ ଭାଁ ଚଢଉ ହୋଇଥାଏ। ଚଢଉରେ କେବଳ ଗାଡିର ଫିଟ୍‌ନେସ୍, ପରମିଟ୍ ସହିତ ଡ୍ରାଇଭର, କଣ୍ଡକ୍ଟରଙ୍କ ପୋଷାକ ଯାଞ୍ଚ ହୋଇଥାଏ। ଯାତ୍ରୀମାନେ ଭଡା ବାବଦରେ କେତେ ଅର୍ଥ ଦେଇଛନ୍ତି ଓ ସେମାନଙ୍କର କେତେ ଟଙ୍କାର ଟିକଟ ମିଳିଛି ତାହାର ଯାଞ୍ଚ ପ୍ରାୟତଃ ହୁଏ ନାହିଁ। ତେଣୁ ଏହାର ସୁଯୋଗ ନେଇ ବସ୍ କର୍ତ୍ତୃପକ୍ଷ ମନଇଚ୍ଛା ଭଡା ଆଦାୟ କରୁଥିବାବେଳେ ପରିବହନ ବିଭାଗ କର୍ତ୍ତୃପକ୍ଷ ସବୁ ଜାଣି ନଜାଣିଲା ଭଳି ବହୁ ସ୍ଥାନରେ ରହିଯାଉଥିବା ଦେଖିବାକୁ ମିଳୁଛି।

# ଡକ୍ଟର ବିଭୂତି ପଟ୍ଟନାୟକଙ୍କୁ 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ

## ପ୍ରବନ୍ଧରେ ଡକ୍ଟର ବାସନ୍ତୀ ମହାନ୍ତି ଓ ଡକ୍ଟର ଅନ୍ତର୍ଜିତା ନାୟକ

ଭୁବନେଶ୍ୱର, (ସବ୍ୟୁ): ସାହିତ୍ୟ କ୍ଷେତ୍ରରେ 'ପ୍ରଗତିବାଦୀ' ପୃଷ୍ଠାରେ ଅନବଦ୍ୟ ସୃଷ୍ଟି ଲାଗି ଚଳିତ ବର୍ଷ 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ ଘୋଷଣା କରାଯାଇଛି । ସାମଗ୍ରୀକ ଭାବରେ ଜୀବନ ବ୍ୟାପୀ ସାରସ୍ୱତ ସାଧନା ବା ସାହିତ୍ୟ କୃତି ଲାଗି ଚଳିତ ବର୍ଷର 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ ବିଶିଷ୍ଟ ଔପନ୍ୟାସିକ ତଥା ଗାଳ୍ପିକ ଡକ୍ଟର ବିଭୂତି ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ । ସେହିପରି ପ୍ରବନ୍ଧ କ୍ଷେତ୍ରରେ 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ ବିଶିଷ୍ଟ ପ୍ରାବନ୍ଧିକା ଓ ପ୍ରାଧାପିକା ଡକ୍ଟର ବାସନ୍ତୀ ମହାନ୍ତି ଏବଂ ଡକ୍ଟର ଅନ୍ତର୍ଜିତା ନାୟକଙ୍କୁ ଯୁଗ୍ମ ଭାବରେ ପ୍ରଦାନ କରାଯିବା ବେଳେ ଗଳ୍ପରେ ଶିବସୁନ୍ଦର ପାଣିଗ୍ରାହୀ ଏବଂ କବିତାରେ ଚିତ୍ରା କାନୁନଗୋଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ସେହିପରି ଶିଶୁ ସାହିତ୍ୟରେ ରମେଶ ଦାଶଙ୍କୁ 'ପ୍ରଗତିବାଦୀ' ସମ୍ମାନ ଦିଆଯିବ ।

'ପ୍ରଗତିବାଦୀ' ଶିଶୁ ସାହିତ୍ୟ ପୃଷ୍ଠା 'ଫ୍ୟୁଚର କିଡ୍ସ'ରେ ନିୟମିତ ଚିଠି ଲେଖୁଥିବା 'ମିତୁ ଆଇ'ଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି । ଆସନ୍ତା ମଇ ପହିଲାରେ 'ପ୍ରଗତିବାଦୀ' ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ । ଏହି ଉତ୍ସବରେ 'ପ୍ରଗତିବାଦୀ' ଅନ୍ୟ ଲେଖକ ଲେଖିକା, ପାଠକ, ସାମ୍ବାଦିକ ଓ ବିତରକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ବିଚାରକ ମଣ୍ଡଳୀର ନିଷ୍ପତ୍ତି କ୍ରମେ ରବିବାର ଏହି ଘୋଷଣା କରାଯାଇଛି ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ ତମ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ପୁଣ୍ୟଶ୍ଳୋକ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନିଜର ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଶିକ୍ଷା ଓ କୃଷି ଓ ଜଳସେଚନର ବିକାଶ ପାଇଁ ଯେଉଁ କେତେକ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ସେଥିପାଇଁ ସେ ହୋଇପାରିଛନ୍ତି ଏ ଜାତିର ଗର୍ବ ଓ ଗୌରବ ବୋଲି ରବିବାର ସ୍ଥାନୀୟ ଏ.ଜି. ଛକ ଠାରେ ପାରଳା ମହାରାଜାଙ୍କ ୧୩୫ ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି। ରାଜଧାନୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ପାରଳା ଗଜପତି ବିକାଶ ମଞ୍ଚ ଓ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ଅବସରରେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ ପାଣିଗ୍ରାହୀ କହିଥିଲେ ଯେ, "ମହାରାଜା ଗଜପତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ବିକାଶମୂଳକ କାର୍ଯ୍ୟ ଯୋଗୁ ଓଡ଼ିଶା ଜାତୀୟସ୍ତରରେ ପରିଚିତି ହାସଲ କରିଛି । ତିନି ତିନି ଥର ଗୋଲ୍‌ଟେବୁଲ



ବୈଠକରେ ଯୋଗ ଦେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ପ୍ରମୁଖ ବିନ୍ଧାଣି ସାଜିଥିବା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନେକ କାର୍ଯ୍ୟ ଆଜିସୁଦ୍ଧା ଅପୂରଣୀୟ ହୋଇରହିଛି । ଆଜିର ପିଢ଼ିଙ୍କ ଦ୍ୱାରା ସେସବୁ ପ୍ରତି ଧ୍ୟାନ ଦେଇ ତାହା ସମ୍ପୂର୍ଣ୍ଣ କରାଯାଇପାରିଲେ ଗଜପତିଙ୍କ ପ୍ରତି ତାହା ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି। ପ୍ରାରମ୍ଭରେ ସରଗମ୍ ଅନୁଷ୍ଠାନର କୁନି କଳାକାରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ ପରେ ରାଜଧାନୀସ୍ଥିତ ପୂଜ୍ୟପୂଜା ସଂସଦର ସଭାପତି ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ମହାରାଜାଙ୍କ ଗୁଣାବଳୀ ସମ୍ପର୍କରେ ସବିଶେଷ ଉପସ୍ଥାପନା କରିଥିଲେ। ପାରଳା ଗଜପତି ବିକାଶ ମଞ୍ଚର ସଭାପତି ଦିଗ୍‌ବିଜୟନାଥ ପାଢ଼ୀ ଓ ସମ୍ପାଦକ ରାଜ କିଶୋର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ମଞ୍ଚର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ ସର୍ବଶ୍ରୀ ସତ୍ୟନାରାୟଣ ଦାସ, ରମେଶ ଚୌଧୁରୀ, ପ୍ରଶାନ୍ତ କୁମାର ପାଢ଼ୀ, କିଶୋର ପଟ୍ଟନାୟକ, ଉମାକାନ୍ତ ପାତ୍ର, ଅନୁକା ଜେନା, ରୁଦ୍ରପ୍ରସାଦ ନାୟକ, ବିଘ୍ନେଶ୍ୱର ସାହୁ, ରଘୁରାଜ ରାଜଗୁରୁ, କୃଷ୍ଣ ପ୍ରସାଦ ନାୟକ, ସୁବୋଧ ପାତ୍ର, ଅରୁଣ ପାଢ଼ୀ, କୈଳାସ ପାଣିଗ୍ରାହୀ, ସୁଚିତ୍ରା ପାଢ଼ୀ, ଅସ୍ମିତା ପାଣିଗ୍ରାହୀ, ବିକାଶ ରଞ୍ଜନ ଚୌଧୁରୀ, ଗୌର ମହାପାତ୍ର, ପୃଥ୍ୱୀରାଜ ପାଣି, ରଞ୍ଜୀତ୍ ଖଣ୍ଡରାୟ ପ୍ରମୁଖ ଶତାଧିକ ସଦସ୍ୟ ଏବଂ ଉତ୍କଳ ସମ୍ମିଳନୀର ବିଭିନ୍ନ କର୍ମକର୍ତ୍ତା ମଧ୍ୟ ଯୋଗଦାନ କରିଥିଲେ। ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକରୁ ଲଙ୍କା ବସ୍ତା ପଡ଼ି ରାସ୍ତା ଜାମ୍

କଟକ,(ସବ୍ୟୁ): ମଧୁପାଟଣା ଥାନା ଅନ୍ତର୍ଗତ କଟକ-ମଧୁପାଟଣା ହାଇୱେ ସନ୍ନିକଟ ରେଲୱେ ବ୍ରିଜ୍ (କଟକ- ପାରାଦୀପ) ଉପରେ ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ସାଢ଼େ ଦୁଇଟା ସୁଦ୍ଧା ଆନ୍ଧ୍ରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଲଙ୍କା ବୋଝେଇ ଟ୍ରକରୁ ୨୦ରୁ ଅଧିକ ବସ୍ତା ରାସ୍ତା ଉପରେ ଗଳିପିଥିଲା। ଟ୍ରକ୍‌ଟି ଓମରଲୋଡ୍ କରି ଲଙ୍କା ବସ୍ତା ଆଣୁଥିବା ବେଳେ ଭାରସାମ୍ୟ ହରାଇ ବସ୍ତା ଗୁଡ଼ିକ ରାସ୍ତା ଉପରେ ପଡ଼ିଯାଇଥିଲା। ଏଥି ଯୋଗୁଁ ଶହଶହ ସଂଖ୍ୟାରେ ଗାଡି ହାଇୱେ ଉପରେ ଜାମ୍ ହୋଇଯାଇଥିଲା, ଏହା ପରେ ମଧୁପାଟଣା ଥାନା ପୁଲିସ ଓ ଆରପିଏଫ୍‌ର ମିଳିତ ଉଦ୍ୟମରେ ରାତି ସାଢ଼େ ଚାରିଟା ଟ୍ରକ୍‌ଟି ସ୍ଥାନାନ୍ତର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଟେଟ୍ରାହେଡ୍ରନ ପକ୍ଷରୁ ରକ୍ତଦାନ ଶିବିର

# ତନ୍ତିରା ଓ ଅଙ୍ଗଦରାଡିହରୁ ୧୧୨ ୟୁନିଟ୍ ରକ୍ତ ସଂଗ୍ରହ

କଟକ,(ସବ୍ୟୁ): ଗ୍ରୀଷ୍ମ ଋତୁରେ ରକ୍ତର ଅଭାବ ହେତୁ ବହୁତ ରୋଗୀ ରକ୍ତ ଅଭାବର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସମସ୍ୟା କୁ ଅନୁଭବ କରି ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ହରିଅନ୍ତା ପଞ୍ଚାୟତ ତନ୍ତିରା ପ୍ରାଥମିକ ବିଦ୍ୟାଳୟ ଓ ନଖରା ପଞ୍ଚାୟତ ଅଙ୍ଗଦରାଡିହ କନକେଶ୍ୱର ମନ୍ଦିର ପରିସରରେ ରବିବାର ଦୁଇଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତନ୍ତିରା ଶିବିରରୁ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲାବେଳେ ନଖରା ପଞ୍ଚାୟତ ତରଫରୁ ଅଙ୍ଗଦରାଡିହ ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି। ଉଭୟ ଶିବିରରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଜିଲ୍ଲା ଯୁବ ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ




ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦୁଇ ଶିବିରରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ତନ୍ତିରା ଗ୍ରାମର ମା ବିମଳା କ୍ରିକେଟ କ୍ଲବର ପ୍ରଶାନ୍ତ ଦାସ,ମୁନା ବିଶ୍ୱାଳ,ଶିବୁନା ବାରିକ, ସୌମ୍ୟରଞ୍ଜନ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ନଖରା ପଞ୍ଚାୟତ ତରଫରୁ ଲିଙ୍ଗରାଜ ଦାସ , କୃଷ୍ଣ ମୋହନ ଷଡଙ୍ଗୀ , ହୃଷୀକେଶ ସାମଲ ,ଚିତ୍ତରଞ୍ଜନ ସ୍ୱାଇଁ, ଜଗନ୍ନାଥ ମହାନ୍ତି, ଆନନ୍ଦ ନାୟକ, ଭଗବାନ ବେହେରା,ବେଣୁଧର ରାଉତ, ଆଲୋକ ଦାସ, ଡମ୍ବୁରୁଧର ବେହେରା, ବିଶ୍ୱଜିତ୍ ସିଂହ ପ୍ରମୁଖ ସହଯୋଗ କରିଥିଲେ।

# ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ




ଭଞ୍ଜନଗର, (ସବ୍ୟୁ) : ଘୁମୁସର ବିଜେପି ସାଂଗଠନିକ ଜିଲ୍ଲା ପକ୍ଷରୁ ଶନିବାର ଭଞ୍ଜନଗର ସହରରେ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ଜିଲ୍ଲା ସଭାପତି ନୀଳମାଧବ ପାତ୍ର ଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଭୋଳି ସାହୁଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ରହିଥିଲେ । ଦଳ ପକ୍ଷରୁ ବହୁ ମହିଳା କାର୍ଯ୍ୟକର୍ତ୍ତା ଘୁମୁସର ସାଂଗଠନିକ ଜିଲ୍ଲା ର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସି ଏଠାରେ ପହଞ୍ଚିବା ପରେ ଭେଜିପୁଟ ଶିବ ମନ୍ଦିର ନିକଟରୁ ମହିଳାଙ୍କ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ପରେ ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତାରେ ପହଞ୍ଚିବା ପରେ ସେଠାରେ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଥିଲା । ବିଜେପି ମହିଳାଙ୍କୁ ଉଭୟ ସଂସଦ ଓ ବିଧାନସଭା ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ପ୍ରୟାସ କରିଥିବା ବେଳେ ବିରୋଧୀ ଦଳ ଗୁଡିକ ଏହା ବିରୁଦ୍ଧରେ ଭୋଟ ଦେବାରୁ ଏହି ବିଲ ସଂସଦରେ ଖାରଜ ହୋଇଯାଇଛି ।

ଆଉ ଏହାକୁ ନେଇ ଏବେ ବିଜେପି ସାରା ଦେଶରେ ଜନ ଆକ୍ରୋଶ ମହିଳା ସମାବେଶ ମାନ ଆୟୋଜନ କରି କଂଗ୍ରେସ ଦଳ ମହିଳା ବିରୋଧୀ ବୋଲି କହିବାକୁ ଭରପୂର ପ୍ରୟାସ କରୁଛି । ଶନିବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପାଳ ସଂଯୋଜନା କରିଥିଲେ ।

# ମରଣାନ୍ତକ ଆକ୍ରମଣ : ଯୁବକ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଗୋଶାଣିନୂଆଗାଁ ପୋଲିସ ଅଭିଯୁକ୍ତଙ୍କୁ ବାନ୍ଧିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରର ଲିଟୁ ଓରଫ ଲିଟୁ ପାତ୍ର (୩୩) । ପୋଲିସ ଉକ୍ତ ଯୁବକଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଖଣ୍ଡା ଜବତ କରିଛି । ମାମଲା ନଂ୧୪୬/୨୬ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାର ତଦନ୍ତ ଜାରି ରହିଛି ।

ଘଟଣାରୁ ପ୍ରକାଶ ଯେ, ଗତ ୨୩ ରାତ୍ର ଚଣ୍ଡୀ ମନ୍ଦିର ସାହିରେ ବାପି ଦାସ (୩୨) ବସିଥିବା ବେଳେ ୧୦/୧୨ ଯୁବକ ସେଠାରେ ପହଞ୍ଚି ଥିଲେ। ସେମାନେ ବାପି ସହ ଝଗଡା କରିବା ସହ ସେଠାରେ ତାଙ୍କୁ ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ବାପି ସୁସ୍ଥ ହେବା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ ରବିବାର କାବୁ କରିଥିଲା ।

# ଅସହ୍ୟ ହେଲା ଦୁର୍ଗନ୍ଧ , ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ସଂପ୍ରତି ବୁଗୁଡ଼ା ଏନଏସି ଦୁର୍ଗନ୍ଧକୁ ନେଇ ସର୍ବସାଧାରଣରେ ସମାଲୋଚନାର ହକଦାର ପାଲଟିଛି । ଏନଏସି ମଧ୍ୟରେ ବିଭିନ୍ନ ଦୁର୍ଗନ୍ଧ ସ୍ଥଳ ରହିଥିବା ବେଳେ ପରିବା ବଜାର ସମ୍ମୁଖସ୍ଥ ଦୁର୍ଗନ୍ଧ ସ୍ଥଳ ସବୁଠାରୁ ଆଗରେ ରହି ଚର୍ଚ୍ଚାର ପରିସରକୁ ଆସି ଯାଇଛି । ସେଠାରେ ଆବର୍ଜନା ପକାଇବା ପାଇଁ କୁଣ୍ଡ ହୋଇଛି ଏବଂ ସେଥିରେ ଜୈବିକ ଆବର୍ଜନା ମଧ ଗଦା ହେଉଛି । ତେବେ,ଏନଏସି ପ୍ରଶାସନର ଅବହେଳା କାରଣରୁ ତାହାକୁ ନିୟମିତ ସଫା କରାଯାଉ ନଥିବାରୁ ସେଠାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଫଳରେ ସେହି ପାଖ ଦେଇ ଯିବାବେଳେ ଲୋକଙ୍କୁ ଅଣନିଶ୍ୱାସୀ ହେବାକୁ ପଡୁଛି । ଅନ୍ୟପକ୍ଷରେ ମୁଖ୍ୟ ସଡକକୁ ସଂଯୋଗ କରୁଥିବା ବାଲିପିଣ୍ଡି ରାସ୍ତାକୁ କିଛି ଅମାନିଆ ବେପାରୀ ଅକ୍ତିଆର କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ଲୋକେ ସେହି ରାସ୍ତାରେ ନଯାଇପାରି ଏହି ନାକ ଫଟା ଦୁର୍ଗନ୍ଧ ସ୍ଥଳ ଦେଇ ଯାତାୟତ କରିବାକୁ ବାଧ ହେଉଛନ୍ତି ।

ଏନେଇ ଏନଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ଏଣୁ, ଉଚ୍ଚ କର୍ତ୍ତୃପକ୍ଷ ଏହି ଅବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି ।

# ଉଦ୍‌ଘାଟିତ ହେଲା 'ବାରିପଦା ଏକ୍ସପୋ-୨୦୨୬'




ବାରିପଦା, (ସବ୍ୟୁ):ସଂସ୍କୃତି, ବାଣିଜ୍ୟ ଓ ସମୁଦାୟକୁ ଏକତ୍ର କରିବା ଉଦ୍ଦେଶ୍ୟରେ ବାରିପଦା କଲେଜ ପଡିଆରେ "ବାରିପଦା ଏକ୍ସପୋ-୨୦୨୬' ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ତଥା ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବାର ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ୧-ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ।

ସମାଜସେବୀ ସୋମନାଥ ସିଂହ ଏବଂ ଶିକ୍ଷକ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ମେଗା ଏକ୍ସପୋ ମାଧ୍ୟମରେ ବାରିପଦା ସହିତ ଜିଲ୍ଲା ତଥା ଜିଲ୍ଲା ବାହାରର କଳା, ସଂସ୍କୃତି, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟକୁ ଏକ ନୂଆ ପରିଚୟ ପ୍ରଦାନ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜନ କମିଟି ମୁଖ୍ୟ ସଞ୍ଜୟ ସାହୁ ପ୍ରକାଶ କରିଛନ୍ତି।

ଆଗାମି ମେ ମାସ ୫ତାରିଖ ପର୍ଯ୍ୟନ୍ତ ମୋଟ ୧୦ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ପ୍ରାୟ ୬୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିବା ବେଳେ ମିନା ବଜାର ଓ କୁନିକୁନି ପିଲାଙ୍କ ପାଇଁ ଦୋଳିଝୁଲା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅନ୍ୟମ ଆୟୋଜକ ଗୌତମ ରାୟ ଜଣାଇଛନ୍ତି।

# ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଛାତ୍ର ଗୌରବ ସମ୍ମାନରେ ସମ୍ମାନିତ

ନୀଳଗିରି, (ସବ୍ୟୁ): ବାଲେଶ୍ୱରର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୩୨ତମ ବାର୍ଷିକ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଗୌରବମୟ ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ତାଙ୍କର ସାମାଜିକ ପ୍ରତିବଦ୍ଧତା ଏବଂ ଜନସେବା ପାଇଁ ଅନୁଷ୍ଠାନ ପକ୍ଷରୁ ମର୍ଯ୍ୟାଦାଜନକ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ଶିକ୍ଷାବିତ୍ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସମ୍ମାନ ଗ୍ରହଣ କରିବା ଅବସରରେ ବିଧାୟକ ଶ୍ରୀ ଖଟୁଆ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, "ନିଜର ଶିକ୍ଷାନୁଷ୍ଠାନରୁ ସମ୍ମାନିତ ହେବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି । ଏହି ଅନୁଷ୍ଠାନର ଶିକ୍ଷା ଓ ସଂସ୍କାର ହିଁ ମୋତେ ସମାଜସେବା ପାଇଁ ପ୍ରେରଣା ଦେଇଛି । ଏହି ସମ୍ମାନ ମୋ ପାଇଁ କେବଳ ଏକ ପୁରସ୍କାର ନୁହେଁ, ବରଂ ଜନସାଧାରଣଙ୍କ ସେବା ପାଇଁ ଏହା ଏକ ନୂତନ ଦାୟିତ୍ୱ । ମୁଁ ଏଥିପାଇଁ ମୋର ଗୁରୁଜନ ଏବଂ ପୁରାତନ ଛାତ୍ର ସଂସଦ ପାଖରେ ସଦା ଋଣୀ । ଏହି ଅବସରରେ ମହାବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ନିଜର ଅତୀତର ସ୍ମୃତି ଚାରଣ କରିବା ସହ ବିଧାୟକଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

## ନିହାଣ ମୁନରେ ନିଖୁଣ କଳାକୃତି

# ପ୍ରତାପଙ୍କ ହାତରେ ପଥର ବି କଥା କହେ



ବଡ଼ଚଣା,(ସବ୍ୟୁ): ଶିଳ୍ପୀ ଗାଁ ଶୁଖୁ ଆପଡ଼ାରେ ତାଙ୍କ ଜନ୍ମ । ପରିବାରର କୌଳିକ ବୃତ୍ତି ପଥର କାରିଗରୀ । ନିହାଣ ଠକ୍ ଠକ୍ ଶବ୍ଦରେ ତାଙ୍କ ଶୈଶବ ବିତିଛି । ବାପା, ଜେଜେଙ୍କ ମୂର୍ତ୍ତି ଗଢ଼ା କାର୍ଯ୍ୟକୁ ସେ ଦେଖୁ ଦେଖୁ ବଡ଼ ହୋଇଛନ୍ତି । ଯାହା ତାଙ୍କୁ ଦକ୍ଷ ଶିଳ୍ପୀଟିଏରେ ପରିଣତ କରିଛି । ବଡ଼ଚଣା ବ୍ଲକ ଅନ୍ତର୍ଗତ ଚର୍ଚ୍ଚିତ ଶିଳ୍ପୀ ଗ୍ରାମର ଶୁଖୁଆପଡ଼ାର ଯୁବ ପ୍ରସ୍ତରଶିଳ୍ପୀ ପ୍ରତାପ ଚନ୍ଦ୍ର ମହାରଣାଙ୍କ କଳାକୃତି ଏବେ ସବୁଆଡ଼େ ଚର୍ଚ୍ଚାରେ । ପଲେଇ ପଞ୍ଚାୟତ ଶୁଖୁଆପଡ଼ା ଗ୍ରାମର ଶିଳ୍ପୀ ପ୍ରତାପ ଚନ୍ଦ୍ର ମହାରଣାଙ୍କ ମୂର୍ତ୍ତିଶାଳା ରହିଛି । ସକାଳୁ ବିଳମ୍ବିତ ରାତିରେ ସେ ପଥର ଦେହରେ ମୂର୍ତ୍ତି ଗଢ଼ିବାରେ ନିମଗ୍ନ ଥାନ୍ତି ।

ନିହାଣ ମୁନରେ ଏପରି ନିଖୁଣ କାରିଗରୀ ଦ୍ୱାରା ପଥର ବି କଥା କହେ ବୋଲି ସମସ୍ତେ କଥା ଛଳରେ କହନ୍ତି । ଗୋଟା ପଥର ସବୁକୁ କାଟି ତଥା ଖୋଦେଇ କରି ତାକୁ ନିଜ ଗ୍ରାମରେ ଥିବା ତାଙ୍କ ମୂର୍ତ୍ତିଶାଳରେ ଏବେ ଦଶ ଜଣ ଯୁବକାରୀଗର ନିୟୋଜିତ ହୋଇ ରୋଜଗାର ପାଇବା ସହ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ପାରିଛନ୍ତି । ଶୁଖୁଆପଡ଼ା ଗ୍ରାମର ବରିଷ୍ଠ ଶିଳ୍ପୀ ବିଜୟ ମହାରଣା ହେଉଛନ୍ତି ତାଙ୍କ ଶିଳ୍ପୀଗୁରୁ ବୋଲି ବିଭିନ୍ନ ଆକୃତି ଦେଇଥାନ୍ତି ।

ପ୍ରଭୁ ଶ୍ରୀ ଗଣେଶ, ଗୌତମବୁଦ୍ଧ, ଶ୍ରୀକୃଷ୍ଣ, ହନୁମାନ ତଥା ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଗଢ଼ିବାରେ ସେ ବିଶେଷ ଦକ୍ଷତା ହାସଲ କରିଛନ୍ତି । ମୁଗୁନି ପଥର, ସାହାଣ ଓ ବଉଳ ମାଳିଆ ପଥରଖଣ୍ଡରେ ସେ ନିଜ ନିହାଣ ଚଳାଇ ଜୀବନ୍ତ କରି ମୂର୍ତ୍ତି ସବୁ ଗଢ଼ନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ତାଙ୍କ ହସ୍ତ ନିର୍ମିତ ମୂର୍ତ୍ତିର ଚାହିଦା ରହିଛି । ତାଙ୍କ ହାତ ତିଆରି ମୂର୍ତି ସବୁ ନୂଆଦିଲ୍ଲୀ, ଭୁବନେଶ୍ୱର, ପୁରୀ, ବେଙ୍ଗାଲୁରୁ ଆଦି ସ୍ଥାନକୁ ବିକ୍ରି ପାଇଁ ଯାଇଥାଏ ବୋଲି ପ୍ରତାପ କୁହନ୍ତି । ତାଙ୍କ କହିବା ଅନୁସାରେ ସେ ମାଟ୍ରିକ ପାସ୍ କରିବା ପରେ ନିଜର କୌଳିକ ବୃତ୍ତି ପ୍ରତି ଆକୃଷ୍ଟ ଏହି କ୍ଷେତ୍ରରେ ହୋଇଥିଲେ । ତାଙ୍କ ପିତା ପ୍ରେମାନନ୍ଦ ମହାରଣା । ସେ ବହୁ ଆଗରୁ ଜଣେ ସଫଳ ପ୍ରସ୍ତରଶିଳ୍ପୀ । ପିତାଙ୍କ ପଦାଙ୍କ ଅନୁସରଣ କରି ସେ ଦୀର୍ଘ ୨୭ ବର୍ଷ ଧରି ଏହି ପ୍ରସ୍ତର ଶିଳ୍ପ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି ବୋଲି ପ୍ରତାପ କୁହନ୍ତି ।

## ଜଗତ ଗୁରୁ ଆଦି

# ଶଙ୍କରାଚାର୍ଯ୍ୟଙ୍କର ବିଗ୍ରହ ପ୍ରତିଷ୍ଠା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପକଣ୍ଠ ସ୍ଥିତ ବନ୍ଧୁପଲ୍ଲୀ ସ୍ଥିତ ଓଡିଶା ସ୍କୁଲ ଅଫ ଇଞ୍ଜିନିୟରିଂ ଅନୁଷ୍ଠାନ ପରିସରରେ ବେଦପାଠ ସହିତ ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କର ମଣ୍ଡପ ଓ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି । ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କର ମୂଳାମ୍ନାୟ ମଠ ଶ୍ରୀ କାଞ୍ଚି କାମକୋଟି ପିଠାଧୀଶ ଜଗତଗୁରୁ ଶ୍ରୀ ଶଙ୍କର ବିଜୟେନ୍ଦ୍ର ସରସ୍ୱତୀଙ୍କ ଶୁଭ ଆଶୀର୍ବାଦ ଏବଂ ଅନୁପ୍ରେରଣା ଦ୍ୱାରା ଏହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇପାରିଥିଲା । ପୁରୀ ମୁକ୍ତି ମଣ୍ଡପର ବିଧାନ କମିଟି ପ୍ରମୁଖ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର ଙ୍କ ଦ୍ୱାରା ଯଜ୍ଞ, ମହାସ୍ନାନ, ଅଭିଷେକ, ନ୍ୟାସ, ସ୍ଥାପନା ଏବଂ ଅନ୍ୟାନ୍ୟ କର୍ମ ବିଧିବଦ୍ଧ ଭାବେ ସୁସଂପନ୍ନ କରାଯାଇଥିଲା ।

ଏହି ଉତ୍ସବ ରେ ବେଦ ଧ୍ୱନି ଏବଂ ଅଭିଷେକ ଦ୍ୱାରା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ଆଦ୍ୟଗୁରୁ ଶଙ୍କରାଚାର୍ଯ୍ୟଙ୍କର ୨୫୩୫ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ପୁନଃ ସ୍ନାନ ଅଭିଷେକ, ବିଶେଷ ପୂଜର୍ଚ୍ଚନା ଏବଂ ଭକ୍ତିପୂତ ବେଦପାଠ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଆଦିତ୍ୟ ବାହିନୀ ଏବଂ ଆନନ୍ଦ ବାହିନୀ ର ସଦସ୍ୟମାନେ ସୁମଧୁର ଭଜନ ପରିବେଷଣ କରିଥିଲେ । ଉଦଯାପନ ଦିବସରେ ଡକଫର ହରିହର ଦାଶ ମହାରାଜ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ମହାନ ଜୀବନୀ ବିଷୟ ରେ ଭକ୍ତବୃନ୍ଦଙ୍କୁ ଅବଗତ କରାଇଥିଲେ । ଅନୁଷ୍ଠାନର ଅନ୍ୟତମ ସଂସ୍ଥାପକ ସନ୍ତୋଷ କୁମାର ବେବର୍ତା କାର୍ଯକ୍ରମର ପୁରୋଧା ଭାବେ ଯୋଗଦାନ ଦେଇଥିଲେ । ଗଞ୍ଜାମ ଜିଲ୍ଲା ଭାଜପା ସଭାପତି ସରୋଜ କୁମାର ସାବତ ଏହି ଉତ୍ସବରେ ଯୋଗଦାନ କରି ଆଦ୍ୟଗୁରୁ ଶଙ୍କରାଚାର୍ଯ୍ୟଙ୍କର ଆଶୀର୍ବାଦ କାମନା କରିଥିଲେ । କାର୍ଯ୍ୟକ୍ରମ ଅନୁରେ ଅନୁଷ୍ଠାନର ସଚିବ ରୂପାଲୀ ଦାଶ ସଦସ୍ୟ ମିଥୁନ କୁମାର ସାହୁ, ଶିବଶଙ୍କର ନାୟକ, ଶିବ ପ୍ରସାଦ ପଣ୍ଡା, ସୁପ୍ରିତ ପଣ୍ଡା, ଚିନ୍ମୟ କୁମାର ପାତ୍ର, ସୁଶାନ୍ତ କୁମାର ପଟ୍ଟନାୟକ, ସୁରେଶ କୁମାର ନାୟକ, ବିଭୂତି ଦାସ, କୃଷ୍ଣ ଚନ୍ଦ୍ର ପାଢ଼ୀ, ଜ୍ୟୋତିର୍ମୟୀ ମୁନି,କୁନି ବେହେରା, ଅମର କୁମାର ପାଣିଗ୍ରାହୀ, ମଞ୍ଜି କୁମାର ବେହେରା, ଟୁକୁନା ବିଷୋୟୀ, ରିତାଲି ବେହେରା, ହେମନ୍ତୁ ସେଠି, ଭଗବାନ ଗୌଡ଼ଙ୍କ ବହୁ ସଦସ୍ୟ ଯୋଗ ଦେଇ ସହଯୋଗ କରିଥିଲେ ।

# ରତ୍ନ ଭଣ୍ଡାରରୁ ୩ ରତ୍ନ ଅଳଙ୍କାର ଚୋରି, କଂଗ୍ରେସର ଏତଲା

ଭଞ୍ଜନଗର,(ସବ୍ୟୁ): ପୁରୀ ଶ୍ରୀମନ୍ଦିର ପରିସରରେ ଏବେ ବରିଷ୍ଠ ପ୍ରଶାସନିକ ଅଧିକାର ମାନଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାରର ରତ୍ନ ଅଳଙ୍କାର ର ଗଣତି ମଣତି ଚାଲିଥିବା ବେଳେ ୩ ଟି ମୂଲ୍ୟବାନ ରତ୍ନ ଅଳଙ୍କାର ମିଳୁନଥିବା ଜଣାପଡିବା ପରେ ଏହିକୁ ନେଇ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ଥାନାରେ ଏତଲା ଦିଆଯାଇଛି ।

ଚୋରି ଘଟଣାର ପର୍ଦ୍ଦାଫାସ କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଶନିବାର ଏନେଇ ଗଞ୍ଜାମ ଜିଲ୍ଲା (ପଶ୍ଚିମ) ସଭାପତି ବି. ଦଣ୍ଡପାଣି ପାତ୍ର ଙ୍କ ନେତୃତ୍ୱରେ ଦଳର ସାଧାରଣ ସମ୍ପାଦକ ପ୍ରଶାନ୍ତ ବିଷୋୟୀ, ବବି ରଥ, ସୁଶାନ୍ତ କୁମାର ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଭଞ୍ଜନଗର ଥାନାରେ ଉପସ୍ଥିତ ରହି ଲିଖିତ ଅଭିଯୋଗ ଦେଇଥିଲେ ।

# ଗୋପାଳପୁର କଲେଜ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର




ବ୍ରହ୍ମପୁର, (ସବ୍ୟୁ): : ଗୋପାଳପୁର କଲେଜରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର ଏବଂ ବିଦାୟ କାଳୀନ ସମ୍ବର୍ଦ୍ଧନା କଲେଜର ଅଧକ୍ଷ ଡ଼.ରାମ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରକୁ ଅଧକ୍ଷ ଉଦଘାଟନ କରି ଛାତ୍ର,ଛାତ୍ରୀଙ୍କୁ ସମାନୁବର୍ତ୍ତିତା ହେବାକୁ କହିଥିଲେ । ମୁଖ୍ୟ ଅତିଥି ଭାବେ ଗଞ୍ଜାମ କଲେଜର ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ଼ ନୃସିଂହ ଚରଣ ମିଶ୍ର ଯୋଗ ଦେଇ ଶୀର୍ଷକ ଭାରତୀୟ ଗଣତନ୍ତ୍ରରେ ସାମାଜିକ ନ୍ୟାୟ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ରୋଶନୀ ବିବି ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ମୁଖ୍ୟ ଡ଼.ରାମଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରର ମହତ୍ୱ ଓ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ନାଇଜରର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର କିଶୋର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ଭବିସ୍ୟତରେ ଜଣେ ଭଲ ଚାକିରି କରିବା ଉଦେଶ୍ୟ ଏବଂ ଭଲ ମଣିଷ ହେବାକୁ କହିଥିଲେ । ଛାତ୍ରୀ ସୁନିତା ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ଡ଼.ପ୍ରଦୀପ୍ତ କୁମାର ପଟନାୟକ ନିଜ ମତବ୍ୟକ୍ତ ପ୍ରଦାନ କରିଥିଲେ । ଡ଼.ରାମ ଚନ୍ଦ୍ର ଜେନା ଏବଂ ଶେଷ ବର୍ଷର ଛାତ୍ର,ଛାତ୍ରୀଙ୍କୁ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ଅଧ୍ୟାପକ ବିରଞ୍ଚି ନାରାୟଣ ଜଗଦେବ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଅନିଲ ଯାଦବ ,ଭି. ଗଣେଶ,ଏ.ପ୍ରସାଦ, ସୁନିତା ଷଡ଼ଙ୍ଗୀ, ଏ.ମନହୋରି,, ଶ୍ରୁତି,ଏ. ପଦ୍ମା, ସନ୍ଧ୍ୟାରାଣୀ ସେଠୀ, ଦମୟନ୍ତୀ ରେଡି, ସିଦ୍ଧାନ୍ତ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ ।

# ବିଶ୍ୱ ହିନ୍ଦୁ ପରିଷଦର ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ପରିଚୟ ବର୍ଗ କର୍ମଶାଳା



ବା ରି ପ ଦା, (ସବ୍ୟୁ): ବିଶ୍ୱ ହିନ୍ଦୁ ପରିଷଦର ଦୁଇଦିନିଆ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ପରିଚୟ ବର୍ଗ କର୍ମଶାଳା ସରସ୍ୱତୀ ଶିଶୁମନ୍ଦିର ବାରିପଦା ଠାରେ ଅନୁଷ୍ଠିତ ହୋଉଯାଇଛି। ଉକ୍ତ ଦୁଇଦିନିଆ ବର୍ଗରେ ବାରିପଦା ସାଙ୍ଗଠନିକ ଜିଲ୍ଲାର ୧୪ଟି ପ୍ରଖଣ୍ଡରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରି ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ ଆୟମ, ଲକ୍ଷ, ଦେଶର ସଂସ୍କୃତି ପରମ୍ପରାର ସୁରକ୍ଷା, ବିଷୟରେ ଶିକ୍ଷା ଲାଭ କରିଛନ୍ତି। ଏହି ବର୍ଗରେ ଓଡିଶା ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ, ପ୍ରାନ୍ତ ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, ବଜରଙ୍ଗ ଦଳ ଓଡିଶା ପ୍ରାନ୍ତ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ, ଉପସଭାପତି ଜୟନ୍ତୀ ସିଂ, ରାଜ୍ୟ କାର୍ଯ୍ୟକାରି ସଦସ୍ୟ ଅଜୟ ପାଲ, ଜିଲ୍ଲା ସଭାପତି ନରେନ୍ଦ୍ର ନାଥ ସିଂ, ସମ୍ପାଦକ ଦୟାନିଧି ଦାସ, ଉପସଭାପତି ଦୀପକ ମଲ୍ଲିକ, ବରିଷ୍ଠ ସଦସ୍ୟ ତଥା ସହ ସମ୍ପାଦକ ରଞ୍ଜନ ମିଶ୍ର, ସୁଶାନ୍ତ ବାରିକ, ମାତୃଶକ୍ତି ସଂଯୋଜିକା ରେଣୁବାଳା ପାତ୍ର, ଉପସଭାପତି ସୁବାସିନୀ ବେହେରା, ସେବା ପ୍ରମୁଖ ମାଧବ ସାହୁ, ସତସଙ୍ଗ ପ୍ରମୁଖ ବସନ୍ତ ଆଚାର୍ଯ୍ୟ, ବାରିପଦା ନଗର ସଭାପତି ଅଧାପକ ଶ୍ରୀନିବାସ ଭଞ୍ଜ, ସମ୍ପାଦକ ବାସୁଦେବ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାସ ବେହେରା, ସନାତନ ବେହେରା, ବଜରଙ୍ଗ ଦଳର ଆଶୁତୋଷ ଦାସ, ନିତ୍ୟସିଧ ନାୟକ, ସିଦ୍ଧାର୍ଥ ପରିଡା, ଦୀପକ ସିଂ, ସୁରଜ ସିଂ ରାଜପୁତ ଓ ମାନସ ବର୍ଗ ପରିଚାଳନା କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପାଇଁ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱର୍ କାର୍ଯ୍ୟ ସମାପନ କରିଥିବା ମହାନ ବ୍ୟକ୍ତିତ୍ୱ ସାରସକଣା ନିବାସୀ କପିଳ ଚନ୍ଦ୍ର ଭୋଳ ଓ ରାସଗୋବିନ୍ଦପୁର ନିବାସୀ ପ୍ରବୀର ଘୋଷଙ୍କୁ ବର୍ଗର ସମାପନ ଦିବସରେ ଆଜୀବନ ସମର୍ପଣ ସମ୍ମାନ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି ।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ , ଶିକ୍ଷା ନିରୀକ୍ଷକ ସଂଘର ଜରୁରୀ ବୈଠକ

ବାରିପଦା, (ସବ୍ୟୁ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀ ଓ ସଂଘୀୟ କର୍ମକର୍ତ୍ତାମାନଙ୍କୁ ନେଇ ଏକ ମିଳିତ ବୈଠକ ସ୍ଥାନୀୟ ବାରିପଦା ଆଥଲେଟିକ୍ ଆସୋସିଏସନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ସଭାପତି ଡିମ୍ପଲ ଦାସ ଅଧ୍ୟକ୍ଷତା କରିଥିଲେ । ନିକଟ ଅତୀତରେ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ସଂଘଟିତ ଦୁର୍ଘଟଣାରେ ଛାତ୍ରୀମୃତ ଘଟଣାର ପରବର୍ତ୍ତୀ ସମୟରେ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ମାନସିକ ଅବସ୍ଥା, ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଡାକ୍ତରଖାନାରେ ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧିଙ୍କ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ପ୍ରତି ଦାୟିତ୍ୱ ହୀନ ନିନ୍ଦନୀୟ ମନ୍ତବ୍ୟ, ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନାଙ୍କଦ୍ୱାରା ଆହୂତ ଭର୍ଚୁଆଲ ବୈଠକରେ ଅବସର ଗ୍ରହଣ କରିବାକୁ ଯାଉଥିବା ପ୍ରଧାନଶିକ୍ଷକମାନଙ୍କୁ ଶଳା, ଚୋର, ଜାତିଆଣ ମନ୍ତବ୍ୟକୁ ସମୂହ ଭାବେ ଦୃଢ଼ନିନ୍ଦା କରାଯାଇଥିଲା ।

ପ୍ର ଧା ନ ଶି କ୍ଷ କ / ପ୍ର ଧା ନ ଶି କ୍ଷ ୟ ତ୍ରୀ ମା ନେ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି, ଅଧିକାଂଶ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପାନୀୟ ଜଳର ଅଭାବ,ବିଶୃଙ୍ଖଳା ସୃଷ୍ଟିକାରୀ ଏସଏଚ୍‌ଜି କୁ ବିଦ୍ୟାଳୟରେ ଯୋଡିବା, ଶିକ୍ଷାଦାନ ବ୍ୟତୀତ ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ଅଣ-ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଯୋଗୁଁ ମାନସିକ ଚାପର ବଶବର୍ତ୍ତୀ ହେଉଥିବାରୁ ସମସ୍ତ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟତ୍ରୀ ସାମୂହିକ ଭାବେ ମେସ୍ ପରିଚାଳନା ଦାୟିତ୍ୱରୁ ଓହରିବା ଯିବାପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କଲେ । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସେ%ୗ ଜିଲ୍ଲାପ୍ରଶାସନ କୌଣସି ସହଯୋଗ କରୁ ନଥିବା ନେଇ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି । ଖୁବ୍‌ଶୀଘ୍ର ଏହାର ଦୃଢ଼ ପ୍ରତିବାଦ ପୂର୍ବକ ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ ତଥା ବିଭାଗୀୟ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମେସ୍ ପରିଚାଳନା ଦାୟିତ୍ୱରୁ ଅବ୍ୟାହତିପାଇଁ ସମୂହ ଇସ୍ତଫାପତ୍ର ପ୍ରଦାନ କରାଯିବା ସହ ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଘ ଦାବି ଉପସ୍ଥାପନ କରିବ ବୋଲି ସିଦ୍ଧାନ୍ତ ଗ୍ରହଣ କରିଛି । ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ଦୀପକ କୁମାର ଦଣ୍ଡପାଟ, ଦୀପ୍ତିକାନ୍ତ ଜେନା, ପ୍ରଶାନ୍ତ କୁମାର ସାହୁ, ଭବାନୀଶଙ୍କର ବେହେରା, ମନୋଜ କୁମାର ପତି, ରବିକାନ୍ତ ମିଶ୍ର, ସୁକେଶ କୁମାର ବେହେରା ଓ ସଂଘର ପ୍ରମୁଖ କର୍ମକର୍ତ୍ତା ମାନେ ଯୋଗଦେଇ ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା କିଭଳି ରହିବ, ସେନେଇ ନିଜ ନିଜର ମତ ରଖିଥିଲେ । ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତ%ୗବଧାନରେ ଆୟୋଜିତ ଏହି ସମ୍ମୀଳନୀରେ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଏହାକୁ ସଫଳ କରିଥିଲେ ।

ବୈ ଠ କ ର ଆରମ୍ଭରେ ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀମାନେ କାକବନ୍ଧ ଆଶ୍ରମ ବିଦ୍ୟାଳୟର ମୃତ ଛାତ୍ରୀ ସ୍ୱର୍ଗତା ରୂପାଲୀର ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ଏବଂ ଶେଷରେ ଉପସଭାପତି ସୂର୍ଯ୍ୟକୁମାର ଦେବପାତ୍ର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାଇକେନସିରାରେ ପିଇବା ପାଣିର ଘୋର ଅଭାବ

# ନରସିଂହଙ୍କୁ ପାଣି ପାଇଁ ଗୁହାରୀ କଲେ ଗ୍ରାମବାସୀ



ବଲାଙ୍ଗିର,(ସବ୍ୟୁ): ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ସ୍ଥିତ ହାତୀସରା ପଂଚାୟତର ନାଇକେନସିରା ଗାଁ ଗସ୍ତରେ ଯାଇଥିଲେ । ସେଠାରେ କିଛି ଧାର୍ମିକ ସହ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏ ଅବସରରେ ସ୍ଥାନୀୟ ଲୋକେ ଗାଁ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ମିଶ୍ରଙ୍କୁ ଅବଗତ କରିଥିଲେ । ବିଶେଷ କରି ଗ୍ରୀଷ୍ମର ପ୍ରକୋପ ଚରମ ସୀମାରେ ଥିବା ବେଳେ, ପିଇବା ପାଣିର ଘୋର ଅଭାବ ନାଇକେନସିରା ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି, ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନ ହୁଏ ତେବେ ଏ ଅଞ୍ଚଳର ଲୋକେ ଏବଂ ଗୃହ ପାଳିତ ପଶୁ ମାନେ ପାଣିର ଅଭାବରେ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେବେ ବୋଲି ଲୋକେ ଅଭିଯୋଗ କରିଥିଲେ । ତୁରନ୍ତ ଏକ ଡିପ ବୋରୱେଲ ସହ ଓଭରହେଡ୍ ଟାଙ୍କି ମାଧ୍ୟମରେ ପାଣି ଲୋକଙ୍କ ପାଖକୁ ପହଞ୍ଚି ପାରିଲେ ହିଁ ଲୋକେ ପାଣିର ଅଭାବ ରୁ ତ୍ରାହି ପାଇବେ ବୋଲି ଶ୍ରୀ ମିଶ୍ର ଙ୍କ ଆଗରେ ଗୁହାରି କରିଥିଲେ । ଶ୍ରୀ ମିଶ୍ରଙ୍କ ସହ ସ୍ଥାନୀୟ ସମିତି ସଭ୍ୟ ପପୁ ପାତ୍ର, ରଙ୍କ ବେହେରା, କାଳିଆ ଡାଙ୍ଗ, ଚକ୍ର ମେହେର, ରଂଜନ କୁଦେଇ, ସହଦେ ପରୁଆ, ଗୋବନ୍ଦ ଦାସ, ସାନ ଅଦାବରିଆଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## କେନାଲ ପାଣି ଯୋଗାଣ ଦାବି

# ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ତାଲା ପକେଇ ଜାତୀୟ ରାଜପଥ ଅବରୋଧ କଲେ ଚାଷୀ



ଧର୍ମଗଡ,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳ ବିଭିନ୍ନ ପଞ୍ଚାୟତର ଚଷୀ ରବିବାର ଆନ୍ଦୋଳନ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଧାନ ଚାଷ ପ୍ରଧାନ ହୋଇଥିବା ବେଳେ ଅଧିକାଂଶ ଚାଷ ଉପରେ ନିର୍ଭର କରନ୍ତି। ଚାଷୀଙ୍କ ସମସ୍ୟା ଥମିବାର ନା ଧରୁଣି । କେତେବେଳେ ଧାନ କ୍ରୟ କରିବାରେ ହଇରାଣ ହରକତ ପୁଣି ସାର ବିହନ ଓ ବିଭିନ୍ନ ସମସ୍ୟାରେ ବୁଡି ରହିଛି। ଖରିଫ ଫସଲ ସାରିଥିବା ବେଳେ ଏବେ ରବି ଫସଲ ପ୍ରକ୍ରିୟା ଆରମ୍ଭ କରିଛି। ଧାନ ରୁଆ ବେଉସା ଶେଷ କରିଥିବା ବେଳେ ବଡ଼ ସମସ୍ୟା ଭାବେ କେନାଲ ଜଳ ଅଭାବ ଦେଖା ଦେଇଛି। ଇନ୍ଦ୍ରାବତୀ କେନାଲ ପାଣି ଭରସା କରି ଚାଷ ଆରମ୍ଭ କରିଥିବା ବେଳେ ଠିକ୍ ଧାନ ଉଠିବା ଆରମ୍ଭ କରିଥିବା ବେଳେ କେନାଲ ପାଣି ପହଞ୍ଚି ପାରୁ ନ ଥିବା ଜଣାପଡିଛି। ଯାହାକୁ ନେଇ ପୁଣି ତାତିଛି ଚାଷୀ ।

ଇନ୍ଦ୍ରାବତୀ ବାମ କେନାଲ ରେ ପାଣି ଯୋଗାଣ ଦାବିରେ ଚାଷୀମାନଙ୍କ ଆନ୍ଦୋଳନ ତୀବ୍ର ରୂପ ନେଇଛି। ଶତାଧିକ ଚାଷୀ ବିଭିନ୍ନ ପଂଚାୟତ ରୁ ବ୍ରହ୍ମଣ ଛେଣ୍ଡିଆ, ଛିଲିପା, କଂକେରି, ଡୁମେରଗୁଡା, ଏକତ୍ରିତ ହୋଇ ଧର୍ମଗଡ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଧିକାରୀ ମାନଙ୍କୁ ତାଲା ଦେବା ସହ ଭବାନୀପାଟଣା – ରାୟପୁର ଜାତୀୟ ରାଜପଥ ୧୩୦ ସି କୁ ଅବରୋଧ କରି ଜୋରଦାର ପ୍ରତିବାଦ କରିଛନ୍ତି। ଚାଷୀମାନଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି କେନାଲରେ ପାଣି ନ ଆସିବାରୁ ଚାଷ କାମ ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ଏହି ତୀବ୍ର ଗ୍ରୀଷ୍ମ ଋତୁରେ ଜଳ ସଂକଟ ଯୋଗୁଁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ବଢ଼ିଛି। ଏହି ପରିସ୍ଥିତିରେ ସରକାରଙ୍କ ନିଷ୍କ୍ରିୟତାକୁ ଦାୟୀ କରି ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ କାରଣରୁ ଜାତୀୟ ରାଜପଥରେ ଯାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା । ଦୀର୍ଘ ସମୟ ଧରି ଗାଡ଼ିମାନେ ରାସ୍ତାରେ ଅଟକି ରହିଥିଲେ। ତେବେ ସୂଚନା ଅନୁଯାୟୀ ଦୀର୍ଘ ସମୟ ଆନ୍ଦୋଳନ ପରେ ଜଳ ଯୋଗାଣ ଯନ୍ତ୍ରୀଙ୍କ ପ୍ରତିଶୃତି ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ଖୁବ ଶୀଘ୍ର କେନାଲରେ ଜଳ ଯୋଗାଣ କରାଯିବା ନେଇ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଚାଷୀମାନେ ସତର୍କ କରିଛନ୍ତି ଯେ, ଯଦି ଶୀଘ୍ର କେନାଲରେ ଠିକଣା ସମୟରେ ପାଣି ଯୋଗାଣ ବ୍ୟବସ୍ଥା ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚାଷୀମାନେ କହିଛନ୍ତି ।

# ନୂଆଁବନ୍ଧରେ ବାଇପାସ୍ ଡ୍ରେନେଜ୍ କାମ ବନ୍ଦ ଦାବି

ସୋନପୁର,(ସବ୍ୟୁ): ସୋନପୁର ସହରରେ ଦିନକୁ ଦିନ ଡ୍ରେନ ସମସ୍ୟା ଗୁରୁତର ହେବାରେ ଲାଗିଛି । ସମସ୍ତ ବନ୍ଧ/ଜଳାଶୟ ମାନଙ୍କରେ ପୌର ପରିଷଦ ଡ୍ରେନ ପାଣି ଛାଡ଼ି ଦେଇ ସହରରେ ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି । ସୋନପୁର ଟିକିରିପଡା ସ୍ଥିତ ନୂଆଁବନ୍ଧରେ ବାଇପାସ୍ ଡ୍ରେନେଜ କାମ ବନ୍ଦ ପାଇଁ ଦାବି ହେଉଛି । ଏନେଇ ବିଜେପି ନଗର ମଣ୍ଡଳ ପକ୍ଷରୁ ସୋନପୁର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ବର୍ତ୍ତମାନ ପୌର ପ୍ରଶାସନ ପକ୍ଷରୁ ନୂଆଁବନ୍ଧର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି । ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇ କାର୍ଯ୍ୟ କରାଯାଉଛି ।ପୋଖରୀ ପାର୍ଶ୍ୱରେ ଏକ ବାଇପାସ୍ ଡ୍ରେନ୍ ନିର୍ମାଣ କରି ସହରର ସମସ୍ତ ଡ୍ରେନ୍ ଏବଂ ଆବର୍ଜନା ପାଣି ଧୁଣ୍ଡିନାଳ ଦେଇ ମହାନଦୀକୁ ଛଡାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ଉକ୍ତ ବାଇପାସ୍ ଡ୍ରେନ କାମକୁ ସୋନପୁର ବିଜେପି ନଗର ମଣ୍ଡଳ ପକ୍ଷରୁ ବିରୋଧ କରାଯାଇଛି । ଯଦି ଉକ୍ତ ବାଇପାସ୍ ଡ୍ରେନେଜ୍ ସିଷ୍ଟମ୍ କରାଯାଏ ଏହା ସ୍ଲମ୍ ଏରିଆ ହୋଇଥିବାରୁ ନୂଆଁବନ୍ଧର ଉପର ଅଂଶ ଯଥା ବସଷ୍ଟାଣ୍ଡ, ମଝିପଡା ସହ ସହରର ଅନ୍ୟାନ୍ୟ ଅଞ୍ଚଳର ପ୍ରାୟ ସମସ୍ତ ଡେନେଜ୍ ମଇଳା ଏବଂ ଆବର୍ଜନା ପାଣି ଧୁଣ୍ଡିନାଳ ଦେଇ ସିଧାସଳଖ ମହାନଦୀରେ ପଡିବ । ଫଳରେ ବଡବଜାରର ଟିକିରିପଡ଼ା ଘାଟ, ତେନ୍ତୁଲିଘାଟ, ତରିଆପଡା ଘାଟ, ତଳପଡା ଘାଟ, କୁମ୍ଭାରପଡା ଘାଟ, ବାଘପଡା ଘାଟ, ଆମ୍ବଘାଟ ସହିତ ରାମେଶ୍ୱର ସଙ୍ଗମ ଆଦି ସଂପୂର୍ଣ୍ଣ ରୂପେ ଆବର୍ଜନାମୟ ହେବ। ଉକ୍ତ ଘାଟ ଗୁଡିକର ପାଣି ସହରର ଲୋକେ ପାନୀୟ, ରୋଷେଇ ଏବଂ ଶୌଚ ପାଇଁ ନିର୍ଭର କରିଥାନ୍ତି । ଯଦି ଉକ୍ତ ଡ୍ରେନ୍ ପାଣି ସିଧାସଳଖ ନଦୀରେ ପଡିବ, ତେବେ ଲୋକେ ପ୍ରଭାବିତ ହେବେ ବୋଲି ବିଜପି କର୍ମୀ ଯୁକ୍ତି ବାଢ଼ିଛନ୍ତି। ଏଣୁ ବାଇପାସ୍ ଡ୍ରେନେଜ୍ ବ୍ୟବସ୍ଥାକୁ ବନ୍ଦକରି ଡ୍ରେନ୍ ପାଣିକୁ ଅନ୍ୟ ସ୍ୱେରେଜ୍ ବ୍ୟବସ୍ଥା ସହ ସ୍ୱଚ୍ଛ କରାଯାଇ ରାମଶ୍ୱର ସଙ୍ଗମର ତଳ ଅଞ୍ଚଳକୁ ଛାଡିବା ପାଇଁ ବିଜେପି ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ନଗର ମଣ୍ଡଳ ସଭାପତି ସୁରେଶ ବିଶ୍ୱାଳ, ଦାଶରଥୀ ମେହେର, କାଉନସିଲର ସୁକାନ୍ତ ସାହୁ, ଗଙ୍ଗାଧର ତରିଆ, ଗଣେଶ ସାହୁ, ବିକି ମିଶ୍ର, କାହ୍ନୁ ତରିଆ, ସୁଦାମ ନାଏକ, ଅନନ୍ତ ମିଶ୍ର, କେଶବ ବୁଡେକ, ରାମେଶ୍ୱର ତରିଆ, ସୁଦାମ ନାଏକ, ସୁରୁବାବୁ ସାହୁ, ୱାସିମ ମହମ୍ମଦ, ସକୁର ମହମ୍ମଦ, ଧରମ୍ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବେଆଇନ ଆଡିବନ୍ଧ ନେଇ ଚେତେଇବା ପରେ ମଧ୍ୟ ଚେତୁନାହିଁ କାଗଜକଳ



ରାୟଗଡା,(ସବ୍ୟୁ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଏକ ବର୍ଷ ପରେ ମଧ୍ୟ ଜେକେ କାଗଜକଳ ନାଗାବଳୀରୁ ହଟାଉ ନାହିଁ ଆଡିବନ୍ଧ ବୋଲି ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବି ଚେତୁନାହିଁ କାରଖାନା କର୍ତ୍ତୃପକ୍ଷ । ଲୋକଙ୍କ ଜୀବନ ଜୀବିକା ଦୁର୍ବିଶହ ହୋଇଯାଉ ପଛେ ଏହି କ୍ଷମତାପୂର୍ଣ୍ଣ କର୍ପୋରେଟର ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନିବେ ନାହିଁ। କର୍ପୋରେଟ ସ୍ୱାର୍ଥ ପାଇଁ ନାଗାବଳୀ ନଦୀର ପ୍ରାକୃତିକ ପ୍ରବାହକୁ ବେଆଇନ ଭାବେ ଅଟକାଇ ଜେକେ କାଗଜକଳ ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକଙ୍କ ଜଳ ଅଧିକାରକୁ କ୍ଷୁର୍ଣ୍ଣ କରିଛି ।

ନଦୀରୁ ଆଡିବନ୍ଧ ହଟିଲେ ତଳମୁଣ୍ଡରେ ଥିବା ଶତାଧିକ ଚାଷୀ ଏବଂ ୨୦୦ରୁ ଅଧିକ ଗ୍ରାମବାସୀ ଜଳସେଚନ ସୁବିଧା ସହିତ ପାନୀୟ ଜଳ ପାଇପାରିବେ । କିନ୍ତୁ କାରଖାନାର ଏକଚାଟିଆ ପାଣି ଦଖଲ ଯୋଗୁଁ ସମଗ୍ର ଅଞ୍ଚଳ ଜଳ ସଙ୍କଟରେ ରହୁଛି। ବର୍ତ୍ତମାନ କେବଳ କାରଖାନାର ବିଷାକ୍ତ ଜଳ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ବୋଲି ପ୍ରଦୂଷଣ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏମିତି ଦୀର୍ଘ ୬୬ବର୍ଷ ହେଲା ବିଷାକ୍ତ କରିଛି ନାଗାବଳୀ ନଦୀକୁ ବୋଲି ଏଠାକାର ଆଦିବାସୀ ବୃଦ୍ଧ ସିରିକା ରାମୁ କହିଛନ୍ତି। ଏହା ସହିତ କହିଛନ୍ତି କମ୍ପାନୀ ସିଂହ ଭାଗ ପାଣି ନେଉଛି । ପାଣି ନେବାପାଇଁ ଯେଉଁ ଆଡିବନ୍ଧ ବାନ୍ଧିଛି ଏତେ ପରିମାଣ ବାଲି ମାଟି କେଉଁଠୁ ଆଣିଛି। ନଦୀର ତଳ ମୁଣ୍ଡରେ କ୍ଷମତା ପୂର୍ଣ୍ଣ ମେସିନ ଦ୍ୱାରା ଗାତ କରି ନଦୀର ଗତିପଥ ବଦଳାଇ ମେସିନ ଦ୍ୱାରା ରଖିଛି। ତେଣୁ ଦୁଇ ବର୍ଷ ତଳେ ଦୁଇଜଣ ନାବାଳିକା ସେଠାରେ ମୃତ୍ୟୁ ବରଣ କରିଥିଲେ। ବର୍ତ୍ତମାନ ଏହି ଅସମ୍ଭାଳ ଖରା ହେଉଥିବା ବେଳେ ତଳ ମୁଣ୍ଡରେ ଥିବା ନଳକୂପ ଆରମ୍ଭ କରି ଉଠାଜଳସେଚନ ପ୍ରକଳ୍ପ ମଧ୍ୟ ଅଚଳ ହୋଇପଡିଛି। ଜେକେ କାରଖାନା ପାଇଁ ୪୦ହଜାର ଘନମିଟର ଜଳ ନେବା ପାଇଁ ସରକାରଙ୍କ ଅନୁମତି ରହିଛି। ଅପରପକ୍ଷରେ କାରଖାନା ଦୂଷିତ ପାଣିକୁ ବିଶୁଦ୍ଧ କରି କାରଖାନାରେ କାହିଁକି ବ୍ୟବହାର କରୁନାହିଁ। ଏହି ବେଆଇନ ଆଡିବନ୍ଧକୁ ଗତ ୨୦୧୨ମସିହା ଜୁନ ୨୦ତାରିଖରେ ଆଦିବାସୀ ନେତା ତଥା ବର୍ତ୍ତମାନ ବିଧାୟକ କାଦ୍ରାକା ଆପାଲାସ୍ୱାମୀଙ୍କ ନେତୃତ୍ୱରେ ଶହ ଶହ ଆଦିବାସୀ ଆଡିବନ୍ଧ ହଟେଇ ଥିଲେ। ବର୍ଷ ବର୍ଷ ଧରି ଏପରି ମନମୁଖି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି ଅଞ୍ଚଳବାସୀ। ତେବେ ଆସନ୍ତା ମାସରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଗସ୍ତରେ ଆସୁଥିବା ବେଳେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜଣେ ଆଦିବାସୀ ନେତା କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ବଡ଼ ନା କର୍ପୋରେଟର ପ୍ରଭାବ ଅବବାହିକାର ଲୋକେ ପ୍ରଶ୍ନ କରୁଛନ୍ତି।

# ଯୁଗଳ କିଶୋର ମହାକୁଡ଼ଙ୍କ ପରଲୋକ

କୁଚିଣ୍ଡା, (ସବ୍ୟୁ): ଗତ ୧୯ ତାରିଖ ଅକ୍ଷି ତୃତୀୟା ରାତ୍ରୀରେ ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ଉପଖଣ୍ଡର ବୁଦ୍ଧିଜୀବୀ ଯୁଗଳ କିଶୋର ମହାକୁଡ଼ଙ୍କ ପରଲୋକ ହୋଇଯାଇଛି। ସୂଚନା ମତେ ସେ ରାତିରେ ପାଇଖାନାକୁ ଯାଇଥିଲେ ସେଠାରେ ପରଲୋକ ହୋଇଛି। ତାଙ୍କର ନିଜ ଗାଁ ଗୋଛରା ଗ୍ରାମପଞ୍ଚାୟତ ଅନ୍ତର୍ଗତ କହ୍ଲେଇପାଲି ଗ୍ରାମରେ । ସ୍ୱର୍ଗତ ମହାକୁଡ଼ କୁଚିଣ୍ଡା ଉପଖଣ୍ଡରେ ଏନ୍ ଜିଓ ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ମାନ ଖୋଲି ପଲ୍ଲୀର ଗରିବ ପିଲାଙ୍କୁ ଶିକ୍ଷା, ଝାରସୁଗୁଡାରେ ବିମାନ ବନ୍ଦର କ୍ଷେତ୍ରରେ ଅଗ୍ରଣୀ ଭୂମିକା, ସମ୍ବଲପୁର ଜିଲ୍ଲା ସଦର ମହକୁମାରେ ଏନ୍ ଜିଓ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ଚଳାଇଥିବା ବେଳେ, କହ୍ନେଇ ପାଲି ସରକାରୀ ହାଇସ୍କୁଲ ଓ କଲେଜ ପ୍ରତିଷ୍ଠାରେ ମଧ୍ୟ ତାଙ୍କର ଅବଦାନ ରହିଛି ।

# ରାମେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ମହୋତ୍ସବକୁ ନେଇ ପ୍ରସ୍ତୁତି

ପଦ୍ମପୁର,(ସବ୍ୟୁ): ଅଞ୍ଚଳର ଆସ୍ଥା, ଆଧ୍ୟାତ୍ମିକତା ଓ ସାମ୍ପ୍ରଦାୟିକ ସମ୍ମିଳନର ଏକ ଅନନ୍ୟ ପରମ୍ପରା ହେଉଛି ରାମେଶ୍ୱର ମନ୍ଦିରର ଶୀତଳଷଷ୍ଠୀ ମହୋତ୍ସବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧୁମଧାମରେ ପଞ୍ଚମ ଶୀତଳଷଷ୍ଠୀ ମହୋତ୍ସବ ପାଳନ ପାଇଁ ଆୟୋଜନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ, ଏହାକୁ ନେଇ ରାମେଶ୍ୱର ମନ୍ଦିର ବଡବନ୍ଧ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ମହୋତ୍ସବର ସମଗ୍ର ରୂପରେଖା, ପାରମ୍ପରିକ ଆଚାର–ବିଚାର, ଧାର୍ମିକ କାର୍ଯ୍ୟକ୍ରମ, ସାଂସ୍କୃତିକ ଆୟୋଜନ ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ତଥ୍ୟ ପ୍ରଦାନ କରାଯାଇଥିଲା । ଏହି ମହୋତ୍ସବ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସମଗ୍ର ଅଞ୍ଚଳର ସାମାଜିକ ଏକତା, ଭାଇଚାରା ଓ ସଂସ୍କୃତିର ଏକ ବୃହତ ଉତ୍ସବ ଭାବେ ପରିଚିତ। ଚଳିତ ବର୍ଷ ବାବା ରାମେଶ୍ୱରଙ୍କ ପିତାମାତା ଭାବେ ପବିତ୍ର ମେହେର ଓ ତାଙ୍କ ସହଧର୍ମିଣୀ ସୀତା ମେହେରଙ୍କୁ ଏହି ପବିତ୍ର ଦାୟିତ୍ୱ ଦିଆଯାଇଛି। ସେହିପରି ମାତା ପାର୍ବତୀଙ୍କ ପିତାମାତା ଭାବରେ ଅଜିତ କୁମାର ପାତ୍ର ଓ ତାଙ୍କ ସହଧର୍ମିଣୀ ରଜନୀ ପାତ୍ରଙ୍କୁ ମଧ୍ୟ ଏହି ସୌଭାଗ୍ୟ ମିଳିଛି। ଜୁନ ୧୮ ଓ ୧୯ ତାରିଖରେ ଦୁଇ ଦିନ ଧରି ମହୋତ୍ସବ ଆୟୋଜିତ ହେବ।

ସାମ୍ବାଦିକ ସମ୍ମିଳନୀରେ ଶୀତଳଷଷ୍ଠୀ କମିଟିର ସଭାପତି ଅଚ୍ୟୁତାନନ୍ଦ ସେଠ, ସମ୍ପାଦକ ସୁଦାମ ଚରଣ ଦାନୀ, କୋଷାଧ୍ୟକ୍ଷ ହରିଶଙ୍କର ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ସୁରଜ ପ୍ରସାଦ ସାହୁ, ଉପସଭାପତି ଚୁଡାମଣି ମାଝୀ, ବରିଷ୍ଠ ସଦସ୍ୟ ବେଣୁମାଧବ ଦୋରା ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ,ଏହି ପବିତ୍ର ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତ ଭକ୍ତମାନଙ୍କୁ ଶାନ୍ତି, ଶୃଙ୍ଖଳା ଓ ସହଯୋଗ ରଖି ସକ୍ରିୟ ଭାଗୀଦାରୀ ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି।

# ଜମନକିରାରେ ବିଶ୍ୱଶାନ୍ତି ନାମ ଯଜ୍ଞ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ୍ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରସରରେ ଗତ ୩ ଦିନ ଧରି ଚାଲିଥିବା ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଅଷ୍ଟପ୍ରହର ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ମହା ନାମଯଜ୍ଞ ଅଞ୍ଚଳବାସୀଙ୍କ ସହଯୋଗ ସହିତ କର୍ତ୍ତା ଭାବେ ପ୍ରିତମ କୁମାର ଦାନୀ ଓ ତାଙ୍କ ଧର୍ମପତ୍ନୀ ପ୍ରଜ୍ଞା ପଟ୍ଟନାୟକ ପୂଜା କାର୍ଯ୍ୟ କରିଥିବା ବେଳେ ପୂଜକ ଭାବେ ବିଶିଷ୍ଟ ପଣ୍ଡିତ ଅଶୋକ କୁମାର ପାଣିଗ୍ରାହୀ ଏବଂ ଗୋପାଳ ଶତପଥୀ ରୀତିନୀତି ଭାବେ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏହି ପରିପେକ୍ଷୀରେ ଶୁକ୍ରବାର ଅପରାହ୍ନରେ କଳସ ଯାତ୍ରାରୁ ଶୁଭାରମ୍ଭ କରି ମନ୍ଦିରରେ ସ୍ଥାପନା କରିଥିଲେଛ ଆଜି ନଗର ପରିଭ୍ରମଣ ସହିତ ଦଧିଭାଣ୍ଡ ଭଗ୍ନ କରି ମହାଯଜ୍ଞ ର ପୂର୍ଣ୍ଣାହୁତି କରାଯାଇଥିଲା। ଏଥିରେ ୩ ଦିନ ଧରି ମହାପ୍ରସାଦ ର ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ବିଶ୍ୱଶାନ୍ତି ମହାଯଜ୍ଞ ବଡ ଧୁମଧାମରେ ପାଳନ ହୋଇ ଯାଇଛି। ରାତ୍ରରେ ବହୁ କୀର୍ତ୍ତନ ମଣ୍ଡଳୀଙ୍କ ସମାବେଶରେ ବୈଠକି କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜର୍ଣ୍ଣାଲିଷ୍ଟ ପ୍ରିମିୟମ ଲିଗ ସିଜନ–୨ ଉଦ୍‌ଯାପିତ



କଲମପୁର,(ସବ୍ୟୁ):ଚଳିତ ବର୍ଷ ସାମ୍ବାଦିକ ମାନଙ୍କ ପକ୍ଷରୁ କଲମପୁର ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିବା ଜର୍ଣ୍ଣାଲିଷ୍ଟ ପ୍ରିମିୟମ ଲିଗ ଫାଇନାଲ ଖେଳ ଉଦଯାପିତ ହୋଇଯାଇଛି । ବନ୍ଦକନା ପଞ୍ଚାୟତ ବନାମ କଲମପୁର ପଞ୍ଚାୟତ ମଧ୍ୟରେ ଖେଳ ଆକର୍ଷଣୀୟ ଥିଲା। ପ୍ରଥମେ ବନ୍ଦକନା ପଞ୍ଚାୟତ ବ୍ୟାଟିଙ୍ଗ କରି ୧୦ ଓଭରରେ ୮୧ ରନ ସ୍କୋର କରି ଅଲଆଉଟ ହୋଇଥିଲା । କଲମପୁର ପଞ୍ଚାୟତ ୮୧ରନ ଲକ୍ଷ୍ୟ ରଖି ବ୍ୟାଟିଙ୍ଗ ଆରମ୍ଭ କରିଥିଲା । ୭ ଓଭରରେ ଦୁଇ ୱିକେଟ ବିନିମୟରେ ୮୨.ରନ ସଂଗ୍ରହ କରି ବିଜେତା ଘୋଷିତ ହୋଇଥିଲା । ଏଥିରେ ନିବେଦିତା ହଂସ, ଚିନ୍ତାମଣି ବେହେରା, ଚତୁର୍ଭୁଜ ପଣ୍ଡା , ଶତ୍ରୁଘନ ବାଗ, ମଣ୍ଟୁ ପାତ୍ର, ବେଣୁ ଦୀପ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ୨ ଖେଳାଳୀ ଦଳଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଜର୍ଣ୍ଣାଲିଷ୍ଟ ପ୍ରିମିୟମ ଲିଗ ସଭାପତି ପରମାନନ୍ଦ ଠାକୁର, କୋଷାଧକ୍ଷ ଟଙ୍କଧର ବିହାରୀ, ସମ୍ପାଦକ ଶେଷଦେବ ନାଏକ, ଉପଦେଷ୍ଟା ସୁରେନ୍ଦ୍ର ନାଏକ, ସହସମ୍ପାଦକ ଅଜିତ ପୁଝାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୧ ଗ୍ରାମ ପଞ୍ଚାୟତ, ବିଦ୍ୟୁତ୍ ବିଭାଗ, ପୋଲିସ ଏବଂ ଅଗ୍ନିଶମ ବିଭାଗ,ଶିକ୍ଷକ ମାନଙ୍କୁ ନେଇ ଶୃଙ୍ଖଳା ଭିତରେ ଖେଳ ଉଦଯାପିତ ହୋଇଯାଇଛି।

# କଳାହାଣ୍ଡିରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଟାଉନ ହଲ୍ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହ ଓ ଉତ୍କଣ୍ଠାର ସହ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦୁ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସାଂସଦ ପ୍ରତିନିଧି ଜୟଶଙ୍କର ନାୟକ, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ନରହରି ପଟ୍ଟନାୟକ, ବିଜେପି ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ନିରୂପମା ନାୟକ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଉପ–ନିର୍ଦ୍ଦେଶକ (ପ୍ଲାନିଂ) ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ବିଡ଼ିଓ ଚନ୍ଦନ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ମହିଳା ଦିବସ ପାଳନର ଗୁରୁତ୍ୱ ଓ ମହିଳା ସଶକ୍ତିକରଣ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲାରେ ୩,୬୮,୬୩୯ ଜଣ ହିତାଧିକାରୀ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପାଇଥିବା ବେଳେ ୧୧,୦୦୦ ନୂଆ ହିତାଧିକାରୀ ପ୍ରଥମ କିସ୍ତି ପାଇଛନ୍ତି ବୋଲି ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସୁରକ୍ଷା ଅଧିକାରିଣୀ ସନ୍ଧ୍ୟାରାଣୀ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସ୍ୱାସ୍ଥ୍ୟର ଯତ୍ନ ଓ ଆଧ୍ୟାତ୍ମିକ ଚିନ୍ତନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭବାନୀପାଟଣା, (ସବ୍ୟୁ): ଆଜିର ଜଞ୍ଜାଳମୟ ଜୀବନରେ ମାନସିକ ଶାନ୍ତି ଟିକକ ପାଇଁ ସମସ୍ତେ ବ୍ୟଗ୍ର । ବସ୍ତୁବାଦୀ ଦୁନିଆଁରେ ଏସବୁ ମିଳିବା ଅସମ୍ଭବ। ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗାସନ ଓ ପ୍ରାଣାୟାମ ଏବଂ ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ ଚିନ୍ତନ ସନାତନ ସଂସ୍କୃତିର ମାନବ ସଭ୍ୟତାକୁ ଏକ ଅମୂଲ୍ୟ ଦାନ । ଏହି ଆପ୍ତ ବାକ୍ୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଭବାନୀପାଟଣା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ସକାଳ ୬ ଟାରେ ସ୍ୱାସ୍ଥ୍ୟର ଯତ୍ନ ଓ ଆଧ୍ୟାତ୍ମିକ ଚିନ୍ତନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ ଏକ ଅଭିନବ ଯୋଗ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଗୁରୁ ଅଶୋକ କୁମାର ମୁଣ୍ଡ ଯୋଗଦେଇ ପ୍ରାଣାୟାମ ଓ ଯୋଗ ତାଲିମ ଦେଇଥିଲେ। ଅଧଘଣ୍ଟା ଯୋଗାସନ ପରେ ଆଧ୍ୟାତ୍ମିକ ଚିନ୍ତନ କ୍ରମରେ ଗୀତା ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ରବିବାର ସକାଳ ଛଅ ଟାରୁ ସାତଟା ଗୋଟିଏ ଘଣ୍ଟା ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରାଯିବ ବୋଲି ଜିଲ୍ଲା ଉପ ସଭାପତି ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜ, ପର୍ଶୁରାମ ସେନା ଓ ପ୍ରଜ୍ଞା ବାହିନୀର ୩୦ ଜଣ ସଦସ୍ୟ ସଦସ୍ୟା ଯୋଗଦେଇ ପ୍ରାଣାୟାମ ଓ ଯୋଗାସନ ତାଲିମ ନେଇଥିଲେ।

# ନୂଆପଡ଼ା ଜିଲ୍ଲା ଗସ୍ତରେ କନ୍ଧମାଳର ୮୦ ଜଣିଆ ମିଶନ ଶକ୍ତି ମହିଳା ଦଳ



ନୂଆପଡ଼ା,(ସବ୍ୟୁ): ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ଓ ଜ୍ଞାନ ଆହରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ଅନ୍ତଃ–ଜିଲ୍ଲା ଅଭିଜ୍ଞତା ବିନିମୟ କାର୍ଯ୍ୟକ୍ରମ' ଅଧୀନରେ କନ୍ଧମାଳ ଜିଲ୍ଲାର ଏକ ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲା ଗସ୍ତ କରିଛନ୍ତି। ଗତ ୨୩ ଏପ୍ରିଲ ୨୦୨୬ ରୁ ୨୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ବାଲିଗୁଡ଼ା ଓ କେ. ନୂଆଗାଁ ବ୍ଲକର ପ୍ରାୟ ୮୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, 'ଲକ୍ଷପତି ଦିଦି' ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସି ଏସ ଏସ) ସାମିଲ ଥିଲେ। ସଫଳ ଜୀବିକା ମଡେଲର ଅନୁଧ୍ୟାନ କଲେ। ଗସ୍ତ ସମୟରେ ମହିଳାମାନେ ନୂଆପଡ଼ା ଜିଲ୍ଲାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଉନ୍ନତମାନର ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେମାନେ ମୁଖ୍ୟତଃ ଡୁଆଝର ସ୍ଥିତ 'ଏମ.ଏସ କହ୍ନେୟା ରେଡିମେଡ ଗାର୍ମେଣ୍ଟ ଷ୍ଟିଚିଂ ୟୁନିଟ୍' ପରିଦର୍ଶନ କରି ପୋଷାକ ପ୍ରସ୍ତୁତି ପ୍ରଣାଳୀ ବୁଝିଥିଲେ।

ଜିଲ୍ଲାସ୍ତରୀୟ ଟେଲରିଂ ୟୁନିଟ୍ ଏବଂ ବିଉଟି ପାର୍ଲର ପରିଦର୍ଶନ କରି ନୂତନ ବ୍ୟବସାୟିକ କୌଶଳ ଶିଖିଥିଲେ। 'ମା' ଭୈରବ ଲକ୍ଷ୍ମୀ ଘଗଓଁ' ର କାଷ୍ଠ କଳା ୟୁନିଟ୍ ବୁଲି ଦେଖିଥିଲେ। ସୁଭଦ୍ରା ଶକ୍ତି କାଫେ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡିଏଲଏଫ ନୂଆପଡ଼ା ଦ୍ୱାରା ପରିଚାଳିତ ଆଟେଣ୍ଡାନ୍ସ ରେଷ୍ଟ ସେଡ୍ ଏବଂ ହେଲ୍ପ ଡେସ୍କର କାର୍ଯ୍ୟଶୈଳୀ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ନୂଆପଡ଼ା ଜିଲ୍ଲାପାଳ ମଧୁ ସୁଦନ ଦାଶଙ୍କ ସମ୍ମିଳନୀ କକ୍ଷରେ ଏକ ସଚେତନତା ତଥା ଜ୍ଞାନ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହିଳାମାନଙ୍କୁ କିଭଳି ସ୍ଥାୟୀ ଜୀବିକା ନିର୍ବାହ କରିହେବ, ସେ ନେଇ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାପାଳ ମହିଳା ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସହ ନିଜର ବ୍ୟକ୍ତିଗତ ବିକାଶ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଅନେକ ଦିଗଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ପ୍ରକଳ୍ପ ସମନ୍ୱୟକ (ଡି ପି ସି, ମିଶନ ଶକ୍ତି), ବାଲିଗୁଡ଼ା ଓ କେ. ନୂଆଗାଁ ବ୍ଲକର ବିପିସି (ବିପିସି/ବିପିଏମ) ଏବଂ ଡିଏଲଏଫ ନୂଆପଡ଼ାର କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରମୁଖ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମହାରାଜ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ଗ୍ରାମୀଣ ଜିଲ୍ଲା ସଂଘ ଚାଳକ ରଙ୍ଗାଧର ଶର୍ମାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ମହେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ହିନ୍ଦୁତ୍ୱ ହିଁ ସର୍ବ ସମାବେଶୀ ଅଟେ। ତେଣୁ ସଂଘ ଶହେ ବର୍ଷ ଧରି ସମାଜର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରି ଆସୁଛି ବୋଲି କହିଥିଲେ। ସମ୍ବଲପୁର ଗ୍ରାମୀଣ ଜିଲ୍ଲା କାର୍ଯ୍ୟବାହ ଲକ୍ଷ୍ମୀଧର ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶେଷରେ ଅଧ୍ୟାପକ ଦୟାସାଗର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଆରଏସଏସ ବିଭାଗ ପ୍ରଚାରକ ଶ୍ରୀମନ୍ତ ଭାଇ, କିଶନ ଦେଓ, ରୋଶନ ସାହୁ, ସ୍ୱସ୍ତିକ ଶର୍ମା, ଯୋଗେଶ ନାଏକ, ଯଦୁମଣି ସେଠ, ଅତୁଲ୍ ଅଗ୍ରୱାଲ ,ସୁଦୀପ୍ତ ବାଘ, ଅନନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ତାତିରୁ ନାହିଁ ତ୍ରାହି : ସୁବର୍ଣ୍ଣପୁର ଜିଲ୍ଲାରେ ପାରଦ ଉପରମୁହାଁ



ସୋନପୁର ,(ସବ୍ୟୁ): ତତଲା କଡେଇରେ ଭାଜି ହେଉଛି ସୁବର୍ଣ୍ଣପୁର ଜିଲ୍ଲା । ଖରା ନୁହେଁ ତ ଗୋଟେ ପ୍ରକାର ନିଆଁ ବର୍ଷୁଛି । ସୋନପୁରରେ ଗ୍ରୀଷ୍ମ ପ୍ରକୋପରେ ଅସ୍ତବ୍ୟସ୍ତ ଜନଜୀବନ । ପୂର୍ବାହ୍ନ ୧୦ଟା ନ ହେଉଣୁ ପାରଦ ଟପୁଛି ୪୦ ଡିଗ୍ରୀ ଉପରେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଥିବା ବେଳେ ସମସ୍ତ ସ୍କୁଲ କଲେଜ ଗୁଡିକୁ ଛୁଟି ଘୋଷଣା କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ। ସତେ ଯେପରି ଆକାଶରୁ ବର୍ଷୁଛି ନିଆଁ । ସକାଳ ୧୧ଟା ବାଜିଲେ ରାସ୍ତାଘାଟ ଶୂନଶାନ ହୋଇଯାଉଛି । ଏହି ଅଂଚଳରେ ଗ୍ରୀଷ୍ମର ପ୍ରକୋପରୁ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି । ଅତି ଜରୁରୀ କାମ ନଥିଲେ କେହି ବାହାରକୁ ବାହାରୁ ନଥିବା ଦେଖିବାକୁ ମିଳୁଛି। ଯିଏବି ଘରୁ ବାହାରକୁ ବାହାରୁଛି କଳା ଚଷମା, ଛତା , ମୁଣ୍ଡରେ କପଡା ଆଦି ଦେଇ ବାହାରୁଥିବା ଦେଖିବାକୁ ମିଳୁଛି । ଖରା ଯୋଗୁ ଏବେ ଲୋକଙ୍କ ସାହା ଭରସା ସାଜିଛି ପାଣି ବୋତଲ ଓ ଥଣ୍ଡା ପାନୀୟ, ଆଖୁରସ, ଦହିବରା ଇତ୍ୟାଦି । ଅନ୍ୟ ପଟେ ବିଭିନ୍ନ ଗ୍ରାମ ଗୁଡିକୁ ଜଳ ଯୋଗାଣ ଠିକ ଭାବେ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତି କରିଛନ୍ତି ବୁଦ୍ଧିଜୀବୀ । ଭୀଷଣ ତାତି, ଗୁଲୁଗୁଲି ସହ ବେଳେବେଳେ ବିଦ୍ୟୁତ କାଟ ବରିଷ୍ଠ ନାଗରିକଙ୍କୁ ବେଶ କଷ୍ଟ ଦାୟକ ହେଉଥିବା ଅଭିଯୋଗ ହେଉଛି । ସୁବର୍ଣ୍ଣପୁର ଜିଲ୍ଲାରେ ଥିବା ଦୁଇଟି ପ୍ରମୁଖ ନଦୀ ତେଲ ଓ ମହାନଦୀ ଜଳସ୍ତର /ଧାର ମଧ ଧୀରେ ଧୀର ହ୍ରାସ ପାଉଛି । ଟାଣ ଖରା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସଦର ମହକୁମାକୁ ବିଭିନ୍ନ କାମରେ ଆସୁଥିବା ଲୋକେ । ଅନ୍ୟ ପକ୍ଷେ ସୋନପୁର ଜିଲ୍ଲାର ବିଭିନ୍ନ ଗ୍ରାମଞ୍ଚଳରେ ଥିବା ଅସଜଡ଼ା ନଳକୂପ ଗୁଡିକୁ ସଜାଡ଼ିବାକୁ ଦାବି ହେବା ସହ ତୁରନ୍ତ ବିଭିନ୍ନ ଛକ ଗୁଡିକରେ ଜଳଛତ୍ର ଗୁଡିକ ଖୋଲିବାକୁ ଦାବି କରିଛନ୍ତି ସାଧାରଣ ଲୋକ । ତେବେ ବର୍ତ୍ତମାନ ଏପ୍ରିଲ ମାସରେ ଏଭଳି ଖରା ଅନୁଭୁତ ହେଉଥିବା ବେଳେ ଆଗକୁ ଯଦି ଆହୁରି ଗ୍ରୀଷ୍ମ ପ୍ରବାହ ବଢେ ତେବେ ଜନଜୀବନ ଆହୁରି ଅସ୍ତବ୍ୟସ୍ତ ହେବ । ସୁବର୍ଣ୍ଣପୁର ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ତାପମାତ୍ରା ବୃଦ୍ଧିର କାରଣ ଜଙ୍ଗଲ ଧ୍ୱସଂ ଏବଂ କଂକ୍ରିଟିକରଣ ବୋଲି ପରିବେଷବିଦମାନେ ମତ ପୋଷଣ କରୁଥିବା ବେଳେ ତାତିରୁ ତ୍ରାହି ପାଇବା ପାଇଁ ବହୁଳ ପରିମାଣରେ ଜଂଗଲ ବୃଦ୍ଧି କରିବା ପାଇଁ ଜରୁରୀ ।

## ପାଉଁଶ ବୋଝେଇ ୨୦ଟି ହାଇୱା ଅଟକ

# ପରିବେଶ ପ୍ରଦୂଷଣ ନେଇ ଗ୍ରାମବାସୀଙ୍କ ତୀବ୍ର ପ୍ରତିବାଦ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ଖତକୁରବାହାଲ ପଞ୍ଚାୟତ ଅନ୍ତର୍ଗତ ଉପରବାହାଲ ଗ୍ରାମରେ ଆଜି ବିଳମ୍ବିତ ରାତିରେ କାରଖାନାର ବର୍ଜ୍ୟ ପାଉଁଶ ବୋଝେଇ ପ୍ରାୟ ୨୦ଟି ହାଇୱା ଗାଡ଼ିକୁ ଗ୍ରାମବାସୀମାନେ ଅଟକ ରଖିଥିଲେ। ଏହି ବର୍ଜ୍ୟ ପାଉଁଶ ନିକଟସ୍ଥ ଡୁଙ୍ଗଲେଇ ପାହାଡ଼, ଘେରା ପାହାଡ଼ ଏବଂ ଖତକୁରବାହାଲ ଡାକ୍ତରଖାନା ନିକଟରେ ପକାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷପ୍ରକାଶ ପାଇଛି । ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ ଉପରବାହାଲ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଖୋଳାଯାଇଥିବା ପୋଖରୀକୁ ମଧ କାରଖାନାର ବର୍ଜ୍ୟ ପାଉଁଶ ଫିଙ୍ଗି ପୋତି ଦିଆଯାଉଛି। ଏହା ଗ୍ରାମର ପରିବେଶ ଓ ସରକାରୀ ଯୋଜନାର ଉଦ୍ଦେଶ୍ୟକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ଖତକୁରବାହାଲ ସରପଞ୍ଚ ଝାଡ଼ି ଧନୱାର, ସମିତି ସଭ୍ୟା ପୁଷ୍ପା ର୍ତିକୀଙ୍କ ସହିତ ଉପରବାହାଲର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ବିଜୁ ଏକ୍ସପ୍ରେସ ୱେ ରାସ୍ତା କଡ଼ରେ ଦିନ ଭରି ବେଆଇନ ଭାବରେ କାରଖାନାର ବର୍ଜ୍ୟ ପାଉଁଶ ବୋଝେଇ ଓଭରଲୋଡ୍ ଗାଡ଼ି ରଖାଯାଉଛି। ପରେ ରାତିର ଅନ୍ଧାରରେ ଏହି ଗାଡ଼ିଗୁଡ଼ିକୁ ଗ୍ରାମ ଅଞ୍ଚଳ, ଧାନବିଲ, ନଦୀକୂଳ ଓ ଜଙ୍ଗଲ ଭିତରକୁ ନେଇ ବର୍ଜ୍ୟ ପାଉଁଶ ଫିଙ୍ଗାଯାଉଛି। ଏହି ବେଆଇନ କାର୍ଯ୍ୟକଳାପରେ ସ୍ଥାନୀୟ ପରିବେଶ ଉପରେ ଗଭୀର ପ୍ରଭାବ ପଡୁଥିବା ଗ୍ରାମବାସୀମାନେ କହିଛନ୍ତି। ଚାଷ ଜମିରେ ବର୍ଜ୍ୟ ପାଉଁଶ ପଡ଼ିବା ଫଳରେ ମାଟିର ଉର୍ବରତା କମିଯାଉଛି ଏବଂ ଚାଷୀମାନଙ୍କ ଜୀବିକା ଗୁରୁତର ସଙ୍କଟରେ ପଡୁଛି। ସେହିପରି ଜଳ, ମାଟି ଓ ପାର୍ଶ୍ୱବର୍ତ୍ତୀ ଜୀବଜଗତ ଦୂଷିତ ହେବାର ଆଶଙ୍କା ମଧ ବଢ଼ିଛି। ଏହାସହ ରାତି ଅଧରେ ଗ୍ରାମ ରାସ୍ତା ଦେଇ ଭାରୀ ଯାନ ଚଳାଚଳ କରୁଥିବାରୁ ଗ୍ରାମବାସୀ ଭୟ ଓ ଅସୁବିଧାରେ ରହୁଛନ୍ତି। ଗାଡ଼ିର ଉଚ୍ଚ ଶବ୍ଦ ଯୋଗୁଁ ରାତିରେ ଲୋକମାନଙ୍କ ନିଦ୍ରା ଭଙ୍ଗ ହେଉଥିବା ସହ ଗ୍ରାମୀଣ ଜୀବନର ସାଧାରଣ ଶୃଙ୍ଖଳା ବ୍ୟାଘାତ ହେଉଛି।

ସ୍ଥାନୀୟ ଲୋକଙ୍କ ଦାବି ହେଉଛି, ଏହି ବେଆଇନ ବର୍ଜ୍ୟ ପାଉଁଶ ଚାଲାଣ ଉପରେ ତୁରନ୍ତ ସ୍ଥାୟୀ ରୋକ ଲଗାଇବା ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଉ। ଏହା ସହିତ ଅଟକ ରହିଥିବା ଗାଡ଼ିଗୁଡ଼ିକୁ ସିଜ୍ କରିବା ପାଇଁ ମଧ ଦାବି ଉଠିଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ହସ୍ତକ୍ଷେପ କରିବାକୁ ସାଧାରଣରେ ଜୋର ଦାବି ହେଉଛି। ନହେଲେ ଏହି ବର୍ଜ୍ୟ ପାଉଁଶ ଆଗାମୀ ପିଢ଼ି ପାଇଁ ଗୁରୁତର ବିପଦ ନେଇଆସିବ ବୋଲି ଗ୍ରାମବାସୀମାନେ ସତର୍କ କରିଛନ୍ତି। ପରେ କୁତ୍ରା ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ନିର୍ବାଚନରେ ଫାଇଦା ନେବା ପାଇଁ ବିଜେପିର ଯୋଜନା ଫେଲ

ସମ୍ବଲପୁର,(ସବ୍ୟୁ): ଦେଶର ୫ଟି ରାଜ୍ୟରେ ନିର୍ବାଚନ ଚାଲିଛି। ଏହି ସମୟରେ ବିଜେପି ସରକାର ବହୁମତ ନଥାଇ ମହିଳା ସଂରକ୍ଷଣ ବିଲ ଆଣି ନାଟକ କରିଥିଲା। ବିଲ ପାରିତ ନହେଲେ ବିରୋଧିକୁ ଦାୟୀ କରି ବଦନାମ କରିବା ଲକ୍ଷ୍ୟ ରଖିଥିଲା। ନିର୍ବାଚନ ଫାଇଦା ନେବା ପାଇଁ ଯୋଜନା କରି ଫେଲ ମାରିଛି। ରବିବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ସସ୍ମିତା ବେହେରା ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବାକୁ କେନ୍ଦ୍ର ସରକାର ଜାଣିଶୁଣି ଏଭଳି ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ମହିଳା ବିଲ ସଂସଦରେ ଆଗତ କରିଥିଲା। ବିଲ ଖାରଜ ହେବା କଥା ବିଜେପି ଆଗରୁ ଜାଣିଥିଲା । ୨୦୨୩ରେ ଏନେଇ ସଂସଦରେ ମହିଳା ସଂରକ୍ଷଣ ବିଲ ପାରିତ ହୋଇଥିବା ବେଳେ ଏବେ ପୁଣିଥରେ ଏନେଇ ସମ୍ବିଧାନ ସଂଶୋଧନ ବିଲ ଆଗତ କରିବା ଜରୁରୀ କି ବୋଲି ପ୍ରଶ୍ନ କରିଥିଲେ। ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୯ ମସିହାରେ ସଂସଦରେ ଐତିହାସିକ ବିଲ ଆଣି ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ମହିଳାଙ୍କ ସ୍ଥାନ ସଂରକ୍ଷଣ କରିଥିଲେ। ୨୦୨୧ରେ କଂଗ୍ରେସ ପକ୍ଷରୁ ସଂସଦରେ ଆଗତ ମହିଳା ବିଲ ରାଜ୍ୟସଭାରେ ପାରିତ ହୋଇଥିଲା। କଂଗ୍ରେସ ସବୁବେଳେ ମହିଳାଙ୍କୁ କ୍ଷମତା ଦେବାକୁ କସରତ କରି ଆସିଛି। କିନ୍ତୁ ବିଜେପି ସରକାର କେବଳ ଭୋଟ କୈନ୍ଦ୍ରିକ ଚିନ୍ତାଧାରା ଆପଣାଇ ମହିଳାଙ୍କ ପାଇଁ ଆଖିରେ ଲୁହ ନଥାଇ କାନ୍ଦୁଛି। ଯାହା ଦେଶବାସୀ ଜାଣି ସାରିଲେଣି । ବିଜେପି ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ରହିଛି। ଗତ ୨ ବର୍ଷରେ ରାଜ୍ୟରେ ରେକର୍ଡ ସଂଖ୍ୟକ ୬୦ ହଜାର ଦୁଷ୍କର୍ମ ମାମଲା ପଦାକୁ ଆସିଛି। ବିଜେପି ସରକାରଙ୍କ ମହିଳାଙ୍କ ପ୍ରତି କେତେ ସମ୍ମାନ ରହିଛି ତାହା ସ୍ପଷ୍ଟ ଅନୁମେୟ। ଦେଶର କ୍ରୀଡ଼ାବିତ୍ ମାନଙ୍କୁ ଯୌନ ଶୋଷଣ କରାଯାଇଥିଲା । ଏଥିରେ ବିଜେପି ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିଲା। ମଣିପୁର ମହିଳା ମାନଙ୍କ ସହ କିଭଳି ଅତ୍ୟାଚାର କରାଗଲା ତାହା ଦେଶବାସୀ ଦେଖିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ଚୁପ୍ ରହିଲେ। ତେବେ ମହିଳା ସୁରକ୍ଷା ଚିନ୍ତା ଲୋକ ଦେଖାଣିଆ ଅଟେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଅମିତ୍ ଗୁରୁ, ଜିଲ୍ଲା ଉପସଭାପତି ଜିତେନ ମହାନନ୍ଦ, ପୂର୍ବତନ ସଭାପତି ଜୟଶଙ୍କର ମିଶ୍ର, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ହୀରାକୁଦ ଟାଉନ ସଭାପତି ରବି ରାଉତ, ସମ୍ବଲପୁର ଟାଉନ ସଭାପତି ସଞ୍ଜୀବ ଗର୍ଡିଆ, ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ ବୋତଲରେ ବୃକ୍ଷର ଜୀବନ

# ପ୍ରକୃତି ବନ୍ଧୁ ସରୋଜ ମେହେରଙ୍କ ନିଆରା ପ୍ରୟାସ



କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପଞ୍ଚାୟତ କୁଡାପଡା ଗାଁ ପ୍ରକୃତି ବନ୍ଧୁ ସରୋଜ ମେହେର । ଘରକୁ ଲାଗିଥିବା ଛୋଟ ପାହାଡ଼ରେ ୨୫୦ଟି ଆମ୍ବ ଗଛ ଲଗାଇଛନ୍ତି । ସେହି ଆମ୍ବ ଗଛ ଗୁଡିକ ଗ୍ରୀଷ୍ମ ତାପକୁ ସହ୍ୟ କରିନପାରି ପାଣି ଅଭାବରୁ ମରିଯାଉ ଥିବା ଦେଖି ପ୍ରକୃତି ବନ୍ଧ ସରୋଜ ଚିନ୍ତାରେ ପଡି ଯାଇଥିଲେ । ଗ୍ରୀଷ୍ମ ନ ଆସିବା ଆଗରୁ ଗଛ ଗୁଡିକ ସୁନ୍ଦର ଦେଖା ଯାଉଥିଲା । ତାହା ଦେଖି ନିଜ ଉଦ୍ୟମରେ ଗଛ ଗୁଡିକର ମୂଳକୁ ସଫା କରି ସେହି ଏରିଆକୁ ତାର ବାଡ଼ ଦେଇ ଗାଈ ଗୋରୁ ଛେଳିରୁ ରକ୍ଷା କରି ଥିଲେ । ହେଲେ ସେହି ଗଛ ଗୁଡିକ ଗ୍ରୀଷ ର ତାପକୁ ସହ୍ୟ କରି ନ ପାରି ପାଣି ଅଭାବରୁ ମରି ଯାଉଥିବା ଦେଖିବା ପରେ ସରୋଜ ଏକ ଉପାୟ ବାହାର କରି ଥିଲେ ବୃକ୍ଷ୍ୟ କୁ କେମିତି ଖରା ଦାଉ ରୁ ବଞ୍ଚା ଯାଇ ପାରିବ ସେ ଚିନ୍ତା କରି ସେ ପ୍ରଥମେ ୨ ଲିଟର ଓ ଏକ ଲିଟର ପାଣି ବୋତଲ ବିଭିନ୍ନ ସ୍ଥାନରୁ ସଂଗ୍ରହ କରି ଏକ ଉପାୟ ବାହାର କରିଥିଲେ । ଗଛର ମୂଳରେ ପାଞ୍ଚ/ ୬ଇଞ୍ଚ ଗାତ ଖୋଳି ପ୍ଲାଷ୍ଟିକ ବୋତଲ ତଳ ପଟେ ଛୋଟ କଣା କରି ସେ ଗାତରେ କଣା ହୋଇଥିବା ପ୍ଲାଷ୍ଟିକ ବୋତଲକୁ ଭର୍ତ୍ତି କରି ସେଥିରେ ପାଣି ଭର୍ତ୍ତି କଲେ । ଭିତର ପଟେ ଧୀରେ ଧୀରେ ମାଟିକୁ ଓଦା କରି ଗଛକୁ ପାଣି ଯୋଗାଇ ଥାଏ । ପ୍ରତି ଦିନ ଗଛକୁ ୫୦ ଲିଟର ପାଣି ସରୋଜ ଯୋଗାଇଥାନ୍ତେ । ସରୋଜ କେବଳ ଗଛ ଠାରୁ ଆରମ୍ଭ କରି ପ୍ରକୃତିରେ ବାସ କରୁଥିବା ଜୀବଜନ୍ତୁଙ୍କ ମଧ ପ୍ରେମ କରିଥାନ୍ତି । ଏହି କାର୍ଯ୍ୟ କରିବା ପାଇଁ ତାଙ୍କୁ କେହି ଅର୍ଥ ଦେଇ ନାହିଁ । ନିଜ ନିଶା ଓ ପରିଶ୍ରମ ବଳରେ ପ୍ରକୃତି ପାଇଁ କାମ କରି ଆସୁଛନ୍ତି । ପ୍ରକୃତି ରେ ବାସ କରୁଥିବା ଜୀବଜନ୍ତୁ ଗଛକୁ ପ୍ରେମ ଓ ଯତ୍ନ କରି ଆସୁଛନ୍ତି । ଏହି କାର୍ଯ୍ୟରେ ନମିଲତା ମେହେର, ସୌଦାମିନୀ ମେହେର ମନ୍ଦାକିନୀ ମେହେର,ଡମ୍ବରୁଧର ମେହେର ସହଯୋଗ କରିଥିଲେ।

# ଆଟିଟ୍ୟୁଡ ଏକ୍ସିମ ପ୍ରାଇଭେଟ ଲିମିଟେଡରେ ଭୟାବହ ଅଗ୍ନିକାଣ୍ଡ

ରାଜଗାଙ୍ଗପୁର, (ସବ୍ୟୁ): ରାଜଗାଙ୍ଗପୁର ଅଞ୍ଚଳର ପଦାଜାମପାଲି ସ୍ଥିତ ଆଟିଟ୍ୟୁଡ ଏକ୍ସିମ ପ୍ରାଇଭେଟ ଲିମିଟେଡ଼ କାରଖାନାରେ ଅଚାନକ ଭୟାବହ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି। ଅଗ୍ନିକାଣ୍ଡ ଘଟିବା ପରେ କାରଖାନା ପରିସରରେ ଆତଙ୍କ ଖେଳିଯାଇଥିଲା। ଚାରିପାଖ ଅଞ୍ଚଳରେ ଧୂଆଁର କଳା ମେଘ ଛାଇଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ରାଜଗାଙ୍ଗପୁର ଓ କୁତ୍ରା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ଲାଗିଥିଲେ। ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ପାଣି ଛାଟି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଥିଲେ। ନିଆଁର ତୀବ୍ରତା ଅଧିକ ଥିବାରୁ ନିଆଁ ଲିଭାଇବାରେ ବେଶି କଷ୍ଟ ସମ୍ମୁଖୀନ ହେବାକୁ ପଡ଼ିଥିଲା। ସଠିକ୍ କ୍ଷୟକ୍ଷତିର ପରିମାଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । କାରଖାନା ଭିତରେ ଥିବା ଯନ୍ତ୍ରପାତି, କଞ୍ଚାମାଲ ଓ ଅନ୍ୟାନ୍ୟ ସାମଗ୍ରୀ ଅଗ୍ନିକାଣ୍ଡରେ ପୋଡ଼ି ନଷ୍ଟ ହୋଇଥିବା କୁହାଯାଉଛି। ଫଳରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ କିପରି ଘଟିଲା ସେନେଇ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ବିଦ୍ୟୁ ସର୍କିଟ୍ ସର୍ଟ ହେବା କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସମ୍ବନ୍ଧିତ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଘଟଣାସ୍ଥଳରେ ବହୁସଂଖ୍ୟକ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିବା ବେଳେ ପୁଲିସ ପକ୍ଷରୁ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖାଯାଇଥିଲା। ଏହି ଅଗ୍ନିକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ୧୨୦୦ ଏକରରେ ଆରଏସପି ସମ୍ପ୍ରସାରଣ

# ଉଚ୍ଛେଦ ହେବେ ୩୦୦ ପରିବାର

ରାଉରକେଲା,(ସବ୍ୟୁ): ଖୁବ ଶୀଘ୍ର ୩୦ ହଜାର କୋଟିର ହେବାକୁ ଯାଉଛି ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ ।ବାର୍ଷିକ ୪.୫ ମିଲିୟନ ଟନ ଉତ୍ପାଦନ କ୍ଷମତାରୁ ବୃଦ୍ଧି ପାଇ ୧୦ ମିଲିୟନ ଟନରେ ପହଂଚିବ । ଏଥିପାଇଁ ଟାଙ୍ଗରପାଲିର କାଟେ ବସ୍ତି, ଝାରମୁଣ୍ଡା,ବିଜୁବନ୍ଧ ଏବଂ ରେଙ୍ଗାଲି ସମେତ ଅନେକ ବସ୍ତିର ୩୦୦ରୁ ଅଧିକ ପରିବାରକୁ ଉଚ୍ଛେଦ ହେବେ । ଆଜି ଏ ନେଇ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଅତିରିକ୍ତ ଜିଲ୍ଲାପାଳ ଦିନା ଦସ୍ତଗୀର ଓ ଆରଏସପିର ନିର୍ବାହୀ ଅଧିକାରୀ ତରୁଣକାନ୍ତି ମିଶ୍ରା ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରଭାବିତ ବସ୍ତି ବାସିନ୍ଦାଙ୍କ ସହ ଥଇଥାନକୁ ନେଇ ଆଲୋଚନା କରିଛନ୍ତି । ଉଚ୍ଛେଦ ପରିବାରକୁ ୬୫୦ ବର୍ଗଫୁଟ ଜାଗାରେ ଘର ଓ ପରିବାରର ଜଣକୁ ମାସିକ ୨୦ ହଜାର ଦରମାରେ ଚାକିରି ଦେବାକୁ ବସ୍ତି ବାସିନ୍ଦାକୁ ପ୍ରସ୍ତାବ ଦିଆଯାଇଛି । ହେଲେ କିଛି ବସ୍ତିବାସୀ ଜିଲ୍ଲା ପ୍ରଶାସନର ଏଭଳି ପ୍ରସ୍ତାବକୁ ଗ୍ରହଣ କରି ନାହାନ୍ତି । ଆମେ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ପ୍ରଶାସନିକ ଅଧିକାରୀଙ୍କୁ କହିଛନ୍ତି । ଆଉ କିଛି ପରିବାର ଅନ୍ୟ ଏକ ବୈଠକ ଡାକି ବିସ୍ତୃତ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି । ବୈଠକ ଏତେଟା ଫଳପ୍ରଦ ହୋଇ ପାରିନାହିଁ । ଆଗାମୀ ବୈଠକରେ ଜିଲ୍ଲା ପ୍ରଶାସନ ଉଚ୍ଛେଦ ହେବାକୁ ଥିବା ବସ୍ତିବାସିନ୍ଦାଙ୍କୁ ମନାଇବାକୁ କି ପନ୍ଥା ଆପଣାଉଛି, ତା ଉପରେ ସମସ୍ତଙ୍କ ନଜର ରହିଛି ।

# ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଠାରେ ଉତ୍ତମ ଚରିତ୍ର ଗଠନ ସକାଶେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଶିକ୍ଷାବିତ୍ ଡ଼. ମୀନକେତନ ପାଠୀ ବିଭିନ୍ନ ଉଦାହରଣ ମାଧ୍ୟମରେ ଜୀବନରେ 'ସତ୍ୟ'ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ 'ଆଖିର ଯତ୍ନ' ସମ୍ପର୍କରେ ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାନୀ ଯୋଗ ଦେଇ ମୋବାଇଲର ସ୍ୱଳ୍ପ ବ୍ୟବହାର ଓ ପ୍ରଦୂଷଣ ଠାରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ। ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୩୦ଟି ଉଚ୍ଚ ବିଦ୍ୟାଳୟର ୫୨ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଂପାଦକ ରଘୁନାଥ ମିଶ୍ର, ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ନିରୁପମା ବଡ଼ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ହରି ନାରାୟଣ ପଣ୍ଡା, ଡ଼. ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପଟ୍ଟଯୋଶୀ ଓ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗାଁ ଠୁ ସହର

ତରଭା,(ସବ୍ୟୁ): କିଛିଦିନ ହେଲା ପାରଦ ଉପର ମୁହାଁ । ପ୍ରଚଣ୍ଡ ରୌଦ୍ରତାପ ତାପରେ ଜଳୁଛି ଗାଁ ଠୁ ସହର । ଲୋକେ ଝାଞ୍ଜି ଖରା ପବନରେ ଡହକ ବିକଳ ହେଉଥିବା ବେଳେ ଗାଁ ଗଣ୍ଡାରେ ପୋଡୁଥିବା ଇଟା ଭାଟି ଓ ସହରାଞ୍ଚଳର ଅଳିଆ ଆବର୍ଜନା ନିଆଁ ଗରମକୁ ଦ୍ୱିଗୁଣିତ କରିବାରେ ବେଶ ସହାୟକ ସାଜିଛି । ଏଠାରେ ପ୍ରକାଶ ଥାଉ କି ସାମାଜିକ ଗଣମାଧ୍ୟମରେ ତରଭା ବ୍ଲକ ପଛ ପଟ ବାଇପାସ୍ ରାସ୍ତାରେ ଗଦା ଯାଇଥିବା ଅଳିଆ ଆବର୍ଜନାରେ କୌଣସି କାରଣରୁ ନିଆଁ ଲାଗୁ ଅବା ତାକୁ ପୋଡ଼ା ଯାଇ ସ୍ୱଚ୍ଛତା ରୂପ ଦେବା ଭଳି ପଦକ୍ଷେପ ନୀନ୍ଦନୀୟ ବୋଲି କୁହାଯାଇଛି । ଏହା ଜନ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ଅଟେ । ସେହିପରି ଅବାଧରେ ଜନବସତିକୁ ଲାଗି ଅନେକ ସ୍ଥାନରେ ଇଟା ଭାଟି ପୋଡ଼ା ଚାଲିଛି । ଯାହା ନିୟମ ବିରୁଦ୍ଧ ଏବଂ ଜଳବାୟୁ ପ୍ରଦୂଷଣ ଏବଂ ଉତ୍ତପ୍ତର ମୁଖ୍ୟ କାରଣ ସାଜିଛି। ଏନେଇ ବହୁ ବାର ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ଏହା ଆମ କାମ ନୁହଁ ଖଣିଜ ସମ୍ପଦ ବିଭାଗର ଦାୟିତ୍ୱ ବୋଲି କହନ୍ତି । ଖଣିବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କଲେ କେବେ ସମ୍ଭବ ହୋଇ ପାରୁନାହିଁ । ଏଣୁ ଏଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

# ଜାତୀୟ କୁସ୍ତି ପ୍ରତିଯୋଗିତା ପାଇଁ ପ୍ରୀତିଙ୍କ ମହାରାଷ୍ଟ୍ର ଗସ୍ତ



ସମ୍ବଲପୁର,(ସବ୍ୟୁ): ଜାତୀୟ କୁସ୍ତି ପ୍ରତିଯୋଗିତାର୧୭ବର୍ଷରୁ କମ୍ ବୟସ ବର୍ଗରେ ଭାଗ ନେବା ପାଇଁ ସମ୍ବଲପୁରର ଖେଳାଳୀ ପ୍ରୀତି ମିର୍ଦ୍ଧା ମହାରାଷ୍ଟ ଗସ୍ତ କରିଛନ୍ତି। ସେ କୁସ୍ତି ପ୍ରଶିକ୍ଷକା ପୁଷ୍ପାଞ୍ଜଳି ସାହୁ ଏବଂ ଓଡ଼ିଶା ଦଳ ସହ ଟ୍ରେନ ଯୋଗେ ଯାତ୍ରା କରୁଥିବା ଜଣାପଡିଛି। ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ପ୍ରୀତି ସ୍ୱର୍ଣ୍ଣ ପଦକ ପାଇ ଓଡ଼ିଶା ଦଳ ପାଇଁ ମନୋନୀତ ହୋଇଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଔରଙ୍ଗାବାଦ ଠାରେ ଜାତୀୟ କୁସ୍ତି ପ୍ରତିଯୋଗିତା ଆୟୋଜିତ ହେଉଛି । ତେବେ ଆସୋସିଏସନ୍‌ର ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, ରାଜ୍ୟ କୁସ୍ତି ସଂଘ ସାଧାରଣ ସମ୍ପାଦକ କିଶୋର ବେହେରା , ସଞ୍ଜିବ ପଟ୍ଟନାୟକ, ପ୍ରଶିକ୍ଷକ ସ୍ୱାଗତ କୁମାର ଘଡାଇ, ଦିବ୍ୟ କରିସ୍ମା ପୃଷ୍ଟି , ଗାୟତ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସିଜିମାଳିରେ କଂଗ୍ରେସର କେନ୍ଦ୍ରୀୟ ଦଳ ଅନୁସନ୍ଧାନ



ରାୟଗଡା,(ସବ୍ୟୁ):କାଶିପୁର ସିଜିମାଳି ଖଣି ଖନନ ଘଟଣାକୁ ନେଇ କଂଗ୍ରେସର କେନ୍ଦ୍ରୀୟ ଦଳ ରାୟଗଡ଼ାରେ ସତ୍ୟାଗ୍ରସ ସହିତ ପ୍ରଭାବିତ ଅଞ୍ଚଳରେ ହୋଇଥିବା ଘଟଣାର ଅନୁସନ୍ଧାନ। କେନ୍ଦ୍ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ ଟିମ୍ କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳରେ ପହଞ୍ଚିଛନ୍ତି। ଖଣି ପ୍ରଭାବିତ କଣ୍ଟାମାଳ ଗ୍ରାମରେ ଏହି ଟିମ୍ ପହଞ୍ଚି ଲୋକମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । କେଉଁ ପରିସ୍ଥିତିରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହେଲା ସେ ନେଇ ମତାମତ ଲୋଡିଥିଲେ। ପୁଲିସ ଓ ପ୍ରଶାସନର ଅମାନୁସିକ କାର୍ଯ୍ୟକୁ ନିନ୍ଦା କରିଥିଲେ। ତେବେ ସିଜିମାଳି ପାହାଡ ଉପରେ ଆଦିବାସୀ ମାନଙ୍କ ସଂପୂର୍ଣ୍ଣ ଅଧିକାର ଅଛି ବୋଲି କଂଗ୍ରେସ ନେତା ମାନେ ପ୍ରକାଶ କରିଥିଲେ । ରାହୁଲ ଗାନ୍ଧୀ ଆଦିବାସୀଙ୍କ ସିପାହୀ ଭାବେ ଦିଲ୍ଲୀରେ ଲଢ଼ି ଆସୁଛନ୍ତି ଆଉ ଆଗକୁ ଏହି ଲଢେଇ ଜାରି ରଖିବେ । ସିଜିମାଳି ଖଣି ଅଞ୍ଚଳର ଘଟଣା ସମ୍ପର୍କରେ ଏହି ଟିମ୍ ରାହୁଲ ଗାନ୍ଧୀଙ୍କୁ ଏକ ରିପୋର୍ଟ ପ୍ରଦାନ କରିବ ବୋଲି କୁହାଯାଇଛି। କଂଗ୍ରେସର ଅନୁସନ୍ଧାନକାରୀ ଦଳ ସହ ପିସିସି ପ୍ରଭାରୀ ଅଜୟ କୁମାର ଲାଲୁ,ଏଆଇସିସି ସଂପାଦକ ମନୀଶ ଶର୍ମା,ସାଂସଦ ଶପ୍ତଗିରି ଉଲାକା,କଂଗ୍ରେସ ବିରୋଧୀ ଦଳର ନେତା ରାମଚନ୍ଦ୍ର କାଡାମ୍, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା,ଜାତୀୟ ଆଦିବାସୀ ସେଲ୍ ସଭାପତି ବିକ୍ରାନ୍ତ ଭୁରିଆ,ବିଧାୟକ ଆପାଲସ୍ୱାମୀ କାଡ୍ରାକା,ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଘଟଣାକୁ ନେଇ ଏଆଇସିସି ସମ୍ପାଦକ ମନୀଶ ଶର୍ମାଙ୍କ ନେତୃତ୍ୱରେ ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସତ୍ୟାଗ୍ରହ ଶନିବାର ଠାରୁ ରବିବାର ୧୦ଘଣ୍ଟା ସମୟ ପର୍ଯ୍ୟନ୍ତ ଅର୍ଥାତ ୨୪ ଘଣ୍ଟିଆ ଧର୍ମଘଟ କରିଥିଲେ।

## ବନବିଭାଗ ପକ୍ଷରୁ ୩ ଆଦିବାସୀଙ୍କୁ ନିର୍ଯାତନା ଘଟଣା

# ଗ୍ରାଉଣ୍ଡ ଜିରୋରେ ପହଞ୍ଚିଲା ଦଳିତ ଆଦିବାସୀ ମହାସଂଘ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା କିଆପଦର ଓ ତେନ୍ତୁଳିପଦର ଗାଁରେ ତିନି ଆଦିବାସୀଙ୍କୁ ନିର୍ଯାତନା ଓ ମିଥ୍ୟା ମାମଲାରେ ଫସାଇବା ଘଟଣାକୁ ନେଇ ବିଭିନ୍ନ ମହଲରେ ଚିନ୍ତାବ୍ୟକ୍ତ କରାଯାଇଛି। ବନବିଭାଗ ତେନ୍ତୁଳିପଦର ଗାଁର ତିନିଜଣ ବ୍ୟକ୍ତିଙ୍କୁ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ନିର୍ଯାତନା ଦେବା ସହିତ ଥାନାରେ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ସେମାନେ ଜାମିନରେ ଆସିଛନ୍ତି। ତେବେ ଜଙ୍ଗଲ ଅଧିକାର ଆଇନ ବଳରେ ମାଲିକାନାସତ୍ତ୍ୱ ହାସଲ କରି ସେମାନେ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି କରିବା ସମୟରେ ସେମାନଙ୍କୁ ମାଡ଼ ମାରିବା, ଗାଳିଗୁଲଜ କରିବା ଓ ସେମାନଙ୍କ ନାମରେ ବନବିଭାଗ ମାମଲା ରୁଜୁ କରିବା ଘଟଣାକୁ ନେଇ ସମାଜସେବୀ ଦିଲୀପ ଦାସ ମାନବାଧିକାର କମିସନର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଦଳିତ ଆଦିବାସୀ ମହାସଂଘ, କଳାହାଣ୍ଡି ତରଫରୁ ମହାସଂଘର ସଭାପତି ପରମାନନ୍ଦ ମାଝୀ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ମହାସଚିବ ଦେବୀ ପ୍ରସାଦ ସିନ୍ଧୁରଙ୍କ ସହିତ ସମାଜସେବୀ ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ତେନ୍ତୁଳିପଦର ଗାଁ ଗସ୍ତ କରି ପୀଡ଼ିତ ବ୍ୟକ୍ତିମାନଙ୍କ ସହ ଆଲୋଚନା କରିଛନ୍ତି। ଏହାସହିତ ସେମାନଙ୍କୁ ନ୍ୟାୟ ସଂଗତ ଭାବେ ସାହାଯ୍ୟ କରିବାକୁ ଆଶ୍ୱାସନା ଦେଇଛନ୍ତି।

# ଲାତ ମାରି ଛଡ଼ାଇ ନେଉଛନ୍ତି ଭାତ : ମୃତ୍ୟୁ ପରେ ବି ଉଠୁଛି ଚାଉଳ




ସିନାପାଲି,(ସବ୍ୟୁ): ଲୋକଙ୍କ ପେଟକୁ ଦାନା ପାଇଁ ସରକାର ଆପ୍ରାଣ ଚେଷ୍ଟା କରି ଆସୁଛନ୍ତି। ରାଜ୍ୟରେ କେହି ଭୋକିଲା ନ ରହିବେ ସେଥିପାଇଁ ମାଗଣା ଚାଉଳ ସହ ବିଭିନ୍ନ ଯୋଜନା ଗରିବଙ୍କ ଉନ୍ନତି ପାଇଁ ସରକାର ଚେଷ୍ଟିତ । ମୁଣ୍ଡକୁ ଛାତ ପେଟକୁ ଭାତ ନାରା ଦେଇଥିବା ସେତେବେଳର ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ମଧ୍ୟରେ ଗରିବଙ୍କୁ ଚାଉଳ ଦେବା ଅର୍ନ୍ତଭୁକ୍ତ । ଚାଉଳ ବଣ୍ଟନରେ ଯେପରି ଦୁର୍ନୀତି ନ ହେବ ସେଥିପାଇଁ କଡ଼ା ନିୟମ କରିଛନ୍ତ। କିନ୍ତୁ ଗଳାବାଟ ଦେଇ ଗରିବଙ୍କୁ ଲାତ ମାରି ଭାତ ଛଡ଼ାଇ ନେଉଥିବା ଅଭିଯୋଗ ଆସିଛି । ୨୭ଟି ପଞ୍ଚାୟତକୁ ନେଇ ସିନାପାଲି ବ୍ଲକ କେତେକ ପଞ୍ଚାୟତରେ ପଞ୍ଚାୟତ ଚାଉଳ ବଣ୍ଟନ ଦାୟିତ୍ୱ ନିଜେ ନେଇଛନ୍ତି। କେତେକ ପଞ୍ଚାୟତରେ ଠିକ ଠାକ୍ ଚାଲିଥିବାବେଳେ ଆଉ କେତେକ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଉଥିବା ମାଳମାଳ ଅଭିଯୋଗ ରହିଛି। ଏମିତି ଏକ ଅଭିଯୋଗ ଆସିଛି ଚଟିଆଗୁଡା ଗ୍ରାମ ପଞ୍ଚାୟତର । ଏଠାରେ ଅମର ସିଂ ମହାନନ୍ଦ ୨୦୨୨, ଓ ହରମଣି ମହାନନ୍ଦ ୨୦୨୩,ଗୁଡଖିଆ ବାଗ ୨୦୨୪,ମସିହାରେ ମୃତ୍ୟୁ ବରଣ କରିବା ପରେ ମଧ ତାଙ୍କ ନାମରେ ଚାଉଳ ଉଠା ଯାଉଥିବା ଦେଖା ଦେଇଛି ।

ସରକାର କିପରି ହିତାଧିକାରୀ ନିଜ ଚାଉଳ ନିଜେ ପାଇବେ ଓ ଦୁର୍ନୀତି ଦୂର ହେବ ତାକୁ ନେଇ ସରକାର ଟିପ ଚିହ୍ନ, ଆଖିର ସ୍କାନ କରିବା ଭଳି ପଦକ୍ଷେପ ନେଉଥିଲେ ମଧ ବିଭିନ୍ନ ପଞ୍ଚାୟତର ଲିଷ୍ଟ ମାଗି ବାହୁବଳୀ ଯୋଗାଣ ଅଧିକାରୀ ନିଜର ଇ ମେଲ ଆଇଡି ରେ ବାଇପାସ୍ କରି ଚାଉଳ ଉଠାଇ ନେଉଥିବା ଅଭିଯୋଗ ହେଉଛି। କିଛି ଲୋକ ଯୋଗାଣ ଅଧିକାରୀଙ୍କୁ ଏମାନେ ମୃତ୍ୟୁ ବରଣ କଲା ପରେ କେମିତି ଚାଉଳ ଉଠାଣ ହେଉଛି ଓ କିଏ ଚାଉଳ ଉଠାଇଛି ବୋଲି ପଚାରିବାରୁ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ ତୁରନ୍ତ ତାଙ୍କ ନାମ ତାଲିକାରୁ କାଟି ଦେଇ, ବିନା ତଦନ୍ତ କରି ଚୁପ ବସିଥିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ଚଟିଆଗୁଡା ଗ୍ରାମ ପଞ୍ଚାୟତରେ ୨୦ ରୁ ଅଧିକ ଲୋକ ମୃତ୍ୟୁ ବରଣ କରିବା ପରେ ମଧ ଚାଉଳ ଉଠୁଥିବା ଅଭିଯୋଗ ହେଉଛି । ହେଲେ ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ କାହିଁକି ଜାଣିଶୁଣି ଜଣେ ଅଣ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ଏଥିରୁ ସ୍ପଷ୍ଟ ଜାଣି ହେଉଛି କି ସେଠିଆ ବାବୁ ନିଜ ଲୋକଙ୍କୁ ଲଗାଇ ଚଟିଆଗୁଡା ରେ ଚାଉଳ ବଣ୍ଟନ ଦାୟିତ୍ୱ ଦେଇ ଭାଗ ବଣ୍ଟା କରି ଖାଉଥିବା ଚର୍ଚ୍ଚା ହେଉଛି । ଏ ବିଷୟରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ମୁ କାଲି ଯାଇ ତଦନ୍ତ କରିବି ବୋଲି ପ୍ରତିକ୍ରିୟା ଦେଲେ । ତୁରନ୍ତ ଜିଲ୍ଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ବିଧାୟକ ଜୟନାରାୟଣ ମିଶ୍ର ନିଜ ଦଳରେ କୋଣଠେସା



ସମ୍ବଲପୁର, (**ସତ୍ୟଜିତ୍ ମହାପାତ୍ର**): ପୂର୍ବତନ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ନିଜ ଦଳରେ ଗୁରୁତ୍ୱ ଦିଆଯାଉନାହିଁ । ମନ୍ତ୍ରୀ ମଣ୍ଡଳରେ ସାମିଲ ନକରିବା, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ଦାୟିତ୍ୱ ନମିଳିବା ଓ ଜେଏସଡ଼ବ୍ଲୁ ଭଳି କାର୍ଯ୍ୟକ୍ରମରେ ଅଣଦେଖା କରିବା ଭଳି ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ। ବିରୋଧୀ ଦଳ ନେତା ଭାବେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ଉଠାଇ ଶାସକ ବିଜେଡିକୁ ଅଡୁଆରେ ପକାଇଥିଲେ। ବର୍ତ୍ତମାନ ସେ ନିଜ ଦଳରେ କଣଠେସା ହୋଇ ପଡିଛନ୍ତି । ତାଙ୍କର ରୋକଠୋକ୍ କଥା ଓ ବିବାଦୀୟ ମନ୍ତବ୍ୟ ଲାଗି ମୋହନ ସରକାରକୁ ବିଭିନ୍ନ ସମୟରେ ଅପଦସ୍ତ ହେବାକୁ ପଡିଛି। ଓଡ଼ିଶା ପ୍ରଦେଶରେ ପଶ୍ଚିମ ଓଡ଼ିଶା ମିଶିବା ଏକ ଐତିହାସିକ ଭୁଲ ବୋଲି ମନ୍ତବ୍ୟ ଦେବା, ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ଅସମ୍ମାନ , ବିଭିନ୍ନ ସମୟରେ ପୋଲିସ ଅଧିକାରୀଙ୍କ ସହ ଯୁକ୍ତିତର୍କ ଓ ଗଣ୍ଡଗୋଳ କରିବା ଭଳି ଘଟଣା ରହିଛି। ପଶ୍ଚିମ ଓଡିଶାକୁ ଅବହେଳା କରାଗଲେ ସେ ଖଣ୍ଡା ଉଠାଇବେ ବୋଲି ଚେତାବନୀ ଦେବା ମନ୍ତବ୍ୟ ମଧ୍ୟ ତାଙ୍କୁ ଅଡୁଆରେ ପକାଇଛି। ଏସବୁ ଯୋଗୁଁ ବିଜେପି ଦଳରେ ଦିନକୁ ଦିନ ତାଙ୍କ ପତିଆରା କମିବାରେ ଲାଗିଛି।

ସମ୍ବଲପୁର ଜିଲ୍ଲା ସଭାପତି ତାଙ୍କ ଅନୁଗାମୀ ନହେବା, ଯୁବ ଓ ମହିଳା ସଂଗଠନରେ ତାଙ୍କ ଝିଅ ଶୁଭଶ୍ରୀଙ୍କୁ ଦାୟିତ୍ୱ ନମିଳିବା ଏହାର ସଙ୍କେତ ଅଟେ। ଜେଏସଡ଼ବ୍ଲୁ କାର୍ଯ୍ୟକ୍ରମରେ ସେ ଅତିଥି ଭାବେ ମଞ୍ଚରେ ବସିଥିବାବେଳେ ତାଙ୍କୁ ଅସମ୍ମାନିତ କରାଯାଇଛି। ଏପରିକି ତାଙ୍କୁ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ମଧ ଦେଇ ନଥିଲେ। ଉଦ୍ଘାଟନୀ କାର୍ଯ୍ୟକ୍ରମ ଫଟୋରେ ମଧ ତାଙ୍କୁ ଦେଖିବାକୁ ମିଳିନଥିଲା। ଏଥିରେ ସେ ଉତକ୍ଷିପ୍ତ ହୋଇ ସଭା ମଞ୍ଚରୁ ଚାଲି ଆସିଥିଲେ । ହୁଇସିଲ୍ ମାରିଲେ ବିଜେଡି ଭାଙ୍ଗି ଯିବ ବୋଲି ଦମ୍ଭୋକ୍ତି ଦେଖାଉଥିବା ଏହି ନେତାଙ୍କ ବର୍ତ୍ତମାନ ହୁଇସିଲ ବାଜିବାରେ ଲାଗିଛି। ସମ୍ବଲପୁର ବିଜେପି ଦଳ ଭାଗ ଭାଗ ହୋଇ ଯାଇଥିବାବେଳେ କିଛି ଅଣଓଡ଼ିଆ , ଚାଟୁକାରଙ୍କୁ ନେଇ ସେ ହିନ୍ଦୁତ୍ୱ ନାମରେ ପରିଚିତ ହେବାକୁ ଉଦ୍ୟମ କରୁଛନ୍ତି। ନିଜ ବିଧାନସଭା କ୍ଷେତ୍ରରେ ରାସ୍ତାଘାଟ ଓ ନାଳନର୍ଦ୍ଦମା ଆଦି ମୌଳିକ ସମସ୍ୟା ସମ୍ପର୍କରେ ଦୃଷ୍ଟିଦେବା ବଦଳରେ କେବଳ ଝଣ୍ଡା ଓ ଖଣ୍ଡାର କଥା କହୁଥିବା ଜୟନାରାୟଣ ମିଶ୍ରଙ୍କୁ ବାରମ୍ବାର ଅସମ୍ମାନିତ ଏବଂ ଅଣଦେଖା କରାଯାଉଛି। ତେବେ ସେ କାହିଁକି ତୁଣ୍ଡି ବାନ୍ଧି ବସିଛନ୍ତି ବୋଲି ରାଜନୀତି ମହଲରେ ବେଶ୍ ସରଗରମ ଆଲୋଚନା ହେଉଛି ।

## ସମ୍ପାଦକୀୟ

# ସାତ ସାଂସଦ ବିଜେପି ମୁହାଁ

ଆମ୍ ଆଦମୀ ପାର୍ଟିର ଦଶ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ସାତ ଜଣ ବିଜେପିରେ ମିଶିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଭାରତୀୟ ସମ୍ବିଧାନର ଦଶମ ସୂଚୀ ଅନୁଯାୟୀ ଦୁଇ ତୃତୀୟାଂଶ ସାଂସଦ ବା ବିଧାୟକ ଏକ ସଙ୍ଗେ ଦଳ ବଦଳ କରି ଅନ୍ୟ ରାଜନୀତିକ ଦଳରେ ଯୋଗ ଦେଇ ପାରିବେ । ସେ ଦୃଷ୍ଟିରୁ ଆମ୍ ଆଦମୀ ପାର୍ଟିର ସାଂସଦମାନେ ଚାହିଁଲେ ବିଜେପିରେ ମିଶି ପାରିବେ । ସେମାନଙ୍କ ପାଇଁ ଆଇନଗତ ପ୍ରତିବନ୍ଧକ ନାହିଁ । ମାତ୍ର ଆମ୍ ଆଦ୍‌ମୀ ପାର୍ଟି ପାଇଁ ଏହା ବଡ଼ ଝଟ୍‌କା ବୋଲି ମନେ ହେଉଛି ।

ଗତ ଶୁକ୍ରବାର (ତା ୨୪/୦୪/ ୨୦୨୬)ରେ ଆପ୍‌ର ରାଜ୍ୟସଭା ସାଂସଦ ରାଘବ ଚଡ଼ା, ସନ୍ଦୀପ ପାଠକ ଓ ଅଶୋକ ମିତ୍ତଲ ଏ ତିନି ଜଣ ଦଳର କେନ୍ଦ୍ରୀୟ ସଭାପତି ନୀତିନ ନବୀନଙ୍କୁ ନୂଆଦିଲ୍ଲୀର ପାର୍ଟି ହେଡକ୍ୱାଟରରେ ଭେଟି, ଆପ୍ ଦଳରୁ ଯାଇ ବିଜେପିରେ ମିଶିବା କଥା ଜଣାଇଥିଲେ । ଉଲ୍ଲେଖଯୋଗ୍ୟ ଯେ ରାଜ୍ୟସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସାଂସଦଙ୍କ ସଂଖ୍ୟା ୧୪୧ ଅଛି । ଆପ୍ ଦଳରୁ ଯାଇ ଏ ସାତ ଜଣ ମିଶିଲେ ଗଣତାନ୍ତ୍ରିକ ମେଣ୍ଟର ସାଂସଦଙ୍କ ସଂଖ୍ୟା ୧୪୮ ହେବ ।

ଶ୍ରୀ ଚଢ଼ା ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି (ଆପ୍) ତାହା ମୂଳ ନୈତିକତା ଓ ମୂଲ୍ୟବୋଧରୁ ଦୂରେଇ ଯାଇଛି । ଯେଉଁ ଦଳ ଦୁର୍ନୀତି କରିବ ନାହିଁ ବୋଲି ପ୍ରତିଜ୍ଞା କରିଥିଲା, ସେହି ଦଳ ଦୁର୍ନୀତି ହାବୁଡ଼ରେ ପଡ଼ି ନିଜକୁ ଦୁର୍ନୀତି ସହ ସାଲିସ କରିଦେଲା । ବର୍ଷେ ହେଲା ଶ୍ରୀ ଚଢ଼ା ନିଜେ ଦଳଠାରୁ ଦୂରେଇ ରହୁଥିଲେ ବୋଲି କହିଛନ୍ତି । ଦୀର୍ଘ ବାର ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଯେଉଁ ସରକାର କେନ୍ଦ୍ରରେ କ୍ଷମତାସୀନ ହୋଇଛନ୍ତି, ତାହା ଅନେକ ଦୃଷ୍ଟାନ୍ତ ସୃଷ୍ଟି କରି ଚାଲିଛି । ଏପରିକି ଆତଙ୍କବାଦକୁ ଦମନ କରିବାକୁ ମୋଦି ସରକାର ଦୃଢ଼ ପଦକ୍ଷେପ ନେଇଛନ୍ତି ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଭାରତର ମର୍ଯ୍ୟାଦା ମଧ୍ୟ ବର୍ଦ୍ଧନ କରିଛନ୍ତି ।

ଆପ୍ ଦଳ ପକ୍ଷରୁ ବିଜେପିରେ ମିଶୁଥିବା ଏହି ସାଂସଦଙ୍କ ପକ୍ଷରୁ ରାଘବ ଚଢ଼ା ସାମ୍ବାଦିକ ସମ୍ମିଳନୀ କରି ଜଣାଇଥିଲେ ଯେ ଦୁଇ ତୃତୀୟାଂଶ ଆପ୍ ସାଂସଦ ଦଳ ଛାଡି ବିଜେପିରେ ମିଶିବେ । ସେମାନେ ଯାହା କହିଛନ୍ତି, ତାହାକୁ ଦଲିଲରେ ସ୍ୱାକ୍ଷର କରି ରାଜ୍ୟସଭାର ଅଧ୍ୟକ୍ଷ ତଥା ଉପ-ରାଷ୍ଟ୍ରପତିଙ୍କୁ ଦେଇଛନ୍ତି । ସେ କହିଛନ୍ତି, 'ସ୍ୱାକ୍ଷର କରି ଦେଇଥିବା ସାଂସଦଙ୍କ ମଧ୍ୟରେ ପୂର୍ବତନ କ୍ରିକେଟ ଖେଳାଳି ହରଭଜନ ସିଂ, ରାଜେନ୍ଦ୍ର ଗୁପ୍ତା, ବିକ୍ରମାଦିତ ସିଂ ସାହାନୀ ଓ ସ୍ୱାତୀ ମାଲିୱାଲ ପ୍ରଭୃତି ଅର୍ନ୍ତଭୁକ୍ତ ।' ଶ୍ରୀ ଚଢ଼ା ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି (ଆପ୍) ତାହା ମୂଳ ନୈତିକତା ଓ ମୂଲ୍ୟବୋଧରୁ ଦୂରେଇ ଯାଇଛି । ଯେଉଁ ଦଳ ଦୁର୍ନୀତି କରିବ ନାହିଁ ବୋଲି ପ୍ରତିଜ୍ଞା କରିଥିଲା, ସେହି ଦଳ ଦୁର୍ନୀତି ହାବୁଡ଼ରେ ପଡ଼ି ନିଜକୁ ଦୁର୍ନୀତି ସହ ସାଲିସ କରିଦେଲା । ବର୍ଷେ ହେଲା ଶ୍ରୀ ଚଢ଼ା ନିଜେ ଦଳଠାରୁ ଦୂରେଇ ରହୁଥିଲେ ବୋଲି କହିଛନ୍ତି । ଦୀର୍ଘ ବାର ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଯେଉଁ ସରକାର କେନ୍ଦ୍ରରେ କ୍ଷମତାସୀନ ହୋଇଛନ୍ତି, ତାହା ଅନେକ ଦୃଷ୍ଟାନ୍ତ ସୃଷ୍ଟି କରି ଚାଲିଛି । ଏପରିକି ଆତଙ୍କବାଦକୁ ଦମନ କରିବାକୁ ମୋଦି ସରକାର ଦୃଢ଼ ପଦକ୍ଷେପ ନେଇଛନ୍ତି ଏବଂ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଭାରତର ମର୍ଯ୍ୟାଦା ମଧ୍ୟ ବର୍ଦ୍ଧନ କରିଛନ୍ତି ।

ଅପରପକ୍ଷରେ, ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜରିୱାଲ କହିଛନ୍ତି ଯେ ବିଜେପି ପଞ୍ଜାବର ଜନସାଧାରଣଙ୍କୁ ଏହାଦ୍ୱାରା ପ୍ରତାରିତ କରିଛନ୍ତି । ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି ଯେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବିଜେପି 'ଅପରେସନ ପଦ୍ମ' ଜରିଆରେ ଅଚଳ କରିବାକୁ ଉଦ୍ୟମ କରୁଛନ୍ତି । ପ୍ରକୃତରେ ଆପ୍ ଦଳ ପାଇଁ ଏହା ଯେ ଏକ ଶକ୍ତ ଧକ୍କା, ଏଥିରେ ସନ୍ଦେହ ନାହିଁ ।

ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।

(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି

## ଅଭିବୃଦ୍ଧି ପାଇଁ ମହିଳା-ନେତୃତ୍ୱାଧୀନ ଐତିହାସିକ ପଦକ୍ଷେପ



ପୀୟୁଷ ଗୋୟଲ

ସୋମବାର ଦିନ ସ୍ୱାକ୍ଷରିତ ହେବାକୁ ଥିବା ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ), ବିକଶିତ ବିଶ୍ୱ ସହିତ ଭାରତର ସମ୍ପର୍କ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେହି ଦୂରଦର୍ଶୀ ଚିନ୍ତାଧାରାର ଏକ ନିର୍ଣ୍ଣାୟକ ପଦକ୍ଷେପ, ଯେଉଁଥିରେ ବିଶ୍ୱସ୍ତରୀୟ ଅର୍ଥନୈତିକ ସହଭାଗିତାକୁ ଦେଶର କୃଷକ, ମହିଳା, ଯୁବପିଢ଼ି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ଶିଳ୍ପଗୁଡ଼ିକ ପାଇଁ ପ୍ରକୃତ ଲାଭରେ ପରିଣତ କରିବାର ଲକ୍ଷ୍ୟ ରହିଛି ।

ଏହି ମୁକ୍ତ ବାଣିଜ୍ୟ ଚୁକ୍ତି, ଯୁକ୍ତରାଜ୍ୟ (ୟୁକେ) ଏବଂ ୟୁରୋପୀୟ ସଂଘ (ଇୟୁ) ଭଳି ପ୍ରମୁଖ ବିକଶିତ ଅର୍ଥବ୍ୟବସ୍ଥା ସହିତ ହୋଇଥିବା କ୍ରମାଗତ ଐତିହାସିକ ବାଣିଜ୍ୟିକ ଚୁକ୍ତିଗୁଡ଼ିକର ଏକ ଅଂଶ ବିଶେଷ । ଏହି ସମସ୍ତ ଚୁକ୍ତିନାମା ବିଶ୍ୱ ବଜାରରେ ଭାରତର ସ୍ଥିତିକୁ ଅଧିକ ମଜବୁତ କରୁଛି । ବିଶ୍ୱସ୍ତରରେ ଜାରି ରହିଥିବା ଅନିଶ୍ଚିତତା ଏବଂ ଅସ୍ଥିରତା ସତ୍ତ୍ୱେ, ଏହା ଭାରତୀୟ ରପ୍ତାନିକାରୀମାନଙ୍କୁ ବିଶ୍ୱର ସବୁଠାରୁ ଲାଭଦାୟକ ବଜାରଗୁଡ଼ିକରେ ଏକ ପ୍ରତିଯୋଗିତାମୂଳକ ସୁବିଧା ପ୍ରଦାନ କରୁଛି ।

### ରପ୍ତାନି ଏବଂ ଚାକିରି ପାଇଁ ଏକ ଦୃଢ଼ ପ୍ରେରକ

ଏହି ୱିନ୍ -ୱିନ୍ ଚୁକ୍ତିନାମାର ମୂଳରେ ରହିଛି ନ୍ୟୁଜିଲାଣ୍ଡ ସମସ୍ତ ଭାରତୀୟ ପଣ୍ୟ ଦ୍ରବ୍ୟ ଉପରୁ ତୁରନ୍ତ ଶୁଳ୍କ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଛି । ଏହା ସେହି ବଜାରରେ ଏକ ବଡ଼ ବାଧାକୁ ଦୂର କରିବ, ଯେଉଁଠାରେ ବର୍ତ୍ତମାନ ଆମର ପ୍ରମୁଖ ରପ୍ତାନି ଦ୍ରବ୍ୟଗୁଡ଼ିକ ଉପରେ ୧୦% ଶୁଳ୍କ ଲାଗୁ ହେଉଛି ।

ଏହା ଶ୍ରମ-କୈନ୍ଦ୍ରିକ କ୍ଷେତ୍ର ଯେପରିକି ପୋଷାକ, କାର୍ପେଟ, ସୂତା, କପଡ଼ା, ଜୋତା, ବ୍ୟାଗ, ବେଲ୍ଟ, ଅଟୋମୋବାଇଲ ଉତ୍ପାଦନ, ଯନ୍ତ୍ରପାତି, ଉପକରଣ, ରତ୍ନ ଏବଂ ଅଳଙ୍କାର ଏବଂ ହସ୍ତଶିଳ୍ପ ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ । ଏହି ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପଗୁଡ଼ିକ ଭାରତର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରନ୍ତି ଏବଂ ଏହା ଫଳରେ ମୂଲ୍ୟ ପ୍ରତିଯୋଗିତା ଏବଂ ବଜାର ପ୍ରବେଶରୁ ଆଶାନୁରୂପ ଲାଭ ମିଳିପାରିବ । ଏହା ରପ୍ତାନୀ ବୃଦ୍ଧି କରିବ ଏବଂ ଉତ୍ପାଦନ କ୍ଲଷ୍ଟର, କାରିଗର ସମ୍ପ୍ରଦାୟ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରେ ବ୍ୟାପକ ପରିମାଣର ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବ ।

ଏହି ଚୁକ୍ତିନାମା ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାର ଗଠନ ହେବା ପରଠାରୁ ଭାରତର ବାଣିଜ୍ୟ ନୀତିକୁ ମାର୍ଗଦର୍ଶନ କରୁଥିବା ବ୍ୟାପକ ଚିନ୍ତାଧାରାକୁ ପ୍ରତିଫଳିତ କରେ । ଏହା ଅନ୍ତର୍ଭୁକ୍ତି, ସଶକ୍ତୀକରଣ ଏବଂ ସହଭାଗୀ ସମୃଦ୍ଧିର ମୂଳରେ ରହିଛି । ବାଣିଜ୍ୟକୁ ଜାତୀୟ ପରିବର୍ତ୍ତନର ଏକ ମୁଖ୍ୟ ଉପକରଣ ଭାବରେ ବିବେଚନା କରାଯାଏ ନାହିଁ ଯାହା ଚାଷୀ, ଶ୍ରମିକ, ମହିଳା, ଯୁବପି ଏବଂ ଅବହେଳିତ ବର୍ଗର ଲୋକଙ୍କୁ ଲାଭ ପହଞ୍ଚାଏ ।

### ନାରୀ ଶକ୍ତି

ଏହି ଚୁକ୍ତିନାମାର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଯେ ଏହା ଭାରତର ପ୍ରଥମ ମହିଳା ନେତୃତ୍ୱାଧୀନ ମୁକ୍ତ ବାଣିଜ୍ୟ ରାଜିନାମା । ଏହି ରାଜିନାମା ସ୍ୱାକ୍ଷର ପୂର୍ବରୁ ହୋଇଥିବା ଆଲୋଚନାବେଳେ ପ୍ରାୟ ସବୁ ପ୍ରତିନିଧି ଦଳରେ ମହିଳା ସଦସ୍ୟମାନେ ସାମିଲ ଥିଲେ । ଏଥିରେ ମୁଖ୍ୟ ଆଲୋଚକ, ଉପ-ମୁଖ୍ୟ ଆଲୋଚକ, କ୍ଷେତ୍ରୀୟ ନେତୃତ୍ୱ ଏବଂ ନ୍ୟୁଜିଲାଣ୍ଡରେ ଭାରତର ରାଷ୍ଟ୍ରଦୂତ ମଧ୍ୟ ଅନ୍ତର୍ଭୁକ୍ତ ।

ଏହି ମାଇଲଖୁଣ୍ଟ ମୋଦୀ ସରକାରରେ ମହିଳାମାନଙ୍କର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ପୂର୍ଣ୍ଣ ମାତ୍ରାରେ ପ୍ରତିଫଳିତ କରେ । ଏହା ବିଭିନ୍ନ କ୍ଷେତ୍ରରେ ଶାସନ, ନେତୃତ୍ୱ ଏବଂ ନିଷ୍ପତ୍ତି ଗ୍ରହଣରେ ମହିଳାମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ବ୍ୟାପକ ପ୍ରୟାସ ସହିତ ସମନ୍ୱିତ, ଜାତୀୟ ବିକାଶର ଏକ ବାହକ ଭାବରେ ନାରୀ ଶକ୍ତିର ଧାରଣାକୁ ଦୃଢ କରୁଛି ।

### ପ୍ରଥମେ କୃଷକ

କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟନ୍ତ ସତର୍କତାର ସହିତ ଏହି ମୁକ୍ତ ବାଣିଜ୍ୟ ରାଜିନାମାର ସର୍ତ୍ତାବଳୀକୁ ଗଠନ କରାଯାଇଛି । ନ୍ୟୁଜିଲ୍ୟାଣ୍ଡ ସରକାର ଭାରତରେ କିୱି, ଆପଲ୍ ଏବଂ ମହୁ ଚାଷ ପାଇଁ କୃଷି ଉତ୍ପାଦକତା କାର୍ଯ୍ୟ ଯୋଜନାକୁ ସମର୍ଥନ କରିବ । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଉନ୍ନତ ରୋପଣ ସାମଗ୍ରୀ, ଗବେଷଣା ସହଯୋଗ, ଚାଷୀମାନଙ୍କ ପାଇଁ କ୍ଷମତା ନିର୍ମାଣ, କୃଷିକ୍ଷେତ ପରିଚାଳନା କାର୍ଯ୍ୟାଭ୍ୟାସ, ଅମଳ ପରବର୍ତ୍ତୀ ଉନ୍ନତି, ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଆଦି ଅନ୍ତର୍ଭୁକ୍ତ । ପାଳନ କାର୍ଯ୍ୟାଭ୍ୟାସ ଉତ୍ପାଦନ ଏବଂ ଗୁଣାତ୍ମକ ମାନ ବୃଦ୍ଧିରେ ସହାୟକ ହେବ, ଯାହା ଦେଶରେ କୃଷି ସମୃଦ୍ଧି ବୃଦ୍ଧି କରିବ ।

ଅନୁରୂପ ଭାବରେ ଭାରତ ଏହାର ମୂଳ କୃଷି ସ୍ୱାର୍ଥକୁ ଦୃଢ ଭାବରେ ସୁରକ୍ଷିତ ରଖିଛି । ଦୁଗ୍ଧ (ଦୁଗ୍ଧ, କ୍ରିମ୍, ଛେନାପାଣି, ଦହି ଏବଂ ପନିର ସମେତ), ପିଆଜ, ଚଣା, ମଟର, ମକା, ବାଦାମ, ଚିନି ଏବଂ କେତେ ପ୍ରକାରର ତେଲ ତଥା ଚର୍ବି ପରି ସମ୍ବେଦନଶୀଳ ଉତ୍ପାଦଗୁଡ଼ିକୁ ଶୁଳ୍କ ରିହାତିରୁ ବାଦ ଦିଆଯାଇଛି । ଏହା ନିଶ୍ଚିତ କରେ ଯେ ଘରୋଇ ଚାଷୀମାନେ ବିପର୍ଯ୍ୟସ୍ତ ଆମଦାନୀ ପ୍ରତିଯୋଗିତାରୁ ଯେପରି ଦୂରରେ ଏବଂ ସୁରକ୍ଷିତ ରହିବେ । ସମସ୍ତ ବାଣିଜ୍ୟ ଆଲୋଚନାରେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ରକ୍ଷା କରିବା ଭାରତର ଆଭିମୁଖ୍ୟର କେନ୍ଦ୍ରବିନ୍ଦୁ ହୋଇଛି ।

### ଯୁବବର୍ଗ ଏବଂ ବୃତ୍ତିଧାରୀ

ଏହି ଚୁକ୍ତିନାମାର ଏକ ପ୍ରମୁଖ ସ୍ତମ୍ଭ ହେଉଛନ୍ତି ଛାତ୍ର ଏବଂ ଦକ୍ଷ ବୃତ୍ତିଧାରୀମାନଙ୍କ ପାଇଁ ଗତିଶୀଳତା ବୃଦ୍ଧି, ଯାହା ଭାରତର ଯୁବପିଙ୍କ ପାଇଁ ନୂତନ ବିଶ୍ୱସ୍ତରୀୟ ପଥ ସୃଷ୍ଟି କରୁଛି ।

ଯେକୌଣସି ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାରେ ପ୍ରଥମ ଥର ପାଇଁ ନ୍ୟୁଜିଲ୍ୟାଣ୍ଡ ଭାରତୀୟ ଛାତ୍ରଙ୍କ ଗତିଶୀଳତା ଏବଂ ଅଧ୍ୟୟନ ପରବର୍ତ୍ତୀ କାର୍ଯ୍ୟ ସୁଯୋଗ ପାଇଁ ଏକ ସାଂଗଠନିକ ଢାଞ୍ଚା ପ୍ରଚଳନ କରିଛି । ଭାରତୀୟ ଛାତ୍ରମାନଙ୍କ ପାଇଁ କୌଣସି ସଂଖ୍ୟାତ୍ମକ ସୀମା ନାହିଁ । ଛାତ୍ରମାନଙ୍କୁ ଅଧ୍ୟୟନ ସମୟରେ ପ୍ରତି ସପ୍ତାହରେ ଅତି କମରେ ୨୦ ଘଣ୍ଟା କାମ କରିବାକୁ ଅନୁମତି ଦିଆଯିବ, ଯେତେବେଳେ ଅଧ୍ୟୟନ ଷ୍ଟେମ୍ ସ୍ନାତକଙ୍କ ପାଇଁ ଅଧ୍ୟୟନ ପରବର୍ତ୍ତୀ କାର୍ଯ୍ୟ ଅଧିକାର ତିନି ବର୍ଷ ଏବଂ ଡକ୍ଟରେଟ୍ ବିଦ୍ୱାନଙ୍କ ପାଇଁ ଏହି ଅବଧି ଚାରି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ ।

ଏହି ଚୁକ୍ତିନାମା ଯେକୌଣସି ସମୟରେ ୫,୦୦୦ ଭାରତୀୟ ବୃତ୍ତିଧାରୀଙ୍କ ପାଇଁ ଏକ ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିସା ପଥ ପ୍ରଚଳନ କରେ, ଯାହା ସୂଚନା ଓ ପ୍ରଯୁକ୍ତି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା,ନିର୍ମାଣ ଏବଂ ଯୋଗ, ଆୟୁର୍ବେଦ, ଭାରତୀୟ ଖାଦ୍ୟ ଏବଂ ସଙ୍ଗୀତ ଶିକ୍ଷା ଭଳି ଚୟନିତ ପାରମ୍ପରିକ କ୍ଷେତ୍ରଗୁଡ଼ିକରେ ତିନି ବର୍ଷ ପର୍ଯ୍ୟନ୍ତ ରହିବାକୁ ଅନୁମତି ପ୍ରଦାନ କରେ ।

ଏହା ସହିତ, ଏକ ୱାର୍କିଂ ହଲିଡେ ଭିସା ଯୋଜନା ବାର୍ଷିକ ୧,୦୦୦ ଯୁବ ଭାରତୀୟଙ୍କୁ ନ୍ୟୁଜିଲ୍ୟାଣ୍ଡରେ ୧୨ ମାସ ପର୍ଯ୍ୟନ୍ତ ଅବସ୍ଥାନ କରିବା ଏବଂ କାମ କରିବାକୁ ଅନୁମତି ଦେବ, ଯାହା ସାଂସ୍କୃତିକ ବିନିମୟ ଏବଂ ବିଶ୍ୱସ୍ତରୀୟ ସମ୍ପର୍କକୁ ସୁଦୃଢ କରିବ ।

### ନିବେଶ ଏବଂ ନବସୃଜନ

ନ୍ୟୁଜିଲ୍ୟାଣ୍ଡ ଭାରତରେ ୨୦ ବିଲିୟନ ଆମେରିକୀୟ ଡଲାର ନିବେଶକୁ ସୁଗମ କରିବା ନିମନ୍ତେ ବଚନବଦ୍ଧ । ଏହା ଉତ୍ପାଦନ, ଭିତ୍ତିଭୂମି, ନବସୃଜନ ଶକ୍ତି, ଡିଜିଟାଲ୍ ସେବା, ନବାଚାର ଇକୋସିଷ୍ଟମ୍ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି ।

ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଏକ ପୁନଃ-ସନ୍ତୁଳନ ଧାରାକୁ ରାଜିନାମାରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଭାରତକୁ ନିବେଶ ପ୍ରତିଶ୍ରୁତି ପୂରଣ ନହେଲେ ସଂଶୋଧନମୂଳକ ପଦକ୍ଷେପ ନେବାକୁ ଅନୁମତି ଦିଏ । ଏହି ଚୁକ୍ତିନାମା ଗବେଷଣା, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ଦକ୍ଷତା ବିକାଶ ଏବଂ ନବସୃଜନ-ଚାଳିତ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ମଧ୍ୟ ଉତ୍ସାହିତ କରିବା ସହିତ ଏହା ନିଶ୍ଚିତ କରେ ଯେ ବାଣିଜ୍ୟ ଦୀର୍ଘକାଳୀନ ବିକାଶମୂଳକ ସହଭାଗୀତା ଦ୍ୱାରା ପରିପୂରକ ।

### ବାଣିଜ୍ୟ ରଣନୀତି

ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ବିକଶିତ ଅର୍ଥନୀତି ସହିତ ସହଭାଗୀତାର ଏକ ସ୍ପଷ୍ଟ ଏବଂ ଆତ୍ମବିଶ୍ୱାସୀ ବାଣିଜ୍ୟ ରଣନୀତିକୁ ପ୍ରତିଫଳିତ କରେ ଯାହା ଘରୋଇ ସମ୍ବେଦନଶୀଳତାକୁ ସମ୍ମାନ ପ୍ରଦାନ ପୂର୍ବକ ଭାରତର ଶ୍ରମ-ସଘନ କ୍ଷେତ୍ରଗୁଡ଼ିକ ପାଇଁ ଅର୍ଥପୂର୍ଣ୍ଣ ବଜାର ପ୍ରବେଶ ଉନ୍ମୁକ୍ତ କରିଥାଏ ।

ଭାରତ ଆଜି ନିଜର ସାମର୍ଥ୍ୟ ଏବଂ ବିଶ୍ୱସନୀୟତାର ସ୍ଥିତିରେ ସୁଦୃଢ ରହି ଯେକୌଣସି ଆଲୋଚନା କରେ । ପୂର୍ବ ଦଶନ୍ଧି ପରି ନୁହେଁ, ଯେତେବେଳେ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ବିନା ଦୁର୍ବଳ କ୍ଷେତ୍ରଗୁଡ଼ିକୁ ପ୍ରକାଶ କରୁଥିଲ । କିନ୍ତୁ ବର୍ତ୍ତମାନର ଆଲୋଚନା ନିଶ୍ଚିତ କରେ ଯେ କୃଷି, ଦୁଗ୍ଧ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହିବେ ।

ଭାରତ ଉନ୍ନତ ଅର୍ଥନୀତି ସହିତ ତା'ର ସମ୍ପର୍କକୁ ଆହୁରି ଗଭୀର କରୁଥିବାରୁ, ବିକଶିତ ବିଶ୍ୱ ସହିତ ବାଣିଜ୍ୟ ଚୁକ୍ତିନାମା ଏକ ଶକ୍ତିଶାଳୀ ଉଦାହରଣ ଭାବରେ ଉଭା ହୋଇଛି ଯେ କିପରି ବାଣିଜ୍ୟ ନୀତିକୁ ଜାତୀୟ ବିକାଶ ଲକ୍ଷ୍ୟ ସହିତ ସମନ୍ୱିତ କରାଯାଇପାରିବ, ବିକଶିତ ଭାରତ ୨୦୪୭ ପଥରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାକୁ ସୁନିଶ୍ଚିତ କରାଯାଇ ପାରିବ ।

( କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ )

# ଉତ୍କଳଗୌରବ ମଧୁବାବୁ



ଗିରିଜା ଶଙ୍କର ତରାସିଆ



୧୯୦୩ ମସିହା ଡ଼ିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ହେଉଥାଏ କଟକର ଐତିହାସିକ ଇଦ୍‌ଗା ପଡ଼ିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ । ଜାତିପ୍ରାଣ ମଧୁସୂଦନ ଦାସଙ୍କର ସମବେତ ପ୍ରତିନିଧିମାନଙ୍କୁ ଥିଲା ଆବେଗପୂର୍ଣ୍ଣ ଆହ୍ୱାନ, ବିଜ୍ଞାନର ସିଦ୍ଧାନ୍ତ ଏହି ଯେ ମନୁଷ୍ୟ ଦେହରେ ମାଂସ ଓ ହାଡ଼ର କଣିକାଗୁଡ଼ିକ ସାତ ବରଷରେ ଥରେ ବଦଳିଯାଏ । ତଥାପି ଶରୀର ବଢୁଥାଏ ।

ସେହିପରି ତୁମ୍ଭେ ଆମ୍ଭେ ଚାଲିଯିବା, ତଥାପି ମନୁଷ୍ୟ ଶରୀର ପରି ଆମ୍ଭର ଜାତିଟି ଦିନକୁ ଦିନ ବଢୁଥିବ । ଜନନୀ ସେବାରେ ଆତ୍ମଗର୍ବ, ସ୍ୱାର୍ଥପରତା ତ୍ୟାଗ କରିବାକୁ ହେବ । ମୁଁ ବା ତୁମ୍ଭେମାନେ କାଲି ଇହ ସଂସାରରୁ ଚାଲିଯିବା, କିନ୍ତୁ ଜାତି ଅମର ଓ ଚିରଜୀବୀ ।

ସ୍ୱାର୍ଥତ୍ୟାଗ ଓ ପ୍ରେମ ଜାତୀୟ ଉନ୍ନତିର ପ୍ରଧାନ ସହାୟ । ଏହି ଉକ୍ତିଟି ମଧୁବାବୁ କେବଳ ଉଚ୍ଚାରଣ କରିନଥିଲେ ବରଂ ଜୀବନର ପ୍ରତିଟି ମୁହୂର୍ତ୍ତରେ ଏହାକୁ ଅକ୍ଷରେ ଅକ୍ଷରେ ନିଜ ଆଚରଣରେ ପ୍ରଦର୍ଶିତ କରୁଥିଲେ । ତାଙ୍କ ସମୟରେ ଭାରତବର୍ଷର ଜଣେ ଖ୍ୟାତନାମା ଆଇନଜ୍ଞ ଭାବେ ପରିଚିତ ହୋଇ ସେ ବିପୁଳ ଅର୍ଥ ରୋଜଗାର କରିଥିଲେ ମଧ୍ୟ ଏ ସମସ୍ତ ଅର୍ଥ ଜାତୀୟ ସ୍ୱାର୍ଥରେ ବିନିଯୋଗ କରିଥିଲେ ।

ଓଡ଼ିଶାର ଶିଳ୍ପକଳାର ପ୍ରଚାର ଏବଂ ପ୍ରସାର ପାଇଁ ସେ ଗଢିଥିବା ଉତ୍କଳ ଟ୍ୟାନେରୀ ଅର୍ଥାଭାବ ଯୋଗୁଁ ବନ୍ଦ ହୋଇଗଲା । ଓଡ଼ିଶାର ସ୍ୱାଭିମାନରେ ଆଞ୍ଚ ନ ଆଣିବା ପାଇଁ ଅସମ୍ଭବ କ୍ଷତି ହେଉଥିବା ସତ୍ତ୍ୱେ ଉତ୍କଳ ଟ୍ୟାନେରୀରେ ନିମ୍ନମାନର ଦ୍ରବ୍ୟ ନିର୍ମାଣ ନିମନ୍ତେ ସେ ଆଦୌ ପ୍ରଶ୍ରୟ ଦେଉ ନଥିଲେ ।

ଓଡ଼ିଆ ଜାତିପାଇଁ ସର୍ବସ୍ୱ ହରାଇଥିବା ଏହି ସ୍ୱାଭିମାନୀ ସର୍ବଶେଷରେ ଦେବାଳିଆ ହୋଇ ଯାଇଥିଲେ । ମୃତ୍ୟୁର କିଛି ଦିନ ପୂର୍ବରୁ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ଆକାଉଣ୍ଟରେ ଅଛି ମାତ୍ର ୧୬୪ ଟଙ୍କା । ସେତକ ପୁଣି ଦାନ କରି ଦିଆଗଲା । ମୃତ୍ୟୁ ଶଯ୍ୟାରେ ପଡ଼ି ମଧ୍ୟ ତାଙ୍କ ଶେଷ ନିଃଶ୍ୱାସ ତ୍ୟାଗ କରିବାର କିଛି ସମୟ ପୂର୍ବରୁ ନିଜେ କରିଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ଯତ୍ନଶୀଳ ହୋଇଥିଲେ ।

କଟକ ସହରର ଗୋଟିଏ ପଡ଼ାରେ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ମ୍ୟୁନିସପାଲିଟି ପକ୍ଷରୁ ନଳ କୂପଟିଏ ଖୋଳା ଯାଇନଥିବାରୁ ଜନସାଧାରଣଙ୍କ ଅନୁରୋଧ କ୍ରମେ ମଧୁବାବୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ତାଙ୍କ ଦେହାବସାନର ମାତ୍ର କେତେ ଦିନ ପୂର୍ବରୁ କିଛି ଟଙ୍କା ଯୋଗାଡ଼ କରି ପଡ଼ାବାସୀଙ୍କୁ ପ୍ରଦାନ କରିବାର ମହାନ୍ ଉଦାହରଣ ଦେଖିବାକୁ ମିଳିଥିଲା ।

ମଧୁବାବୁ ଓହରି ଯାଇ ଭାରତର ପ୍ରାକ୍ତନ ବଡ଼ଲାଟ ଲର୍ଡ଼ କର୍ଜନଙ୍କୁ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରବର୍ତ୍ତାଇଲେ । ବଡ଼ଲାଟ ଲର୍ଡ଼କର୍ଜନ ମଧୁବାବୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇଥିଲେ ଏବଂ ମଧୁବାବୁଙ୍କର ଅନୁରୋଧ କ୍ରମେ ରେଳଗାଡ଼ି ଯୋଗେ ୧୯୦୦ ମସିହା ଡ଼ିସେମ୍ବର ମାସ ୧୬ ତାରିଖ ଦିନ ମନ୍ଦିର ମାଳିନୀ ଭୁବନେଶ୍ୱର ଓ ପୁରୀ ପରିଦର୍ଶନ କରିଥିଲେ ।

୧୯୩୪ ମସିହା ଫେବୃୟାରୀ ୪ ତାରିଖ । ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବାର ମାତ୍ର କେତେ ଘଣ୍ଟା ପୁର୍ବରୁ ନୀଳକଣ୍ଠ ଦାସଙ୍କୁ ଥର ଥର କଣ୍ଠରେ ଏହି ବିରଳ ସ୍ୱାଭିମାନୀ ଓଡ଼ିଆ ଜଣକ କହି ଉଠିଲେ ଓଡ଼ିଶାକୁ ଚଳାଇବାକୁ ଆଉ କେହି ଲୋକ ଅଛନ୍ତି କି ? ଗୋପବନ୍ଧୁ ତ ଫାଙ୍କି ଦେଇ ଚାଲିଗଲେ । ମୁଁ ତ ଯାଉଛି । ମନେ ରଖିବ ଜଣେ ଓଡ଼ିଆ ଥିଲା । ଏତିକି ଖାଲି ମନେ ରଖିବ । ଏହି ଖାଣ୍ଟି ଓଡ଼ିଆଟିର ସେଦିନର ମର୍ମ ସ୍ପର୍ଶୀବାଣୀ ଏବେ ବି ପ୍ରତିଧ୍ୱନିତ ହେଉଛି ।

ଉତ୍କଳ ଦିବସ ପାଳନର ସୁବର୍ଣ୍ଣଜୟନ୍ତୀ ପାଳନ ଅବସରରେ ଅଧ୍ୟାପକ ରାଜକିଶୋର ରାୟ ଗୋଟିଏ ପ୍ରବନ୍ଧରେ ଦର୍ଶାଇଥିଲେ ଯେ, ଏବେ ବି ଓଡ଼ିଶା ପଛୁଆ ରାଜ୍ୟ । ଓଡ଼ିଆମାନେ ନିଜ ରାଜ୍ୟରେ ଯେତେ ଆସ୍ଫାଳନ କରନ୍ତି, ଅନ୍ୟତ୍ର ସେତେ ନୁହଁନ୍ତି । ଓଡ଼ିଆ ସନ୍ତାନର ପ୍ରତିଭା ଉଜ୍ଜ୍ୱଳ, ମାତ୍ର ସେହି ଓଡ଼ିଆମାନେ ଅନ୍ତଃଶତ୍ରୁ ହୋଇ ଓଡ଼ିଆମାନଙ୍କୁ ହିଁ ବିନାଶ କରନ୍ତି । ଏ ଜାତିର ବୁଦ୍ଧିଜୀବୀ, କଳାକାର, ସାହିତ୍ୟିକ, କବି, ଶିଳ୍ପୀ, କାରିଗର ଓ ଯନ୍ତ୍ରୀ ଭାରତୀୟ ସ୍ତରରେ ସୁନାମ ଅର୍ଜନ କରୁଛନ୍ତି । ସାମୂହିକ ପ୍ରଚେଷ୍ଟା ନାହିଁ ଏହାର ସମ୍ପଦକୁ ଅନ୍ୟତ୍ର ପରିପ୍ରଚାର କରିବାପାଇଁ ।

ନୟାଗଡ

ମୋ- ୯୯୩୭୩୩୪୮୦୦

୧୯୩୪ ମସିହା ଫେବୃୟାରୀ ୪ ତାରିଖ । ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବାର ମାତ୍ର କେତେ ଘଣ୍ଟା ପୁର୍ବରୁ ନୀଳକଣ୍ଠ ଦାସଙ୍କୁ ଥର ଥର କଣ୍ଠରେ ଏହି ବିରଳ ସ୍ୱାଭିମାନୀ ଓଡ଼ିଆ ଜଣକ କହି ଉଠିଲେ ଓଡ଼ିଶାକୁ ଚଳାଇବାକୁ ଆଉ କେହି ଲୋକ ଅଛନ୍ତି କି ? ଗୋପବନ୍ଧୁ ତ ଫାଙ୍କି ଦେଇ ଚାଲିଗଲେ । ମୁଁ ତ ଯାଉଛି । ମନେ ରଖିବ ଜଣେ ଓଡ଼ିଆ ଥିଲା । ଏତିକି ଖାଲି ମନେ ରଖିବ । ଏହି ଖାଣ୍ଟି ଓଡ଼ିଆଟିର ସେଦିନର ମର୍ମ ସ୍ପର୍ଶୀବାଣୀ ଏବେ ବି ପ୍ରତିଧ୍ୱନିତ ହେଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟ୍ରମ୍ପଙ୍କ ଡିନର ...

କୋଲ୍ ଥୋମାସ୍ ଆଲେନ୍ । ସେ କାଲିଫର୍ଣ୍ଣିଆର ବାସିନ୍ଦା । ଟ୍ରମ୍ପଙ୍କ ଡିନର ପାର୍ଟି ଭିତରେ ପଶି ୫ରୁ ୮ ରାଉଣ୍ଡ ଗୁଳି କରିଥିଲେ । ଥୋମାସ୍ ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର । କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ କରିଛନ୍ତି । ନାସାରେ ମଧ୍ୟ କିଛି ବର୍ଷ କାମ କରିଥିଲେ । ବଲ୍ରୁମ୍ରେ ଥିବା ଟ୍ରମ୍ପଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆଲେନଙ୍କୁ ଏକ ସୁରକ୍ଷା ଚେକପଏଣ୍ଟରେ ଅଟକାଯାଇଥିଲା । ଏହି ସମୟରେ ଆଲେନ ଗୁଳି ଚଳାଇଥିଲେ । ଟ୍ରମ୍ପଙ୍କ ଉପରେ ଏଭଳି ଆକ୍ରମଣ ଯୋଜନା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଘଟଣା ପଛରେ ପ୍ରକୃତ ଘଟଣା ଏଯାଏଁ ଜଣାପଡିନି । ଏହି ଗୁଳିକାଣ୍ଡକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି କହିଛନ୍ତି ।

## ଆଜି ଭାରତ-ନ୍ୟୁଜିଲାଣ୍ଡ...

କୌଣସି ରିହାତି ପ୍ରଦାନ କରିନାହିଁ। କୃଷକ ଓ ଘରୋଇ କମ୍ପାନିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହା କରାଯାଇଛି।

ନ୍ୟୁଜିଲାଣ୍ଡ ଆସନ୍ତା ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ବିଲିଅନ ଡଲାର ନିବେଶ ନେଇ ପ୍ରତିଶ୍ରୁତି ଦେଇଛି। ମ୍ୟାନୁଫାକଚରିଂ, ସର୍ଭିସ, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟି ଆଦି କ୍ଷେତ୍ରରେ ଏହି ନିବେଶ ହେବ।

ଦୁଇ ଦେଶ ମଧ୍ୟମରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ଫଳରେ ଆସନ୍ତା ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦୁଇଗୁଣା କରି ୫ ବିଲିଅନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଭାରତର ପ୍ରଫେସନାଲମାନଙ୍କୁ ନ୍ୟୁଜିଲାଣ୍ଡ ଅସ୍ଥାୟୀ ନିଯୁକ୍ତି ଭିସା ପ୍ରଦାନ କରିବ। ତେବେ ଏହାର ବାର୍ଷିକ କୋଟା ୫୦୦୦ ରଖାଯାଇଛି। ୩ ବର୍ଷ ପର୍ଯ୍ୟନ୍ତ ପ୍ରଫେସନାଲମାନେ ରହିପାରିବେ। ଆୟୁଷ ବୃତ୍ତିଧାରୀ, ଯୋଗ ପ୍ରଶିକ୍ଷକ, ସେଫ୍, ସଙ୍ଗୀତ ଶିକ୍ଷକ ସମେତ ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା, ନିର୍ମାଣ ଆଦି କ୍ଷେତ୍ରର ବ୍ୟକ୍ତିମାନେ ଏହି ସୁବିଧା ପାଇବେ। କିୱି ଫଳ, ସେଓ ଓ ମହୁ ଉପରେ ଏକ ଉତ୍ସର୍ଗୀକୃତ କୃଷି ପ୍ରଯୁକ୍ତି କାର୍ଯ୍ୟାନ୍ୱୟନ ଯୋଜନା ନ୍ୟୁଜିଲାଣ୍ଡ ଭାରତରେ ସ୍ଥାପନ କରିବ। ଏହାଦ୍ୱାରା ଉପରୋକ୍ତ କ୍ଷେତ୍ରରେ ଭାରତୀୟ ଚାଷୀଙ୍କ ଉତ୍ପାଦକତା ଓ ସାମଗ୍ରୀର ମାନ ବଢ଼ିବ। ଶୁଳ୍କ ହ୍ରାସ ସମେତ ଅଣଶୁଳ୍କ ବ୍ୟବସାୟିକ ପ୍ରତିବନ୍ଧକଗୁଡ଼ିକୁ ହଟାଇବା ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି। ସୋମବାର ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ପୂର୍ବରୁ ଦୁଇ ଦେଶର ବାଣିଜ୍ୟ ମନ୍ତ୍ରୀ ସପତ୍ନୀକ ଆଗ୍ରାରେ ତାଜ୍ ମହଲ ପରିଦର୍ଶନ କରିଛନ୍ତି। ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ଫଳରେ ଦୁଇ ଦେଶ ମଧ୍ୟରେ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ଶ୍ରୀ ଗୋୟଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍ଡିଏ ସରକାର ଅନେକ ଦେଶ ଓ ଅଞ୍ଚଳ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ଘୋଷଣା ଓ କାର୍ଯ୍ୟକାରୀ କରିଛନ୍ତି। ୟୁଏଇ ସହିତ ୨୦୨୨ ମେ ମାସରେ ଏବଂ ଅଷ୍ଟ୍ରେଲିଆ ସହିତ ୨୦୨୨ ଡିସେମ୍ବରରେ ଏହା କାର୍ଯ୍ୟକାରୀ ହୋଇଛି। ବ୍ରିଟେନ ସହିତ ୨୦୨୫ ଜୁଲାଇରେ ରାଜିନାମା ସ୍ୱାକ୍ଷର ହୋଇଛି। ୟୁରୋପୀୟ ମୁକ୍ତ ବାଣିଜ୍ୟ ଅଞ୍ଚଳ ବ୍ଲକ୍ ସହିତ ୨୦୨୫ ଅକ୍ଟୋବରରେ ଏହା କାର୍ଯ୍ୟକାରୀ ହୋଇଥିବାବେଳେ ଓମାନ ସହିତ ୨୦୨୫ ଡିସେମ୍ବରରେ ସ୍ୱାକ୍ଷର ହୋଇଛି। ୟୁରୋପୀୟ ସଂଘ ସହିତ ୨୦୨୬ ଜାନୁଆରିରେ ମୂଳଚାଲ ଶେଷ ହୋଇଥିବା ନେଇ ଘୋଷଣା ହୋଇଥିବାବେଳେ ମରିସସ୍ ସହିତ ୨୦୨୧ ଏପ୍ରିଲରୁ ଏହା କାର୍ଯ୍ୟକାରୀ ହୋଇଛି। ଆମେରିକା ସହିତ ଅନ୍ୟାନ୍ୟ ଦେଶ ସହିତ ଏ ନେଇ ଆଲୋଚନା ଚାଲିଛି।

## ଆଜି ମୁଖ୍ୟମନ୍ତ୍ରୀ...

ଅନ୍‌ଲାଇନ୍ ପଞ୍ଜୀକରଣ କରିଥିଲେ, ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍ୱିସ୍ ବିମାନରେ...

ବ୍ୟବସ୍ଥା କରାଯାଇଥିଲା। ବିମାନର କର୍ମଚାରୀମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ବେଳେ ଆହତ ଯାତ୍ରୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ।ଏହି ଘଟଣା ପରେ ସ୍ୱିସ୍ ଏୟାରଲାଇନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି। ବିମାନବନ୍ଦରରେ ଫସି ରହିଥିବା ଯାତ୍ରୀମାନଙ୍କୁ ହୋଟେଲ ରହଣି ଏବଂ ଅନ୍ୟ ବିମାନରେ ଯାତ୍ରା କରିବା ପାଇଁ ସ୍ଥାନୀୟ ଟିମ୍ ସହାୟତା କରୁଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏକ ବୈଷୟିକ ବିଶେଷଜ୍ଞ ଦଳ ସୁଇଜରଲ୍ୟାଣ୍ଡରୁ ଦିଲ୍ଲୀ ଆସୁଥିବା ଜଣାପଡ଼ିଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ମିଶି ଏହି ଘଟଣାର ସବିଶେଷ ତଦନ୍ତ କରାଯିବ ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯିବ ବୋଲି ଏୟାରଲାଇନ୍ସ ସ୍ପଷ୍ଟ କରିଛି। ବିମାନବନ୍ଦରରେ ସେହି ସମୟରେ ଉପସ୍ଥିତ ଥିବା ଯାତ୍ରୀମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥିତି ଥିବା ବେଳେ ତୁରନ୍ତ ପଦକ୍ଷେପ ଯୋଗୁଁ ଏକ ବଡ଼ ବିପତ୍ତିରୁ ରକ୍ଷା ମିଳିପାରିଛି।

## ଶିଶୁର ଜୀବନ...

କରିପାରି ନଥିଲେ । ଆରମ୍ଭ ହୋଇଥିଲା ମେଡିକାଲର ଭଙ୍ଗାରୁଜା । ଖବର ପାଇ ବାସୁଦେବପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । ପୋଲିସ ଉପସ୍ଥିତରେ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରି ଶବ ନେଇ ରାସ୍ତାରୋକ କରିଥିଲେ । ଦୀର୍ଘ ସମୟ ଧରି ଜନତା ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନାର ଇନ୍ସପେକଟର ନିରୋଜ କୁମାର ସାମଲ, ନାୟକାଣୀଡିହି ଥାନାର ଇନ୍ସପେକଟର ଉମାଶଙ୍କର ନାୟକ, କସିଆ ସାମୁଦ୍ରିକ ଥାନାର ଇନ୍ସପେକଟର ସୁକାନ୍ତି ଖମାରୀ, ଚୂଡାମଣୀ ସାମୁଦ୍ରିକ ଥାନାର ଇନ୍ସପେକଟର ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକମାନେ କିଚଇ ନଶୁଣି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଭଦ୍ରକ ଜିଲ୍ଲାର ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ ଘଟଣା ସ୍ଥଳୀର ପହଞ୍ଚି ମୃତ ପରିବାର ସହିତ ଆଲୋଚନା କରିଥିଲେ । ଘଟଣାର ଜିଲ୍ଲା ସ୍ତରୀୟ ମେଡିକାଲ ଟିମ ତଦନ୍ତ କରିବା ସହିତ ତଦନ୍ତର ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ମୃତ ପରିବାରକୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ଦାବୀ କରିଥିଲେ । ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଶ୍ରୁତି ପାଇବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ଶବ ବ୍ୟବଚ୍ଛେଦ କରିବାକୁ ଭଦ୍ରକ ପଠାଇ ଦେଇଥିଲେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ମୃତୟନ କରାଯାଇଛି । ଏତେ ଘଟଣା ଘଟିଥିଲେ ମଧ୍ୟ ଦିନଯାକ ମେଡିକାଲ ଅଫିସରଙ୍କ ଦେଖା ମିଳିନଥିଲା । ଶେଷରେ ସିଡିଏମଓ ଡାକ୍ତର ସୁଧିର ରଞ୍ଜନ ନାୟକ, ଏଡିଏମଓ ଡାକ୍ତର ମିନତୀଲତା ଦାସ ଓ ଫାର୍ମାସିଷ୍ଟ ରଜତ କୁମାର ସାହୁ ପହଞ୍ଚି ଆନ୍ଦୋଳନରୀଙ୍କ ସହିତ ଆଲୋଚନା କରିଥିଲେ । ଅପରପକ୍ଷେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶହ ଶହ ପେସେଣ୍ଟ ଆସୁଥିବା ବେଳେ ଡାକ୍ତରଖାନାର ଡାକ୍ତର ଡ୍ୟୁଟିକୁ ନେଇ ଅଭିଯୋଗ ଆସିଛି । ମାସକୁ କିଏ କେତେଦିନ ଡ୍ୟୁଟି କରୁଛନ୍ତି କେବଳ ସିସିଟିଭି ସତ କହିବ । ସିଡିଏମଓ ତଦନ୍ତ କଲେ ସବୁ ଜାଲିଆତି ପଦାକୁ ଆସିବ ବୋଲି କୁହାଯାଉଛି ।

## କଲମ୍ବିଆରେ ଆତଙ୍କବାଦୀ ...

ଅଞ୍ଚଳର ରାଜ୍ୟପାଳ ଅକ୍ଟାଭିଓ ଗୁଜମାନ କହିଛନ୍ତି, ବିସ୍ଫୋରକ ଡିଭାଇସ୍ ରାସ୍ତାରେ ରଖାଯାଇଥିଲା। ବସ୍ଟି ଯିବା ସମୟରେ ବିସ୍ଫୋରଣ ହୋଇଥିଲା। ଆହତଙ୍କ ମଧ୍ୟରେ ପାଞ୍ଚ ଜଣ ପିଲା ମଧ୍ୟ ଅଛନ୍ତି। କାଉକାର ସ୍ୱାସ୍ଥ୍ୟ ସଚିବ କାରୋଲିନା କାମାରଗୋ ନୋଟିସିଆସ୍ କାରାକୋଲକୁ କହିଛନ୍ତି, ଆହତମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। କଲମ୍ବିଆନ୍ ସଶସ୍ତ୍ର ବାହିନୀ କମାଣ୍ଡର ଜେନେରାଲ ହୁଗୋ ଲୋପେଜ୍ ଏହି ଆକ୍ରମଣ ପାଇଁ ଇଭାନ୍ ମୋର୍ଡିସ୍କୋ ନାମକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ଏବଂ ଜାଇମ୍ ମାର୍ଟିନେଜ୍ ଗୋଷ୍ଠୀର ନେଟୱାର୍କକୁ ଦାୟୀ କରିଛନ୍ତି। ଉଭୟ ଗୋଷ୍ଠୀ ପୂର୍ବତନ କଲମ୍ବିଆର ବିପ୍ଳବୀ ସଶସ୍ତ୍ର ବାହିନୀର ବିଚ୍ଛିନ୍ନ ଗୋଷ୍ଠୀ। ସେମାନେ ୨୦୧୬ ଶାନ୍ତି ଚୁକ୍ତିକୁ ସ୍ୱୀକାର କରନ୍ତି ନାହିଁ। ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ମଧ୍ୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଏହି ଆକ୍ରମଣ ପଛରେ ଥିବା ଲୋକମାନେ ଆତଙ୍କବାଦୀ, ଫାସିଷ୍ଟ ଏବଂ ନିଶାଦ୍ରବ୍ୟ ଚାଲାଣକାରୀ।

ଗତ ଦୁଇ ଦିନ ମଧ୍ୟରେ, ଏହି ଅଞ୍ଚଳରେ ୨୬ ରୁ ଅଧିକ ଆକ୍ରମଣ ହୋଇଛି। ଏଥିରେ ଏକ ପୁଲିସ ଷ୍ଟେସନରେ ଗୁଳିକାଣ୍ଡ, ଏୟାର ଟ୍ରାଫିକ୍ ରାଡାର ଉପରେ ଆକ୍ରମଣ ଏବଂ ବୋମା ଭର୍ତ୍ତି ଡ୍ରୋନ୍ ବ୍ୟବହାର ଅନ୍ତର୍ଭୁକ୍ତ। ଶୁକ୍ରବାର, କାଲି ଏବଂ ପାଲମିରା ସହରରେ ସାମରିକ ଘାଟି ନିକଟରେ ବିସ୍ଫୋରକ ଭର୍ତ୍ତି ଯାନ ବିସ୍ଫୋରଣ ହୋଇ ବ୍ୟାପକ କ୍ଷତି ଘଟିଥିଲା। ଏସବୁ ଆକ୍ରମଣ ଡ୍ରଗ୍ସ ଚାଲାଣ ସହ ଜଡିତ ହିଂସାକୁ ପ୍ରତିଫଳିତ କରୁଛି। ଏହି ଅଞ୍ଚଳରେ ହିଂସାର ମୁଖ୍ୟ କାରଣ ଡ୍ରଗ୍ସ ଚାଲାଣ ବିରୋଧରେ ଯୁଦ୍ଧ ବୋଲି କୁହାଯାଉଛି। କାଉକା ଏବଂ ଭାୟା ଡେଲ୍ କାଉକା ଅଞ୍ଚଳଗୁଡ଼ିକ ସମୁଦ୍ର ଏବଂ ନଦୀ ପଥ ଦେଇ ମଧ୍ୟ ଆମେରିକା ଏବଂ ୟୁରୋପକୁ ଡ୍ରଗ୍ସ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗ।

ବିଭିନ୍ନ ଅବୈଧ ସଶସ୍ତ୍ର ଗୋଷ୍ଠୀ ଏହି ଅଞ୍ଚଳର ନିୟନ୍ତ୍ରଣ କରିବା ପାଇଁ ଲଢୁଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ପ୍ରତିରକ୍ଷା ମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇଛି। ସେ କହିଛନ୍ତି, ଏହି ଅପରାଧୀମାନେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଚାହୁଁଛନ୍ତି, କିନ୍ତୁ ଆମେ ଦୃଢ଼ ଜବାବ ଦେବୁ। ଆକ୍ରମଣର ମାଷ୍ଟର ମାଇଣ୍ଡ ଥିବା ମାର୍ଲିନ୍ ନାମକ ଜଣେ ନେତାଙ୍କୁ ଧରିବା ପାଇଁ ସରକାର ୧ ନିୟୁତ ଡଲାରରୁ ଅଧିକ ପୁରସ୍କାର ଘୋଷଣା କରିଛନ୍ତି।

## କର୍ମ କ୍ଷେତ୍ରରୁ ବିଦାୟ ନେଲେ ବିଚିତ୍ରାନନ୍ଦ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ ପାଟଳଦା ଗ୍ରାମପଞ୍ଚାୟତ ସୁନ୍ଦର୍ ସ୍ଥିତ, ସୁରେନ୍ଦ୍ର ନାଥ ବିଦ୍ୟାପୀଠରେ ହିନ୍ଦି ଶିକ୍ଷକ ବିଚିତ୍ରାନନ୍ଦ ବିଶାଳଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ତଥା ସ୍କୁଲ ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ସୁପୁତ୍ର ତଥା ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ ଯୋଗ ଦାନ କରି ଉକ୍ତ ବିଦାୟ ସମ୍ବର୍ଦ୍ଧନା ଉତ୍ସବକୁ ଉଦଘାଟନ କରିଥଲେ ।ଏଥିରେ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ,ପ୍ରମୋଦ କୁମାର ନାୟକ, ଅଶୋକ ମହାରଣା, ରାମଚନ୍ଦ୍ର ସ୍ୱାଇଁ, ସମାଜ ସେବୀ ଦୁଷ୍ମନ୍ତ କୁମାର ବେହେରା, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ସରପଞ୍ଚ ଯଶୋବନ୍ତ ନାୟକ, ଶିକ୍ଷକ ନେତା ବିପିନ ମହାନ୍ତି, ଅତିରିକ୍ତ ଶିକ୍ଷାଧିକରୀ, ପ୍ରିୟଦର୍ଶୀ ବିଶାଳ ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ଛାତ୍ରୀ( ଡିଫେନ୍ସ ବ୍ୟାଚ ୧୯୯୩ ସୁରେନ୍ଦ୍ର ବେହେରା, ବିଷ୍ଣୁ ସାମନ୍ତରାୟ, ସୁଧାକର ନାୟକ), ଶିକ୍ଷକ ଗଣ, ଅଭିଭାବକ ସଂଘ ଆଦି ତରଫରୁ ବୀଚି ସାର୍ ଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ସମ୍ବର୍ଦ୍ଧନା ସଭା ପରେ ବିଚି ସାର ଙ୍କୁ ଏକ ବିରାଟ ପଟୁଆର ରେ ତାଙ୍କ ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନିଆ ଯାଇଥିଲା ।



## ନାଲସିଂହ ଗ୍ରାମରେ ମୁଖା ରାମଲୀଳା ସମ୍ପନ୍ନ: ଶ୍ରୀରାମାଭିଷେକ



ନିରାକାରପୁର,(ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ପଞ୍ଚାୟତ ଅନ୍ତର୍ଗତ ନାଲସିଂହ ଗ୍ରାମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀ ରାମଲୀଳା ମହୋତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ସମ୍ପାଦିତ ହୋଇଯାଇଛି । ବିଶିଷ୍ଟ କବି ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ 'ଶ୍ରୀ ରାମଲୀଳା'କୁ ଆଧାର କରି ଗ୍ରାମର ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଏହି ନାଟ୍ୟ ଅଭିନୟ ପରିବେଷଣ କରାଯାଇଥିଲା ।ସୂଚନାଯୋଗ୍ୟ ଯେ, ନାଲସିଂହ ଗ୍ରାମରେ ଦୀର୍ଘ ୭୨ ବର୍ଷ ଧରି ଏହି ସ୍ୱତନ୍ତ୍ର 'ମୁଖା ରାମଲୀଳା' ଅନୁଷ୍ଠିତ ହୋଇଆସୁଛି । ମୁଖା ପିନ୍ଧି ପାରମ୍ପରିକ ଶୈଳୀରେ କଳାକାରମାନେ ରାମାୟଣର ବିଭିନ୍ନ ପ୍ରସଙ୍ଗକୁ ଜୀବନ୍ତ ଭାବେ ଅବତାରଣା କରିଥାନ୍ତି । ଚଳିତ ବର୍ଷ ଶ୍ରୀରାମ ନବମୀ ତିଥିରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ରାମାୟଣର ଜନ୍ମ ଠାରୁ ଆରମ୍ଭ କରି ଯୁଦ୍ଧ କାଣ୍ଡ ପର୍ଯ୍ୟନ୍ତ ସମସ୍ତ ବିଷୟବସ୍ତୁକୁ ଅତି ନିଖୁଣ ଭାବରେ ଅଭିନୀତ କରାଯାଇଥିଲା ।ଉତ୍ସବର ଅନ୍ତିମ ଦିବସରେ ଶ୍ରୀରାମଚନ୍ଦ୍ରଙ୍କର ଶାସ୍ତ୍ରୀୟ ବିଧି ବିଧାନ ସହ 'ଶ୍ରୀରାମାଭିଷେକ' ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଭକ୍ତିପୂତ ପରିବେଶରେ ପ୍ରଭୁ ଶ୍ରୀରାମଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମର ପ୍ରତି ସାହି ଓ ନଗର ପରିକ୍ରମା କରାଯାଇଥିଲା । ହରିବୋଲ, ହୁଳହୁଳି ଓ ସଂକୀର୍ତ୍ତନର ପବିତ୍ର ଶବ୍ଦରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଥିଲା ।ଆଧୁନିକତାର ଚାକଚକ୍ୟ ମଧ୍ୟରେ ଏହି ପୁରାତନ ସାଂସ୍କୃତିକ ଭାବଧାରାକୁ ବଞ୍ଚାଇ ରଖିବାରେ ନାଲସିଂହ ଗ୍ରାମବାସୀଙ୍କ ଅବଦାନ ଅତୁଳନୀୟ । ଗ୍ରାମର ସମସ୍ତ ଅବାଳବୃଦ୍ଧବନିତାଙ୍କ ସହଯୋଗ ଓ କଳାକାରମାନଙ୍କ ନିଷ୍ଠା ଯୋଗୁଁ ଆଜି ବି ଏହି ମୁଖା ରାମଲୀଳା ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।ଏହି ସମାରୋହରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ରାମଲୀଳାର ମନୋରମ ଅଭିନୟକୁ ଉପଭୋଗ କରିବା ସହ ଆଧ୍ୟାତ୍ମିକ ଆନନ୍ଦ ଲାଭ କରିଥିଲେ ।

## ଶ୍ମଶାନ ସୁରକ୍ଷା ନେଇ ତହସିଲଦାରଙ୍କୁ ଦାବି

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ତହସିଲ ଅଂଚଳରେ ମାଙ୍କଡା ପଥର ମାଫିଆଙ୍କ ଦ୍ୱରାମ୍ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ଜଙ୍ଗଲଜମି , ସରକାରୀ ଜମି ସହିତ ଶ୍ମଶାନକୁ ମଧ୍ୟ ଖୋଳି ବେଆଇନ ମାଙ୍କଡା ପଥର ଖନନ କରିବା ଓ ଚୋରାଚାଲଣ କରୁଥିବା ଅଭିଯୋଗ ହୋଇଛି । ବରପଦା ଗ୍ରାମର ଚଣ୍ଡିସାହିରେ ଥିବା ସ୍ମଶାନ ଜମି ପଡିଆକୁ କେତେକ ବ୍ୟକ୍ତି ବେଆଇନ ଭାବେ୪୦/୩୦ ଫୁଟ ଗଭିରରେ ଖୋଳି ମାଙ୍କଡାପଥର ଚୋରା ଚାଲଣ କରୁଛନ୍ତି । ଯାହା ଫଳରେ ଚଣ୍ଡିସାହି ବାସିନ୍ଦାଙ୍କ ଶବସତ୍କାର କରିବାରେ ସମସ୍ୟା ଉପୁଜୁଛି ।ଗ୍ରାମ୍ୟ ଶ୍ମଶାନ ସୁରକ୍ଷା ନେଇ ଆମ୍ବେଦକର ଲୋହା ବିଚାର ମଂଚର ଜିଲ୍ଲା ସମ୍ପାଦକ ଅକ୍ଷୟ ବେହେରା, ରାଜ୍ୟ ସମ୍ପାଦକ କିଷାନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଣ୍ଡିସାହି ବାସିନ୍ଦା ବୁଲା ରାଉତ, ଦୟାନିଧି ବେହେରା, ଶରତ କୁମାର ବେହେରା, ଭଗବାନ ବେହେରା, ମନୁ ନାୟକ ପ୍ରମୁଖ ଶ୍ମସାନ ସୁରକ୍ଷା ନେଇ ଡେଲାଙ୍ଗ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି ।ଏତଦ ସହିତ ପଥର ଖନନ କରୁଥିବା ଦୃବୃତ୍ତ ଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଂଚ ପକ୍ଷରୁ ଦାବୀ କରାଯାଇଛି ।

## କାଳହେଲା ଯାତ୍ରା ଦେଖା ୨ ପରିବାର ସର୍ବସ୍ୱାନ୍ତ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ସାରୁଗାଁ ଗ୍ରାମରେ ଶୁକ୍ରବାର ରାତିରେ ମନୋରଞ୍ଜନ ନାୟକ ଓ ଚୈତା ଗାହାଣଙ୍କ ଘରୁ ନଗଦ ଟଙ୍କା ଓ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରୀ ହୋଇ ଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଗାଁ ରେ ଅପେରା ଦେଖୁବାକୁ ଯାଇଥିବା ବେଳେ ଏହି ମୌକାରେ ଚୋର ମାନେ ଏହି ପରିବାର ଦ୍ୱୟକୁ ସର୍ବସ୍ୱାନ୍ତ କରିଥିବା ଜଣାଯାଇଛି । ରାତି ପ୍ରାୟ ୧୧.୩୦ ମିନିଟରେ ଏହି ପରିବାର ଘରେ ତାଲା ଦେଇ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଚୋର ମାନେ ପଛ ପଟ ଗ୍ରୀଲ ଓ ଘର ଆଲମିରା ଭାଙ୍ଗି ନଗଦ ଟଙ୍କା ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଚୋରୀର ୪୮ଘଣ୍ଟା ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କୁ ଧରାଯାଇ ନାହାଁନ୍ତି ।

## ବନ୍ଧୁକ ଦେଖାଇ ଦାଦା ବଟି ଆଦାୟ: ୪ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ଥାନା ଦିଗିଦା ଗ୍ରାମର ସୁପରଭାଇଜର ପ୍ରଦୀପ କୁମାର ପରିଡ଼ାଙ୍କୁ ୪/୫ ଜଣ ଯୁବକ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରିବା ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ଟଙ୍କା, ୧ଟି ପିସ୍ତଲ ଗୋଟିଏ ଖଣ୍ଡା ଓ ଗୋଟିଏ ବୁଲେଟ ଜବଦ କରିଛି । ଘଟଣାରୁ ପ୍ରକାଶ ଦିଗଦା ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଅଶୋକ କୁମାର ପରିଡ଼ାଙ୍କ ପୁତ୍ର ପ୍ରଦୀପ କୁମାର ପରିଡ଼ା (୩୩) ସୁପର ଭାଇଜର ଭାବେ କାର୍ଯ୍ୟ କରନ୍ତି । ଗତ୨୨ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ସାହାର୍ଦା ଗ୍ରାମର ଚକ୍ରଧର ଦାସଙ୍କ ପୁତ୍ର ଜୟୀ ଓରଫ ଜୟୀରାମ ଦାସ (୩୩), ମାୟାଧର ଦାସଙ୍କ ପୁତ୍ର ଟିଟୁଆ ଓରଫ ରାକେଶ ଦାସ (୧୯), ସଂଜୟ ଓରଫ ପାତନ ଦାସଙ୍କ ପୁତ୍ର ମିଟା ଓରଫ ବିକି ଦାସ (୧୯), ରଘୁନାଥପୁର ଗ୍ରାମର ଅରୁଣ ବେହେରାଙ୍କ ପୁତ୍ର ନଓ୍ୱା ଓରଫ ମନୋଜ ବେହେରା ପ୍ରମୁଖ ସୁପରଭାଇଜର ପ୍ରଦୀପ କୁମାର ପରିଡ଼ାଙ୍କ ନିକଟରେ ପହଁଚି ପିସ୍ତଲ ଓ ଖଣ୍ଡା ଆଦି ମାରଣାସ୍ତ୍ର ଦେଖାଇ ୧୦ହଜାର ଟଙ୍କା ଦାଦାବଟି ନେଇଥିଲେ । ଘଟଣା ବାବଦରେ ସଦର ଥାନାରେ ଅଭିଯୋଗ ହେଲାପରେ ପୁଲିସ କେଶ୍ ନମ୍ବର ୨୪୬/୨୦୨୬ ରେ ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୩ହଜାର ୫ଶହ ଟଙ୍କା ,୩ଟି ଖଣ୍ଡା, ଗୋଟିଏ ପିସ୍ତଲ ଓ ଗୋଟିଏ ବୁଲେଟ ଜବଦ କରିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଗିରଫ ଜୟୀ ଓରଫ ଜୟୀରାମ ଦାସ ବିକି ଦାସ ଓରଫ ମିତା ଓରଫ ମିଟିକା, ନଓ୍ୱା ଓରଫ ମନୋଜ ବେହେରାଙ୍କ ନାମରେ ପୂର୍ବରୁ ବାଲେଶ୍ୱର ସଦର ଥାନାରେ ମାମଲା ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ବରିଷ୍ଠ ଆଇନଜୀବୀ ବିଜୟ ଦାଶଙ୍କୁ ଡକ୍ଟରେଟ ଡିଗ୍ରୀ ପ୍ରଦାନ



କେନ୍ଦୁଝର(ଜିପ୍ର): ଓ୍ୱ lଲ ଡ଼ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅଗ୍ରାନାଇଜେସନ ଓ ଆମେରିକାନ ଗ୍ଲୋବାଲ ଡିଜିଟାଲୟୁନିଭରସିଟି ପକ୍ଷରୁ ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଡକଫର ବିଜୟ କୁମାର ଦାଶଙ୍କୁ ସମ୍ମାନ ସୂଚକ ଡକଫରେଟ ଡିଗ୍ରୀ ପ୍ରଦାନ କରାଯାଇଛି । ଭୁବନେଶରସ୍ଥିତ ଗୀତ ଗୋବିନ୍ଦ ସଦନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଆଇନଜୀବୀ ଶ୍ରୀ ଦାଶଙ୍କୁ ଏହି ଉପାଧି ପ୍ରଦାନ କରିବାକୁ ଚୂଡ଼ାନ୍ତ କରାଯାଇଥିଲା । ସଂପ୍ରତି ଡ଼କଫର ଦାସ ଓଡ଼ିଶା ହାଇକୋର୍ଟ ଙ୍କ ପ୍ରତିନିଧି ମଣ୍ଡଳୀରେ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।

## ଫାର୍ମ ଫ୍ରେଶ ଆମ୍ବ ପହଂଚିବା ହୋଇଛି ସହଜ

ଭୁବନେଶ୍ୱର,(ସବ୍ୟୁ): ଆମାଜନ ଡଟ୍ ଇନ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଭାରତର ସର୍ବୋତ୍ତମ ଆମ୍ବ କିସମ ଯେପରିକି ଆଲଫୋନ୍ସୋ, ରସପୁରୀ, ସିନ୍ଦୁରୀ, ସଫେଦା, କେଶର ଆଦିକୁ ଏକତ୍ରିତ କରି ଫାର୍ମରୁ ସତେଜ ଆମ୍ବଗୁଡିକୁ ଗ୍ରାହକଙ୍କ ଘରେ ପହଂଚାଉଛି ।କେବଳ ତାଜା ଫଳ ନୁହେଁ ଆମାଜନ ମ୍ୟାଙ୍ଗୋ ଆଇସ୍କ୍ରିମଠାରୁ ଆରମ୍ଭ କରି ଆମ୍ ରସ୍, ଆଚାର ଓ ପାନୀୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଋତୁର ସମ୍ପୂର୍ଣ୍ଣ ସ୍ୱାଦ ଉପଲବ୍ଧ କରୁଛିଛ ଆମାଜନ ନାଓରେ ଆମ୍-ଏଜିଂ ଷ୍ଟୋର୍ଫ୍ରଂଟ କୁଲ®, ଶ୍ରୀଖଣ୍ଡ, ଆମରସ ସହ ଫାର୍ମ ଫ୍ରେଶ ଆମ୍ବ, ପାନୀୟ, ଆଚାର, ମିଠା ଆଦି ସବୁକିଛି ୭୦% ପର୍ଯ୍ୟନ୍ତ ରିହାତିରେ ଉପଲବ୍ଧ କରି ଆମ୍ବ ଋତୁର ସମ୍ପୂର୍ଣ୍ଣ ସ୍ୱାଦକୁ ଏକାଠି କରିଛିଛ ସେହିପରି ସର୍ବୋତମ ଉତ୍ପାଦ ଖୋଜୁଥିବା ଲୋକଙ୍କ ପାଇଁ ଏଠାରେ ସୁପରପ୍ଲମ ଓ ପ୍ଲୁକ୍ ସ୍ୱତନ୍ତ୍ର ଚୟନ ମଧ୍ୟ ଉପଲବ୍ଧ ରହିଛିଛ ଏହି ସବୁ ଉତ୍ପାଦକୁ ଦିଲ୍ଲୀ-ଏନସିଆର, ମୁମ୍ବାଇ ଓ ବେଙ୍ଗାଲୁରୁରେ କିଛି ମିନିଟ୍ ମଧ୍ୟରେ ନିର୍ଦ୍ଧାରିତ ପିନକୋଡରେ ବିତରଣ କରାଯାଉଛି । ସେହିପରିଏକ ସ୍ୱତନ୍ତ୍ର ଷ୍ଟୋରଫ୍ରଂଟ ଆମାଜନ ଫ୍ରେଶ୍ରେ "ଦ କିଙ୍ଗ ଅଫ୍ ଫ୍ରୁଟ୍ସ ଇଜ୍ ହିୟର' ତାଜା ଆମ୍ବ, ମିଠା, ଦହି, ଖାଇବା ପାଇଁ ପ୍ରସ୍ତୁତ ଆମ୍ବ ପ୍ରକାର ଆଦି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି, ଯାହାକୁ ୨ ଘଂଟା ମଧ୍ୟରେ ଗ୍ରାହକଙ୍କୁ ଡେଲିଭରି କରାଯାଉଛି । ଆମାଜନର ଏଆଇ-ଚାଳିତ ସପିଂ ସହାୟକ ରୁଫସ୍, ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଉପଯୁକ୍ତ ଆମ୍ବ ଖୋଜିବାରେ ସାହାଯ୍ୟ କରିଥାଏ ।

## କଗ୍ନିଜାଣ୍ଟ ଓ ଓପନଏଆଇ ସହବନ୍ଧିତ

ଭୁବନେଶ୍ୱର: କଗ୍ନିଜାଣ୍ଟ ପକ୍ଷରୁ ବିଶ୍ୱବ୍ୟାପୀ ଉଦ୍ୟୋଗ ଗ୍ରାହକଙ୍କ ମଧ୍ୟରେ କୋଡେକ୍ସର ପ୍ରଭାବକୁ ମାପିବା ପାଇଁ ଓପନଏଆଇ ଦ୍ୱାରା ଚୟନ କରାଯାଇଥିବା ପାର୍ଟନରଙ୍କ ଏକ ନିର୍ଦ୍ଦିଷ୍ଟ ଗ୍ରୁପରେ ଏହାର ନାମ ଅନ୍ତର୍ଭୁକ୍ତ କରାଯାଇଛି ।କଗ୍ନିଜାଂଟର ଏହି ଚୟନ ଏକ ଏଆଇ ନିର୍ମାତା ଭାବେ ଏହାର ଟ୍ରାକ ରେକର୍ଡକୁ ପ୍ରତିଫଳନ କରୁଛି । କଗ୍ନିଜାଣ୍ଟଏହାର ସଫଟେୱ୍ୟାର ଇଞ୍ଜିନିୟରିଂ ଗ୍ରୁପରେ ନିଜର ଇଞ୍ଜିନିୟରିଂ କାର୍ଯ୍ୟରେ କୋଡେକ୍ସକୁ ପ୍ରତ୍ୟକ୍ଷ ରୂପେ ସ୍ଥାପିତ କରୁଛିଛ କଗ୍ନିଜାଂଟର ଇଞ୍ଜିନିୟରମାନେ କ୍ଲାଏଂଟ ସମ୍ପୃକ୍ତି କ୍ଷେତ୍ରରେ ସଫଟେୱ୍ୟାର ବିକାଶ ଜୀବନଚକ୍ରରେ କୋଡେକ୍ସକୁ ପ୍ରୟୋଗ କରୁଛନ୍ତିଛ ସେହିପରି ଓପନଏଆଇ ଜଟିଳ ଉଦ୍ୟୋଗ ପରିବେଶରେ କୋଡେକ୍ସକୁ ନିୟୋଜିତ ଓ ବିସ୍ତାର କରିବାର ନିଜର କ୍ଷମତା ପାଇଁ ଚୟନ ହୋଇଥିବା ଅଗ୍ରଣୀ ଗ୍ଲୋବାଲ ସିଷ୍ଟମ ଇଂଟିଗ୍ରେଟରମାନଙ୍କର ଏକ ଗ୍ରୁପ ସହ ମିଶି କାର୍ଯ୍ୟ କରୁଛି ଏବଂ ଉକ୍ତ କ୍ଷମତା ଦ୍ୱାରା ସକ୍ଷମ ସେବାଗୁଡିକୁ ଗ୍ରାହକଙ୍କୁ ପ୍ରଦାନ କରୁଛି । ଏସମ୍ପର୍କରେ କଗ୍ନିଜାଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ଗ୍ଲୋବାଲ ଅପରେଶନ୍ସ ବିଭାଗର ଅଧ୍ୟକ୍ଷ ରାଜେଶ ବାରିୟର କହିଛନ୍ତି, ଆମର ଇଞ୍ଜିନିୟରମାନେ ଯେଉଁଭଳି ଭାବେ କାର୍ଯ୍ୟ କରନ୍ତି, କୋଡ୍ ଜେନେରେଶନ, ରିଫ୍ୟାକେଫାରିଂ, ଟେଷ୍ଟିଙ୍ଗ ଓ ଡକ୍ୟୁମେଂଟେଶନକୁ ନିୟନ୍ତ୍ରଣ କରନ୍ତି ସେଥିରେ ଜଣେ ପାର୍ଟନର ଭାବେ ଆମେ କୋଡେକ୍ସକୁ ଅନ୍ତଃସ୍ଥାପିତ କରିଛୁ, ଯାହାଫଳରେ ଆମର ଟିମଗୁଡିକ ଆବଶ୍ୟକସ୍ଥଳେ ମାନବ ବିଚାରକୁ ପ୍ରୟୋଗ କରିପାରିବେ ।

ଓପନଏଆଇ ଅଗ୍ରଗାମୀ ବୁଦ୍ଧିମତା ଆଣିଥାଏ ।କଗ୍ନିଜାଣ୍ଟ ଉଦ୍ୟୋଗ ବିସ୍ତାର, ଗଭୀର ଶିଳ୍ପ ବିଶେଷଜ୍ଞତା ଓ ଶିଳ୍ପ ଆବଶ୍ୟକ କରୁଥିବା ପରିଚାଳନା କଠୋରତା ଆଣିଥାଏ । ସେହିପରି ଓପନଏଆଇର ମୁଖ୍ୟ ରାଜସ୍ୱ ଅଧିକାରୀ ଡେନିସ ଡ୍ରେସର କହିଛନ୍ତି, ସଫଟେୱ୍ୟାର ଡେଭ୍ଲପମେଂଟ ଓ ବ୍ୟବସାୟିକ କାର୍ଯ୍ୟପ୍ରବାହରେ ଏଜେଂଟମାନଙ୍କୁ ପରିଚାଳନା କରିବା ପାଇଁ କୋଡେକ୍ସ ଏକ ଶକ୍ତିଶାଳୀ କାର୍ଯ୍ୟକ୍ଷେତ୍ରରେ ପରିଣତ ହୋଇଛି । ଉଦ୍ୟୋଗଗୁଡିକ କୋଡେକ୍ସକୁ କାର୍ଯ୍ୟରେ ଲଗାଇବା ପାଇଁ ଗତିଶୀଳ ହେଉଥିବାରୁ ଆମେ ଅଧିକ ସଂସ୍ଥାକୁ ପ୍ରାରମ୍ଭିକ ବ୍ୟବହାରରୁ ରିପିଟେବୁଲ ଡିପ୍ଲୟମେଣ୍ଟକୁ ଅଗ୍ରସର ହେବାରେ ସାହାଯ୍ୟ କରିବା ପାଇଁ କଗ୍ନିଜାଣ୍ଟ ଭଳି ଅଗ୍ରଣୀ ସହଯୋଗୀଙ୍କ ସହ କାର୍ଯ୍ୟ କରୁଛୁ ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
*****
9001/25/2627

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ତା ୨୭.୦୪.୨୦୨୬ ରିଖ ଦିନ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ସ୍ଥଗିତ ରଖଗଲା । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନ୍‌ଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣୀ ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ଭୁବନେଶ୍ୱରଠାରେ ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ସ୍ୱା/– ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR : 9001/9001/1/26-27/0013

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ. ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

# କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର(ସବ୍ୟୁ): ବିଶ୍ୱ ମ୍ୟାଲୋରିଆ ଦିବସ ଅବସରରେ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ "କ୍ରାନ୍ତିକାରୀ ଫାଉଣ୍ଡେସନ୍' ପକ୍ଷରୁ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ନନ୍ଦିନୀପଲ୍ଲୀ, ମୁଣ୍ଡାସାହି ବସ୍ତି ଠାରେ ଅନୁଷ୍ଠିତ ହୋଇଯାଇଛି । ମ୍ୟାଲେରିଆ ରୋଗ ସମ୍ବନ୍ଧରେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ ସଚେତନ କରିବା ଓ ଏହାର ପ୍ରତିରୋଧ ଉପାୟ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠାନର ଭଲ୍ୟୁଣ୍ଟରମାନେ ସମ୍ପୂର୍ଣ୍ଣ ବସ୍ତି ଭ୍ରମଣ କରି ବସ୍ତିବାସିନ୍ଦାଙ୍କୁ ନିଜ ଆଖପାଖ ଅଞ୍ଚଳକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା, ମଶାରି ଟାଣି ଶୋଇବା, ଏକ ସ୍ଥାନରେ ପାଣି ଜମା ନରଖିବା ଆଦି ସମ୍ବନ୍ଧରେ ଲୋକଙ୍କୁ ବୁଝାଇଥିଲେ । ମ୍ୟାଲେରିଆ ରୋଗର ଲକ୍ଷଣ, କାରଣ ଓ ପ୍ରତିରୋଧର ଉପାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଯାଇଥିଲା । କିପରି ମ୍ୟାଲେରିଆ ରୋଗରୁ ମୁକ୍ତି ପାଇବା ସେ ସମ୍ବନ୍ଧରେ ଆଗାମୀ ଦିନରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ, ପ୍ରଜ୍ଞାପରମିତା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ଜଗନ୍ନାଥ ସାହୁ, ମାନସ ପ୍ରଧାନ, ବିଶ୍ୱମୋହନ ନାୟକ, କ୍ଷୀତିଶ କୁମାର ଜେନା, ଶୁଭଙ୍କର ସାହୁ, ପ୍ରଳୟ କୁମାର ଦାସ, ହରିଶଙ୍କର ଗୌଡ଼ଙ୍କ ସମେତ ଅନ୍ୟାନ୍ୟ ଭଲ୍ୟୁଣ୍ଟରମାନେ ଉପସ୍ଥିତ ଥିଲେ ।

## ମୋଦିଜୀଙ୍କ "ମନ୍ କି ବାତ୍" କାର୍ଯ୍ୟକ୍ରମ

# ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ : ସୁରେଶ ପୂଜାରୀ

ଭୁବନେଶ୍ୱର, (ସବ୍ୟୁ): ପ୍ରତିଥର ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୧୩୩ ତମ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହା କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ ବରଂ ଦେଶର ସାଧାରଣ ଜନତାଙ୍କ ସଂଘର୍ଷ, ସଫଳତା ଏବଂ ଦେଶ ଗଠନର ଏକ ସଶକ୍ତ ମାଧ୍ୟମ। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୦୨ ଓ ୧୦୩ ତମ ବୁଥ୍ କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ "ମନ କି ବାତ" କାର୍ଯ୍ୟକ୍ରମ ଶୁଣିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ମୋଦିଜୀ ପ୍ରଧାନମନ୍ତ୍ରୀ ହେବା ଦିନଠୁ ଏହି କାର୍ଯ୍ୟକ୍ରମ ଜରିଆରେ ସାରା ଦେଶର କୋଣ ଅନୁକୋଣରେ ଚାଲିଥିବା ଘଟଣାବଳୀ, ବ୍ୟକ୍ତି ବିଶେଷଙ୍କ ଉଲ୍ଲେଖନୀୟ କାର୍ଯ୍ୟ, ସାଧାରଣ ଲୋକଙ୍କ ସଫଳତା, ନାରୀ ସଶକ୍ତୀକରଣ ଉପରେ ବାର୍ତା ଦେଇଥାନ୍ତି। ଏହି କ୍ରମରେ ଓଡ଼ିଶାରେ ମହିଳା, ଯୁବକ, ଚାଷୀ ଓ ଉଦ୍ୟୋଗୀମାନଙ୍କ ସଫଳତା ବିଷୟରେ ମୋଦିଜୀ ଅନେକ ସମୟରେ "ମନ କି ବାତ" କାର୍ଯ୍ୟକ୍ରମ



ଜରିଆରେ ଲୋକଲୋଚନଙ୍କୁ ଆଣିଛନ୍ତି। ଆଜିର "ମନ କି ବାତ" କାର୍ଯ୍ୟକ୍ରମ ଜରିଆରେ ମୋଦିଜୀ ପାରମାଣବିକ ଶକ୍ତି, ପବନ ଶକ୍ତି ଓ ସୌରଶକ୍ତି କ୍ଷେତ୍ରରେ ଦେଶର ଉପଲବ୍ଧତା ବିଷୟରେ କହିବା ସହ ଭାରତୀୟ ଜ୍ଞାନ ପରମ୍ପରାର ପ୍ରତୀକ ବୁଦ୍ଧ ଦର୍ଶନ, ଡିଜିଟାଲାଇଜେଶନ, ନାରୀମାନଙ୍କ ସଫଳତା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବାଉଁଶ ଗଛ ବିଷୟରେ ଉପସ୍ଥାପନ କରିଥିଲେ। ଏସବୁ ବିଷୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। "ମନ କି ବାତ" କାର୍ଯ୍ୟକ୍ରମ ପରେ ତୃଣମୂଳସ୍ତରରେ ବୁଥ୍‌କୁ ମଜଭୁତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୦୩ ନମ୍ବର ବୁଥ୍ ଓ ଶ୍ରୀ ପୂଜାରୀ ୧୦୨ ନମ୍ବର ବୁଥ୍ କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ରାଜ୍ୟ ସାଧାରଣ ସମ୍ପାଦକ ବିଙ୍ଗଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ବରିଷ୍ଠ ନେତା ଶ୍ରୀ ମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ଏକାମ୍ର ନିର୍ବାଚନ ମଣ୍ଡଳୀର ୧୧୯ ନମ୍ବର ବୁଥ୍‌ରେ ମାନନୀୟ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ମୋଦିଜୀଙ୍କ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ଶ୍ରୀ ସାମଲ କହିଥିଲେ ଯେ, ଆଦରଣୀୟ ମୋଦିଜୀଙ୍କ କଥା ଶୁଣିବା ସର୍ବଦା ପ୍ରେରଣାଦାୟକ। ତାଙ୍କର ଶକ୍ତିଶାଳୀ ଚିନ୍ତାଧାରା ଜନସେବାର ମନୋଭାବକୁ ଆହୁରି ମଜଭୁତ କରିଥାଏ। ମୋଦିଜୀଙ୍କ ନେତୃତ୍ୱରେ ଭାରତ ଗତ ୧୧ ବର୍ଷ ଧରି ପ୍ରତ୍ୟେକ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଆସୁଛି। ସେ ନେଉଥିବା ପଦକ୍ଷେପ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିସହ ମୋଦିଜୀ ଆହ୍ୱାନ ଦେଇଥିବା ଜନଗଣନା ଅଭିଯାନରେ ନିଜର ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟବାସୀଙ୍କୁ ଶ୍ରୀ ସାମଲ ଅନୁରୋଧ କରିଥିଲେ। ଭୁବନେଶ୍ୱରସ୍ଥିତ ଉତର ନିର୍ବାଚନମଣ୍ଡଳୀର ୨୦୫ ନମ୍ବର ବୁଥ୍‌ରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ "ମନ କି ବାତ" କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ ସହ କୋଷାଧକ୍ଷ ଦିବାକର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ "ମନ କି ବାତ" କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ମହିଳା ସଂରକ୍ଷଣ ବିଲକୁ ନେଇ ବିଜେପି ନାଟକ କରୁଛି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ୨୦୨୩ ମସିହାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ମହିଳା ସଂରକ୍ଷଣ ବିଲ ସଂସଦର ଉଭୟ ଗୃହରେ ପାରିତ ହେବା ସହିତ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲେ ମଧ୍ୟ ଏହାକୁ ୨୦୨୪ ନିର୍ବାଚନରେ ଲାଗୁ କରି ନଥିବା ବିଜେପି ଏବେ ବିରୋଧୀଙ୍କ ଅସହଯୋଗ ଯୋଗୁ ମହିଳା ସଂରକ୍ଷଣ ବିଲ ପାରିତ ହେଲା ନାହିଁ ବୋଲି ମିଛ ଅଭିଯୋଗ କରି ବିଜେପି ଯେଉଁ ଜନଆକ୍ରୋଶ ରାଲି ନାମରେ ଦେଶରେ ନାଟକ କରୁଛି । ମହିଳା ମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିଥିବା ବିଜେପି ସେହି ମହିଳା ମାନଙ୍କୁ ବ୍ୟବହାର କରି ତାଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଏବଂ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପିର ଏହି ମିଛ ପ୍ରଚାର ଉପରେ ବର୍ଷିଥିଲେ ।

ଶ୍ରୀମତୀ ଦେଓ କହିଥିଲେ, ଦେଶର ସମସ୍ତ ରାଜନୈତିକ ଦଳର ସମର୍ଥନରେ ୨୦୨୩ ମସିହାରେ, ଦେଶର ସଂସଦ ଓ ବିଧାନସଭାରେ ମହିଳା ମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା । ସମସ୍ତେ ଆଶା କରିଥିଲେ, ଏହାକୁ ତୁରନ୍ତ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯିବ । ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଏହାକୁ ଲାଗୁ କରି ନଥିଲା । ୨୦୨୬ ମସିହାରେ ଜନ ଗଣନା ହେବାକୁ ଯାଉ ଥିବାରୁ ଏହି ଜନ ଗଣନା ଆଧାରରେ ସଂସଦ ଓ ବିଧାନସଭା ଆସନ ଗୁଡିକର ସୀମା ପୁନଃ ନିର୍ଦ୍ଧାରଣ ହେବା ପରେ ଏହାକୁ ଲାଗୁ କରାଯିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା । କିନ୍ତୁ, ଦେଶର ପାଞ୍ଚଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ହଠାତ ସଂସଦର ବିଶେଷ ଅଧିବେଶନ ଡାକି ମହିଳା ସଂରକ୍ଷଣ ସହିତ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ପାରିତ କରାଯିବାକୁ ଉଦ୍ୟମ କରାଗଲା । ଯେହେତୁ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣରେ ଓଡିଶା ସମେତ ସମସ୍ତ ଦକ୍ଷିଣାଞ୍ଚଳ ଓ ପୂର୍ବତର ରାଜ୍ୟ ଗୁଡିକର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ଦଳ ମାନେ ଏହାକୁ ସମର୍ଥନ ଦେଇ ନଥିଲେ । ଏହି ବିଲ କାଟ ଖାଇଯିବା ପରେ ବିଜେପି ବିରୋଧୀ ଦଳ ମାନଙ୍କୁ ମହିଳା ବିରୋଧୀ କହି ନାଟକ କରୁଛି । ବିଜେପିର ଏହି ମିଛକୁ ସମଗ୍ର ଦେଶବାସୀ ବେଶ ଭଲ ଭାବେ ବୁଝିଛନ୍ତି । ମହିଳାଙ୍କୁ ନ୍ୟାୟ ଦେବାକୁ ଟାଳଟୁଳ ନିତି ଅବଲମ୍ବନ କରି ଆସୁଥିବା ବିଜେପି ଏବେ ନିଜକୁ ମହିଳାଙ୍କ ହିତେଯେସୀ ଭାବେ ଦେଖେଇବାକୁ ଉଦ୍ୟମ କରୁଛି ।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ୨୦୨୩ ମସିହାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବା ପରେ, ୨୦୨୪ ନିର୍ବାଚନରେ ଲାଗୁ କରିବା ନେଇ ବିଜେପି ଦ୍ୱାରା ଏକ ବାହାନାବାଜି ମାଧ୍ୟମରେ ଏହାକୁ ଟାଳି ଦିଆଯାଇଥିଲା । ଏହାଛଡା, ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ବିଜେପି ତରଫରୁ ମହିଳା ମାନଙ୍କୁ ପ୍ରାର୍ଥୀ କରିବା କ୍ଷେତ୍ରରେ ଆଦୌ ଅଗ୍ରାଧିକାର ଦିଆଯାଇନଥିଲା । ଅପରପକ୍ଷରେ ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲେ । ୨୦୧୯ ନିର୍ବାଚନରେ ମଧ୍ୟ ବିଜେଡି ୩୩ ପ୍ରତିଶତ ସଂସଦୀୟ କ୍ଷେତ୍ରରେ ମହିଳା ପ୍ରାର୍ଥୀ ଦେଇଥିଲା । ଏଥିରୁ, ମହିଳା ସଂରକ୍ଷଣ ବିଲ ବା ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସର୍ବାଗ୍ରେ ରହିଛି । ଦେଶରେ ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀର ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ।

# ଆରାଧ୍ୟା ମହିଳା ସମିତି ପକ୍ଷରୁ ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଉପକଣ୍ଠ ଶାମପୁର ସ୍ଥିତ ବିଶୁଦ୍ଧାନଗର ଆରାଧ୍ୟା ମହିଳା ସମିତି ତରଫରୁ ଉକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କର ସମାଜପ୍ରତି ଥିବା ଅବଦାନ ଓ ସ୍ୱଳ୍ପ ଦରମାରେ ସୁଚାରୁରୂପେ ନିଜର ଦାୟିତ୍ୱ ସଂପାଦନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ଆମେ କାର୍ଯ୍ୟକ୍ଷେତ୍ରରେ ପ୍ରେରଣା ଦେବା ଉଚିତ୍ ବୋଲି ମହିଳା ସମିତିର ସଭାନେତ୍ରୀ ଶ୍ରୀମତୀ ମୀନା କୁମାରୀ ରାଉତ ପ୍ରକାଶ କରିଥିଲେ। ସଂପାଦିକା ମମତା ସାହୁ ସଫେଇ କର୍ମଚାରୀମାନଙ୍କର ନିଷ୍ଠାପରତା ସଂପର୍କରେ ଉଲ୍ଲେଖ କରି ସେମାନଙ୍କ ବିନା ଆମେ




ଅଧୁରା ବୋଲି କହିଥିଲେ । ପ୍ରଣତି ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପସଭାନେତ୍ରୀ ପୁଷ୍ପା ଜେନା କରୋନା ସମୟରେ ସେମାନଙ୍କର କାର୍ଯ୍ୟ ଓ ଅବଦାନ ସଂପର୍କରେ ସ୍ମରଣ କରାଇଦେଇଥିଲେ । ନିର୍ମଳା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଭିଙ୍କ ପ୍ରିୟ ୧୫ଜଣ ସଫେଇ କର୍ମଚାରୀଙ୍କୁ ଶାଢ଼ୀ, ପ୍ୟାଣ୍ଟ, ସାର୍ଟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ହିମାଂଶୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ

କଟକ,(ସବ୍ୟୁ): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ କଟକ କଳାବିକାଶ



କେନ୍ଦ୍ରରେ ରବିବାର ପ୍ରତିଭା ପୂଜା ଓ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଲୋକସେବା ଫାଉଣ୍ଡେସନ ତଥା ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ କୁମାର ମହାନ୍ତିଙ୍କୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟତମ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ କଟକ ଅତିରିକ୍ତ ଜିଲ୍ଲାପାଳ ଅମରଜିତ୍ ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ମହାନ୍ତିଙ୍କୁ ଉତ୍କଳ ନବରତ୍ନ ସମ୍ମାନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଶ୍ରୀ ମହାନ୍ତି ଟାଙ୍ଗୀ ସାଲେପୁର ଅଞ୍ଚଳରେ ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ଗରିବ ନିଃସହାୟ ପରିବାରକୁ ସହଯୋଗ ଆଦି କାର୍ଯ୍ୟ କରିଥିବାରୁ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି।

# ୨୬ ଜଣଙ୍କୁ ମିଳିଲା ପିପିଏଲ୍ ଓଡ଼ିଆ ୟୁଥ୍ ଲିଡରସିପ୍ ଆୱାର୍ଡ଼ ୨୦୨୬

ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ଅଗ୍ରଣୀ ଡିଜିଟାଲ୍ ମିଡ଼ିଆ ନେଟୱାର୍କ ପିପିଏଲ୍ ଓଡ଼ିଆ ର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ୟୁଥ୍ ଲିଡରସିପ୍ ଆୱାର୍ଡ଼ ୨୦୨୬ ଅୟୋଜିତ ହୋଇଯାଇଛି



। ଏଥିରେ ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ମହିଳା କମିଶନ୍ ର ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ, ଯୁବନେତା ଆଲେକଜାଣ୍ଡାର ଦାସ, ଡାଃ ପ୍ରିୟଜିତ୍ ପାଣିଗ୍ରାହୀ, ପ୍ରଯୋଜିକା ତଥା ପ୍ରଖ୍ୟାତ ଅଭିନେତ୍ରୀ ଝିଲ୍ଲିକ୍ ଭଟ୍ଟାଚାର୍ଯ୍ୟ, ବରିଷ୍ଠ ଅଭିନେତା ଅରବିନ୍ଦ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡ଼ା କ୍ଷେତ୍ର ପାଇଁ ଆନ୍ତର୍ଜାତୀୟ ମହିଳା କ୍ରିକେଟର୍ ଶୁଶ୍ରୀ ଦିବ୍ୟଦର୍ଶିନୀ, ସଙ୍ଗୀତ କ୍ଷେତ୍ର ପାଇଁ ଅନ୍ତରା ଚକ୍ରବର୍ତ୍ତୀ, ଅଭିନୟ କ୍ଷେତ୍ର ପାଇଁ ଏଲି ପାଢ଼ୀ, ପ୍ରଯୋଜିକା ଗୁନଗୁନ୍, ମହିଳା ଉଦ୍ୟୋଗୀ ତନୟା ଶାସ୍ତ୍ରୀ, ଡ଼ାଃ ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଯୁବ ଉଦ୍ୟୋଗୀ ରାଜେନ୍ଦ୍ର ରାଉତ, ସିଦ୍ଧାର୍ଥ ସାବତ, ମନୋଜ କୁମାର ପ୍ରଧାନ, ରଞ୍ଜନ ଧର, ସମାଜସେବୀ ଭାଗ୍ୟଶ୍ରୀ ଶତପଥୀ, ଜ୍ୟୋତି ସରିତା, ୟୁଟ୍ୟୁବର ବିକି ରକି କମେଡ଼ି, ରୋହିତ୍ ଶ୍ରିବାସ୍ତବ, ଯୁବ ନେତା ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ୨୬ ଜଣଙ୍କୁ ୟୁଥ୍ ଲିଡରସିପ୍ ଆୱାର୍ଡ଼ ୨୦୨୬ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଏଲ୍ ଡିମ୍ପଲ ସାଇ ରେଡ୍ଡୀ ଓ ଲୋରିଆ ମହାନ୍ତି ପରିଚାଳନା କରିଥିଲେ । ପିପିଏଲ୍ ଓଡ଼ିଆ ଆଗାମୀ ଦିନରେ ଆହୁରି ଅନେକ ଯୁବ ନେତୃତ୍ୱ ଙ୍କୁ ଲୋକଲୋଚନ କୁ ଆଣି ସେମାନଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବ ବୋଲି ପିପିଏଲ୍ ଓଡ଼ିଆ ର ପରିଚାଳନା ନିର୍ଦ୍ଦେଶିକା ଲିପ୍ସା ପଟ୍ଟନାୟକ ମତବ୍ୟକ୍ତ କରିଥିଲେ ।

# ଇନର୍ ହ୍ୱିଲ୍ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍ ଚାର୍ଟର ଉପସ୍ଥାପନା




ଭୁବନେଶ୍ୱର, (ସବ୍ୟୁ): ଇନର୍ ହ୍ୱିଲ୍ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍‌ର ଚାର୍ଟର ଉପସ୍ଥାପନା ଅତ୍ୟନ୍ତ ଉଚ୍ଚକୋଟୀର ଏବଂ ଆଗ୍ରହ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ବ୍ୟକ୍ତିବିଶେଷ, ସଦସ୍ୟଗଣ ଏବଂ ଅତିଥିମାନେ ସେବା ଓ ଭଗିନୀ ସମ୍ପର୍କର ଏକ ପ୍ରେରଣାଦାୟୀ ସନ୍ଧ୍ୟା ନିମନ୍ତେ ସମବେତ ହୋଇଥିଲେ। ଉତ୍ସବରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀ, ସେକ୍ରେଟାରୀ ଶ୍ରୀମତୀ ପୁଷ୍ପା ହରିଚନ୍ଦନ, ଏଡିଟର ଶ୍ରୀମତୀ ଆରତୀ ବଡପଣ୍ଡା ଏବଂ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍‌ର ପ୍ରେସିଡେଣ୍ଟ ଆଦିତ୍ୟ ପ୍ରସାଦ ପାଢୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଗଣ ଯୋଗଦେଇଥିଲେ।

# ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା- ସଠିକ୍ ଖଣି ସମାଧାନ ସିଜିମାଳି ଭଳି ଅଚଳାବସ୍ଥାକୁ ଏଡାଇ ପାରିବ : ଥିଙ୍କ୍ ଚେଞ୍ଜ ଫୋରମ୍

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସିଜିମାଳି ଖଣି ଅଂଚଳରେ ସାମ୍ପ୍ରତିକ ସଂଘର୍ଷ ଉପରେ ପ୍ରତିକ୍ରିୟା ପ୍ରକାଶ କରି, ଥିଙ୍କ୍ ଟ୍ୟାଙ୍କ୍, ଥିଙ୍କ୍ ଚେଞ୍ଜ ଫୋରମ୍ କହିଛି ଯେ ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ସଠିକ୍ ଖଣି ସମାଧାନ ଖଣିଜ ସମୃଦ୍ଧ ଅଂଚଳରେ ଅଧିକ ସ୍ଥାୟୀ, ଦକ୍ଷ ଏବଂ ସମ୍ପ୍ରଦାୟ-ସମ୍ବେଦନଶୀଳ ବିକାଶ ପଥକୁ ସମର୍ଥନ କରିପାରିବ, ଏବଂ ସିଜିମାଳି ଭଳି ଅଚଳାବସ୍ଥାକୁ ଏଡାଇବାରେ ସାହାଯ୍ୟ କରିବ ଯାହା ଅଭିବୃଦ୍ଧି, ନିଯୁକ୍ତି ଏବଂ ବ୍ୟାପକ ବିକାଶ ଫଳାଫଳକୁ ଅଟକାଇବାର ବିପଦ ସୃଷ୍ଟି କରେ। ଫୋରମ୍ କହିଛି ଯେ ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ଖଣିଜ ସମ୍ପଦକୁ ବ୍ୟବହାର କରିବା ଉଚିତ୍ ଏବଂ ସମ୍ପ୍ରଦାୟର ଚିନ୍ତାକୁ ଦୂର କରିବା ପାଇଁ ସମାଧାନଗୁଡ଼ିକ ଶୀଘ୍ର ବାହାର କରାଯିବା ଉଚିତ, ଯାହା ପ୍ରଶାସନ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସଙ୍ଘର୍ଷ ଫଳାଫଳକୁ ପ୍ରତିପାଦିତ କରିଛି।

ଫୋରମ୍ ଆହୁରି କହିଛି ଯେ ଆଜିର ପରିପ୍ରେକ୍ଷୀରେ, ଖଣିକୁ ବିକାଶ ବନାମ ପରିବେଶର ଏକ ପୁରୁଣା ଦ୍ୱିପାକ୍ଷିକ ମାଧ୍ୟମରେ ଦେଖାଯିବା ଉଚିତ୍ ନୁହେଁ। ଖଣି ସ୍ୱାଭାବିକ ଭାବରେ କ୍ଷତିକାରକ ବୋଲି ପୁରୁଣା ଧାରଣା ଏବଂ ମିଥ୍ୟାକୁ ଦୂର କରିବା ପାଇଁ ଏବଂ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳିତ ଖଣି କିପରି ପରିବେଶଗତ ପ୍ରଭାବକୁ ହ୍ରାସ କରିପାରିବ ତାହା ପ୍ରଦର୍ଶନ କରିବା ପାଇଁ ନିରନ୍ତର ସଚେତନତା ଏବଂ ଶିକ୍ଷାର ଆବଶ୍ୟକତା ଉପରେ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି। ଏହା ଦେଖାଇବା ପାଇଁ ଯେ କିପରି ଆଧୁନିକ, ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳିତ ଖଣି ନିଯୁକ୍ତି, ଜୀବିକା ସୃଷ୍ଟି ଏବଂ ସ୍ଥାନୀୟ ବିକାଶକୁ ସମର୍ଥନ କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରିପାରିବ। ଫୋରମ୍ ଉଲ୍ଲେଖ କରିଛି ଯେ ରାୟଗଡାରେ ସାମ୍ପ୍ରତିକ ବିକାଶ ଏକ ସ୍ମରଣକାରୀ ଭାବରେ କାର୍ଯ୍ୟ କରେ ଯେ ସାଂସ୍କୃତିକ ଭାବରେ ସମ୍ବେଦନଶୀଳ ଏବଂ ସମ୍ପ୍ରଦାୟ-ମୁଖୀ ଅଂଚଳରେ, ବିକାଶ କେବଳ ଆର୍ଥିକ ଯୁକ୍ତି ଦ୍ୱାରା ଆଗକୁ ବଢ଼ିପାରିବ ନାହିଁ। ଏହା ବିଶ୍ୱାସ, ସ୍ୱଚ୍ଛତା, ପରାମର୍ଶ ଏବଂ ଦୃଶ୍ୟମାନ ସ୍ଥାନୀୟ ବିଶ୍ୱାସ ଉପରେ ନିର୍ମିତ ହେବା ଆବଶ୍ୟକ। ସରକାର, ଶିଳ୍ପ ଏବଂ ନିୟାମକମାନଙ୍କୁ ମିଳିତ ଭାବରେ କାମ କରିବାକୁ ପଡିବ ଯାହା ଦ୍ୱାରା ବିକାଶ ପ୍ରତ୍ୟେକ ପର୍ଯ୍ୟାୟରେ ସ୍ଥାନୀୟ ବାସ୍ତବତା, ସାଂସ୍କୃତିକ ଐତିହ୍ୟ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମ୍ମାନ କରେ।

# ଶ୍ରୀ ଜନାର୍ଦ୍ଦନ ପିଠରେ ପାଞ୍ଚଦିନିଆ ମହାଯଜ୍ଞ

ଫୁଲନଖରା ,(ସବ୍ୟୁ)::କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଜନାର୍ଦ୍ଦନ ଦେବଙ୍କ ପବିତ୍ର ପିଠରେ ପାଞ୍ଚଦିନିଆ ବିଶ୍ୱ ଶାନ୍ତି ମହାଯଜ୍ଞ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶରେ ସଫଳତାର ସହ ସମାପ୍ତ ହୋଇଛି । ଏହି ଅବସରରେ ପିଠ ପରିସର ଧାର୍ମିକ ଉତ୍ସାହରେ ମୁହିଁଯାଇଥିବା ସହ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଯଜ୍ଞର ପୂର୍ଣ୍ଣାହୁତି ସନ୍ଧ୍ୟାରେ ରେ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ବାଜା, ବାଣ, ଶଙ୍ଖଧ୍ୱନି ଓ ହୁଳହୁଳିରେ ସମଗ୍ର ପିଠ ପରିସର ଗୁଞ୍ଜିଉଠିଥିଲା, ଯାହା ଉତ୍ସବକୁ ଅଧିକ ଆନନ୍ଦମୟ କରିଥିଲା । ଯଜ୍ଞ କର୍ମକର୍ତ୍ତାମାନଙ୍କ ପକ୍ଷରୁ ଅଞ୍ଚଳର ବିଶିଷ୍ଟ ଭଦ୍ରବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମସ୍ତଙ୍କ ମନୋବଳକୁ ଆରୋହଣ କରିଥିଲା । ରାତ୍ରି ସମୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନୋରଞ୍ଜନ ସହ ଆଧ୍ୟାତ୍ମିକ ଭାବନାରେ ଭିଜାଇଦେଇଥିଲା । ସମଗ୍ର କାର୍ଯ୍ୟକ୍ରମ ଅଞ୍ଚଳରେ ଶାନ୍ତି, ସମୃଦ୍ଧି ଓ ଏକତାର ସନ୍ଦେଶ ପ୍ରସାର କରିଥିବାରୁ ସ୍ଥାନୀୟ ଲୋକମାନଙ୍କ ମନରେ ଅପାର ଆନନ୍ଦ ଦେଖାଯାଇଥିଲା ।

# ୟୁଆଇଇଟି କଲେଜର ବାର୍ଷିକ ଉତ୍ସବ ଉତ୍କର୍ଷ ୨୦୨୬ ଅନୁଷ୍ଠିତ

ଜଟଣୀ, (ସବ୍ୟୁ): ସ୍ଥାନୀୟ ରଥିପୁରସ୍ଥିତ ଉତ୍କଳ ଇନ୍ଷ୍ଟିଚ୍ୟୁଟ ଅଫ ଇଞ୍ଜିନିଅରିଂ ଆଣ୍ଡ ଟେକ୍ନୋଲୋଜି କଲେଜର ବାର୍ଷିକ ଉତ୍ସବ ଉତ୍କର୍ଷ ୨୦୨୬ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରତାପଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଏସଏସଇପିଡି ବିଭାଗର ଅତିରିକ୍ତ ସମ୍ପାଦକ ଦୀପକ ରାଉତରାୟ, ସାନମାନିତ ଅତିଥି ଭାବେ ଅତିରିକ୍ତ ଡିସିପି ମାନସରଞ୍ଜନ ଗଡ଼ନାୟକ ଯୋଗ ଦେଇଥିଲେ । ଜାତୀୟ ସ୍ତରର ପୁରସ୍କାର ପ୍ରାପ୍ତ କଳାକାର ତଥା ସାମାଜିକ ବିଜ୍ଞାନୀ ଡ ରୁଷି ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରାରମ୍ଭରେ ଉଦଘାଟନ କରିଥିଲେ ସୋଆ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ପ୍ରଫେସର ଡ ପ୍ରଦୀପ୍ତ କୁମାର ନନ୍ଦ । ୟୁଆଇଇଟି ଗ୍ରୁପର ଅନ୍ୟତମ ନିର୍ଦ୍ଦେଶିକା ଡ ପ୍ରଜ୍ଞା ପାରମିତା ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେହିପରି ଅନୁଷ୍ଠାନର ଅଧକ୍ଷ



ଇଁ କଳାକାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟାବଳୀ ପାଇଁ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ଶେଷରେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶାସନିକ ଅଧିକାରୀ ଦେବରାଜ ବେହେରା ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ ।

# ଭାରତ ବିକାଶରେ ସୌର, ପବନ ଶକ୍ତି ଗୁରୁତ୍ୱପୂର୍ଣ୍ଣ : ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଲ୍ ଇଣ୍ଡିଆ ରେଡିଓର ମାସିକ କାର୍ଯ୍ୟକ୍ରମ ମନ୍ କି ବାତ୍ରେ ଭାରତ ଏବଂ ବିଦେଶର ଲୋକଙ୍କ ସହିତ ତାଙ୍କର ଚିନ୍ତାଧାରାକୁ ପରି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମର ୧୩୩ତମ ଏପିସୋଡ୍ରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯେ ମୌସୁମୀ ଶେଷ ହେବା ମାତ୍ରେ କଚ୍ଛର ରଣ ଅଞ୍ଚଳ ଜୀବନ୍ତ ହୋଇଯାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ଫ୍ଲେମିଙ୍ଗୋ ଏହି ଅଞ୍ଚଳକୁ ପରିଦର୍ଶନ କରିଥାନ୍ତି। ସମଗ୍ର ଅଞ୍ଚଳଟି ଗୋଲାପୀ ରଙ୍ଗରେ ରଙ୍ଗିନ୍ ହୋଇଯାଏ। ତେଣୁ ଏହାକୁ ଫ୍ଲେମିଙ୍ଗୋ ସିଟି କୁହାଯାଏ। ଏହି ପକ୍ଷୀମାନେ ଏଠାରେ ସେମାନଙ୍କର ବସା ନିର୍ମାଣ କରନ୍ତି ଏବଂ ସେମାନଙ୍କ ଛୁଆମାନଙ୍କୁ ପାଳନ କରନ୍ତି। କଚ୍ଛର ଲୋକମାନେ ସେମାନଙ୍କୁ 'ଲାଖା ଜୀ କେ ବାରାତି' ବୋଲି କୁହନ୍ତି। ଏହା କଚ୍ଛରେ ପରିବେଶ ସୁରକ୍ଷାର ଏକ ସୁନ୍ଦର ପ୍ରତୀକ ପାଲଟିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭଗବାନ ଗୌତମ ବୁଦ୍ଧଙ୍କ ଜୀବନୀ ବାର୍ତ୍ତା ଆଜି ମଧ୍ୟ ସେତିକି ପ୍ରାସଙ୍ଗିକ ହୋଇ ରହିଛି ଯେପରି ସେତେବେଳେ ଥିଲା। ସେ ଆମକୁ ଶିକ୍ଷା ଦେଇଥିଲେ




ଯେ, ଶାନ୍ତି ଆମ ଭିତରେ ଆରମ୍ଭ ହୁଏ ଏବଂ ନିଜ ଉପରେ ବିଜୟ ହେଉଛି ସର୍ବୋତ୍ତମ ବିଜୟ। ଆଜି ବିଶ୍ୱ ଯେଉଁ ଉତ୍ତେଜନା ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଛି ତାହାକୁ ଦୃଷ୍ଟିରେ ରଖି, ବୁଦ୍ଧଙ୍କ ଶିକ୍ଷା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦକ୍ଷିଣ ଆମେରିକାର ଚିଲିରେ ଏକ ସଂଗଠନ ଭଗବାନ ବୁଦ୍ଧଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି। ଲଦାଖରେ ଜନ୍ମିତ ଡ୍ରୁପ୍ନ ଓଟଜର ରିନପୋଚେଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟ କରାଯାଉଛି। ଏହି ସଂଗଠନ ଧ୍ୟାନ ଏବଂ କରୁଣାକୁ ଲୋକଙ୍କ ଜୀବନରେ ସାମିଲ କରୁଛି। କୋଚିଗୁଆଜ୍ ଉପତ୍ୟକାରେ ନିର୍ମିତ ସ୍ତୁପ ଲୋକମାନଙ୍କୁ ଶାନ୍ତିର ଭାବନା ପ୍ରଦାନ କରେ।ପବନ ଶକ୍ତି ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ବିକାଶ ପାଇଁ ସୌର ଏବଂ ପବନ ଶକ୍ତି ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ବିଷୟରେ ନୁହେଁ, ଏହା ଆମର ଭବିଷ୍ୟତକୁ ସୁରକ୍ଷା ଦେବା ବିଷୟରେ। ଏଥିରେ ଆମ ସମସ୍ତଙ୍କର ଭୂମିକା ରହିଛି। ଆମକୁ ବିଦ୍ୟୁତ ସଂରକ୍ଷଣ କରିବାକୁ ଏବଂ ସ୍ୱଚ୍ଛ ଶକ୍ତି ଗ୍ରହଣ କରିବାକୁ ପଡିବ। ଏହାର ଲାଭ ଏବଂ ଭାରତ ଏହାକୁ କିପରି ବ୍ୟବହାର କରୁଛି ତାହା ଉପରେ ନିର୍ଭର କରେ। ଗୁଜୁରାଟ ଏବଂ ରାଜସ୍ଥାନର ମରୁଭୂମି ରାଜ୍ୟଗୁଡ଼ିକ ପବନ ଶକ୍ତି ବ୍ୟବହାର କରି ପ୍ରଗତି କରିଛନ୍ତି।

ଭାରତ ସର୍ବଦା ବିଜ୍ଞାନକୁ ଦେଶର ପ୍ରଗତି ସହିତ ଜଡିତ ବୋଲି ବିଚାର କରିଆସିଛି। ଏହି ଦୃଷ୍ଟିକୋଣ ସହିତ, ଆମର ବୈଜ୍ଞାନିକମାନେ ମହାକାଶ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଉଛନ୍ତି। ସେମାନଙ୍କ ପ୍ରୟାସ ଯୋଗୁଁ ମନ୍ କି ବାତ୍ କାର୍ଯ୍ୟକ୍ରମ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛି।ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଦେଶରେ ଜାନୁଆରି ୨୩, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀରୁ ଜାନୁଆରି ୩୦, ଗାନ୍ଧୀଜୀଙ୍କ ମୃତ୍ୟୁବାର୍ଷିକୀ ପର୍ଯ୍ୟନ୍ତ ଗଣତନ୍ତ୍ର ଦିବସ ପାଳନ କରାଯାଇଥାଏ। ବିଟିଂ ରିଟ୍ରିଟ୍ ଏହି ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ପଛରେ ଏକ ବିଶେଷ କାରଣ ଅଛି। ଏହି ସମାରୋହ ବିଭିନ୍ନ ବ୍ୟାଣ୍ଡ ମାଧ୍ୟମରେ ଆମର ବିବିଧ ସଂଗୀତ ପରମ୍ପରାକୁ ପ୍ରଦର୍ଶିତ କରାଯାଇଥାଏ। ଗତ କିଛି ବର୍ଷ ମଧ୍ୟରେ, ଭାରତୀୟ ସଙ୍ଗୀତର ଅନ୍ତର୍ଭୁକ୍ତି ବୃଦ୍ଧି ପାଇଛି ଏବଂ ଦେଶର ଲୋକମାନେ ମଧ୍ୟ ଏହାକୁ ବହୁତ ପସନ୍ଦ କରୁଛନ୍ତି। ଚଳିତ ବର୍ଷର ବିଟିଂ ରିଟ୍ରିଟ୍ ସମାରୋହ ବହୁତ ସ୍ମରଣୀୟ ଥିଲା। ବାୟୁସେନା, ସ୍ଥଳସେନା, ନୌସେନା ଏବଂ ସିଏପିଏଫର ବ୍ୟାଣ୍ଡ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଋଷିଆରୁ ଆମଦାନୀ ତୈଳର ତଥ୍ୟ ଦେବନି ଭାରତ

ନୂଆଦିଲ୍ଲୀ: ଋଷିଆରୁ ତୈଳ ଆମଦାନୀର ତଥ୍ୟକୁ ନେଇ ପାରଦର୍ଶିତା ଉପରେ ଏବେ ବିତର୍କ ଆରମ୍ଭ ହୋଇଯାଇଛି। ଅଧିକାରୀମାନେ ସୂଚନା ଅଧିକାର (ଆରଟିଆଇ) ଅଧିନିୟମରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ଅନ୍ତର୍ଗତ ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ(ପିପିଏସି) ଏ ବାବଦେ କାରଣ ଦର୍ଶାଇଛନ୍ତି। କହିଛନ୍ତି ଯେ ଏପରି ସୂଚନା ବ୍ୟବସାୟୀକ ରୂପେ ସମ୍ବେଦନଶୀଳ। ଏହାକୁ ସାର୍ବଜନିକ କରାଯାଇ ପାରିବନି। କେନ୍ଦ୍ର ସୂଚନା ଆୟୋଗ (ସିଆଇସି) ଏହି ଆଭିମୁଖ୍ୟକୁ ସମର୍ଥନ କରିଛି।

ଏହି ମାମଲା ଏକ ଆରଟିଆଇ ଆବେଦନ ସମ୍ପର୍କିତ। ଏଥିରେ ଜୁନ ୨୦୨୨ରୁ ଜୁନ ୨୦୨୫ ମଧ୍ୟରେ ଋଷିଆରୁ ଭାରତ ଆସିଥିବା ଅଶୋଧିତ ତୈଳ ସିପମେଣ୍ଟ ସମ୍ପର୍କରେ ବିସ୍ତୃତ ତଥ୍ୟ ମଗାଯାଇଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏହି ଅନୁରୋଧରେ ବିଶେଷ କରି କମ୍ପାନୀ ପିଛା ବିବରଣୀ ମଗା ଯାଇଥିଲା। ଏଥିରେ ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ଓଏନଜିସି ବିଦେଶ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ନାୟରା ଏନର୍ଜୀ ଭଳି ପ୍ରମୁଖ କମ୍ପାନୀଙ୍କ ବିବରଣୀ ମଗାଯାଇଥିଲା।

କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ (ସିପିଆଇଓ) ଏହି ଅନୁରୋଧକୁ ଅଗ୍ରାହ୍ୟ କରିଦେଇଛନ୍ତି। କହିଛନ୍ତି ଅଶୋଧିତ ତୈଳ ଆମଦାନୀ ସମ୍ପର୍କିତ



କମ୍ପାନୀ ପିଛା ସୂଚନା ବ୍ୟବସାୟୀକ ଓ ଗୋପନୀୟ ପ୍ରକୃତିର। ଆରଟିଆଇ ଅଧିନିୟମ୨୦୦୫ର ସେକ୍ସନ ୮(୧)(ଡି) ଓ ୮(୧)(ଇ)ରେ ଏହାକୁ ପ୍ରକାଶିତ କରିବାରେ ଛାଡ ଦିଆଯାଇଛି। ତେବେ ଅଶୋଧିତ ତୈଳର ମୋଟ ଆମଦାନୀର ମାତ୍ରା ଓ ମୂଲ୍ୟ( ବର୍ତ୍ତମାନ ଓ ଅତୀତର) ପିପିଏସିର ୱେବସାଇଟରୁ ଡାଉନଲୋଡ କରାଯାଇ ପାରିବ। ଶୁଣାଣି କାଳରେ ଆବେଦନକାରୀ ତର୍କ ଦେଇଥିଲେ ଯେ ଏହି କ୍ଷେତ୍ରର କାର୍ଯ୍ୟକୁ ବୁଝିବା ଲାଗି ଏପରି ତଥ୍ୟ ପର୍ଯ୍ୟନ୍ତ ପହଞ୍ଚିବା ଜରୁରି। ଏହା ସତ୍ତ୍ୱେ ଆୟୋଗ ସୂଚନା ପ୍ରକାଶ ନ କରିବା ପକ୍ଷରେ ଆଦେଶ ଜାରି କରିଛନ୍ତି। ସିଆଇସି ତାଙ୍କ ଅନ୍ତରୀଣ ଆଦେଶରେ କହିଛନ୍ତି ଯେ ସୂଚନା ଉଜାଗର କଲେ ରଣନୈତିକ ଓ ଆର୍ଥିକ ହୀତ ଉପରେ ପ୍ରଭାବ ପଡିବ। ଏହା ଛଡା ଅନ୍ୟ ଦେଶଙ୍କ ସହ ସମ୍ପର୍କରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡିବ। କାରଣ ଏହି ପ୍ରସଙ୍ଗ ଭୂ-ରାଜନୈତିକ ସମୀକରଣ ସହ ସମ୍ପର୍କିତ।

# ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ନେଇ ଚିନ୍ତା ପ୍ରକଟ କଲେ ନେତାନ୍ୟାହୁ

ଜେରୁଜେଲମ/ୱାଶିଂଟନ: ହ୍ୱାଇଟ ହାଉସ୍ ସାମ୍ବାଦିକ ସମ୍ମିଳନୀ ରାତ୍ରିଭୋଜନ ସମୟରେ ଘଟିଥିବା ଗୁଳିକାଣ୍ଡକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ରବିବାର ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ସେ ଏହି ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାର ଏକ ପ୍ରୟାସ ବୋଲି କହିଛନ୍ତି। ନେତାନ୍ୟାହୁ ଲେଖିଛନ୍ତି ଯେ, ୱାଶିଂଟନ ଡିସିରେ ରାଷ୍ଟ୍ରପତିଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ଖବର ଶୁଣି ସେ ଏବଂ ତାଙ୍କ ପତ୍ନୀ ସାରା ନେତାନ୍ୟାହୁ ଅତ୍ୟନ୍ତ ମର୍ମାହତ। ତେବେ ରାଷ୍ଟ୍ରପତି ଓ ପ୍ରଥମ ମହିଳା ସୁରକ୍ଷିତ ଥିବାରୁ ସେ ଆଶ୍ୱସ୍ତି ପ୍ରକାଶ କରିବା ସହ ଆତତାୟୀକୁ କାବୁ କରିଥିବା ଆମେରିକୀୟ ସିକ୍ରେଟ ସର୍ଭିସର ସାହସିକତାକୁ ସାଲ୍ୟୁଟ୍ କରିଛନ୍ତି। ଏହି ସଂଘର୍ଷରେ ଆହତ ହୋଇଥିବା ସୁରକ୍ଷା ଅଧିକାରୀଙ୍କ ଶୀଘ୍ର ଆରୋଗ୍ୟ କାମନା କରି ସେ ଏହି ଘୃଣ୍ୟ କାର୍ଯ୍ୟକୁ କଡ଼ା ନିନ୍ଦା କରିଛନ୍ତି। ଶନିବାର ରାତିରେ ୱାଶିଂଟନ ହିଲଟନ ହୋଟେଲରେ ଏହି ଚିନ୍ତାଜନକ ଘଟଣା ଘଟିଥିଲା। ଯେତେବେଳେ ହାଇ-ପ୍ରୋଫାଇଲ୍ ଅତିଥିମାନେ ରାତ୍ରିଭୋଜନ କରୁଥିଲେ, ସେତେବେଳେ କାଲିଫର୍ଣ୍ଣିଆର କୋଲ୍ ଟୋମାସ ଆଲେନ୍ ନାମକ ଜଣେ ବ୍ୟକ୍ତି ବନ୍ଧୁକ ଓ ଛୁରୀ ଧରି ସୁରକ୍ଷା ବଳୟ ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟତର ହେବା ପୂର୍ବରୁ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିନେଇଥିଲେ। ପୋଲିସ ସୂତ୍ର ଅନୁଯାୟୀ, ଆକ୍ରମଣକାରୀଙ୍କଠାରୁ ବିପଦଜନକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଟ୍ରମ୍ପ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ ସିକ୍ରେଟ ସର୍ଭିସର ପ୍ରଶଂସା କରିଛନ୍ତି ଏବଂ ଏହି ଘଟଣାରେ ସେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନିଶ୍ଚିତ କରିଛନ୍ତି।

# ପବନ ଖେଡ଼ା ଆଗୁଆ ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ଅଭିଯୋଗ ଆଣିଥିବା ମାମଲାରେ ଗୌହାଟୀ ହାଇକୋର୍ଟ ଆଗୁଆ ଜାମିନ ଦେବାକୁ ମନା କରିବା ପରେ କଂଗ୍ରେସ ନେତା ପବନ ଖେଡ଼ା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗିରଫଦାରୀରୁ ସୁରକ୍ଷା ଏବଂ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ଖେଡ଼ା ରବିବାର ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ ଦାଖଲ କରିଛନ୍ତି। ଏହି ଆବେଦନ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଟାର୍ଗେଟ୍ କରି ତାଙ୍କ ମନ୍ତବ୍ୟ ଉପରେ ପଞ୍ଜୀକୃତ ହୋଇଥିବା ଏକ ଏଫ୍ଆଇଆର୍ ସହିତ ଜଡିତ। ଖୁବ୍ ଶୀଘ୍ର ଏହି ମାମଲାର ଶୁଣାଣି ହେବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ଏପ୍ରିଲ ୫ ତାରିଖରେ ନୂଆଦିଲ୍ଲୀ ଓ ଗୌହାଟୀରେ ସାମ୍ବାଦିକ ସମ୍ମିଳନୀରେ ଖେଡ଼ା ଅଭିଯୋଗ କରିଥିଲେ ଯେ ହିମନ୍ତ ବିଶ୍ୱଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ପାଖରେ ୟୁଏଇ, ଇଜିପ୍ଟ, ଆଣ୍ଟିଗୁଆ ଓ ବାରବୁଡା ସମେତ ଏକାଧିକ ଦେଶର ପାସପୋର୍ଟ ଅଛି ଏବଂ ଦୁବାଇ ସମେତ ବିଦେଶରେ





ଅଚଳାଚଳ ସମ୍ପତ୍ତି ରହିଛି। ଏହି ମନ୍ତବ୍ୟ ପରେ ଭାରତୀୟ ନ୍ୟାୟ ସଂହିତାର ଅନେକ ବ୍ୟବସ୍ଥା ଅନୁଯାୟୀ ଗୁଆହାଟୀ କ୍ରାଇମବ୍ରାଞ୍ଚ ଥାନାରେ ଖେଡ଼ା ଓ ଅନ୍ୟମାନଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁ କରାଯାଇଥିଲା। ଆସାମ ପୁଲିସ ଏପ୍ରିଲ ୭ରେ ଦିଲ୍ଲୀରେ ଖେଡ଼ାଙ୍କ ବାସଭବନରେ ଚଢ଼ଉ କରିଥିଲା, କିନ୍ତୁ ସେ ଉପସ୍ଥିତ ନ ଥିଲେ। ଏହା ପରେ ଖେଡ଼ା ତେଲେଙ୍ଗାନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯିଏ ତାଙ୍କୁ ସାତ ଦିନ ପାଇଁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ଆସାମ ପୁଲିସ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଏପ୍ରିଲ ୧୫ରେ ସୁପ୍ରିମକୋର୍ଟ ତେଲେଙ୍ଗାନା ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ।

ସୁପ୍ରିମକୋର୍ଟ କହିଥିଲେ ଯେ ଖେଡ଼ା ଆସାମର ଏକ କୋର୍ଟରେ ଆଗୁଆ ଜାମିନ ମାଗିପାରିବେ। ପରେ ଖେଡ଼ା ତାଙ୍କ ଆଗୁଆ ଜାମିନ ଉପରେ ରହିତାଦେଶ ପ୍ରତ୍ୟାହାର କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ତାଙ୍କୁ ଗୌହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ କହିଥିଲେ। ପରବର୍ତ୍ତୀ ସମୟରେ ଖେଡ଼ା ଆଗୁଆ ଜାମିନ ପାଇଁ ଗୌହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଅନ୍ୟପକ୍ଷରେ ଗୁଆହାଟୀର ଏକ ସ୍ଥାନୀୟ କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ପାଇଁ ଆସାମ ପୁଲିସର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବର୍ତ୍ତମାନ ସୁପ୍ରିମକୋର୍ଟରେ ଲିଭ୍ ପିଟିସନ ଉପରେ ଶୁଣାଣିକୁ ଅପେକ୍ଷା କରାଯାଇଛି, ଯାହାର ଫଳାଫଳ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ।

# ରଘୁ ରାୟଙ୍କ ପରଲୋକ



ନୂଆଦିଲ୍ଲୀ: ପ୍ରଖ୍ୟାତ ଫଟୋ ସାମ୍ବାଦିକ ରଘୁ ରାୟଙ୍କର ୮୩ ବର୍ଷରେ ରବିବାର ପରଲୋକ ଘଟିଛି। ଦଶନ୍ଧି ଦଶନ୍ଧି ଧରି ଭାରତର ଜନଜୀବନ ତଥା ବିଭିନ୍ନ ବଡ଼ ଘଟଣାବଳୀକୁ ନିଜ କ୍ୟାମେରା ଲେନ୍ସରେ ଧରି ରଖିଥିବା ରଘୁ ରାୟ କେବଳ ଦେଶରେ ନୁହେଁ ଫଟୋଗ୍ରାଫିରେ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଗଭୀର ଛାପ ଛାଡ଼ି ଯାଇଛନ୍ତି। ଦୀର୍ଘ ଦିନ ହେଲା ପ୍ରୋଷ୍ଟେଟ କର୍କଟରେ ପୀଡ଼ିତ ଥିଲେ। ରଘୁ ରାୟଙ୍କ ପୁତ୍ର ତଥା ନିଜେ ମଧ୍ୟ ଜଣେ ଫଟୋଗ୍ରାଫର ନିତିନ ରାୟ ପିତାଙ୍କ ପରଲୋକ ସମ୍ପର୍କରେ ସୂଚନା ଦେଇଛନ୍ତି।

ରଘୁଙ୍କଠାରେ ଦୁଇ ବର୍ଷ ତଳେ କର୍କଟ ଚିହ୍ନଟ ହୋଇଥିବାବେଳେ ଏଥିରୁ ସେ ଆରୋଗ୍ୟ ଲାଭ କରିଥିଲେ। ପରେ କର୍କଟ ତାଙ୍କ ପାକସ୍ଥଳୀକୁ ମାଡ଼ି ଯାଇଥିଲା ଓ ରଘୁ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ତେବେ ନିକଟରେ କର୍କଟ ତାଙ୍କ ମସ୍ତିଷ୍କକୁ ବ୍ୟାପି ଯାଇଥିଲା ଓ ବୟସାଧିକ କାରଣରୁ ରବିବାର ଏକ ଘରୋଇ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପତ୍ନୀ ଗୁରମିତ୍, ପୁଅ ନିତିନ, ଝିଅ ଲଗନ୍, ଅବନୀ ଓ ପୂର୍ବାଇ ଅଛନ୍ତି।

ରଘୁ ରାୟଙ୍କ ଶେଷକୃତ୍ୟ ନୂଆଦିଲ୍ଲୀର ଲୋଧି ଶ୍ମଶାନ ଘାଟଠାରେ ଅପରାହ୍ଣ ୪ଟାରେ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ଇନଷ୍ଟାଗ୍ରାମ ପୋଷ୍ଟରେ ସୂଚନା ଦିଆଯାଇଛି। ରଘୁ ରାୟ ୧୯୪୨ ମସିହା ଡିସେମ୍ବର ୧୮ ତାରିଖରେ ପଞ୍ଜାବର ଝାଙ୍ଗ (ବର୍ତ୍ତମାନ ପାକିସ୍ତାନରେ)ରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ମସିହାରେ ସେ ତାଙ୍କ ବଡ଼ ଭାଇ ତଥା ଭାରତର ଅନ୍ୟତମ ଶ୍ରେଷ୍ଠ ଫଟୋଗ୍ରାଫର ଏସ୍ ପଲ୍ଙ୍କଠାରୁ ଫଟୋଗ୍ରାଫି ଶିଖିଥିଲେ। ରାୟ ତାଙ୍କ କ୍ୟାରିୟରରେ ଅନେକ ସମ୍ବାଦପତ୍ରରେ ଫଟୋ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି ଯେଉଁଥିରେ 'ଷ୍ଟେଟ୍ସମ୍ୟାନ', ସାପ୍ତାହିକ ପତ୍ରିକା 'ସଣ୍ଡେ', 'ଇଣ୍ଡିଆ ଟୁଡେ' ପ୍ରମୁଖ ରହିଛି।

ରାୟ ୧୯୮୪ ମସିହା ଭୋପାଳ ଗ୍ୟାସ୍ ଦୁର୍ଘଟଣା ଓ ଏହାର ପ୍ରଭାବକୁ ଫଟୋଗ୍ରାଫ ମାଧ୍ୟମରେ ଲୋକଲୋଚନକୁ ଆଣିଥିଲେ। ଏହାସହିତ 'ଏକ୍ସପୋଜର: ଏ କର୍ପୋରେଟ୍ କ୍ରାଇମ୍' ପୁସ୍ତକ ରଚନା କରିଥିଲେ। ରଘୁ ରାୟ ତାଙ୍କ ଜୀବନକାଳ ମଧ୍ୟରେ ୧୮ରୁ ଊର୍ଦ୍ଧ୍ୱ ପୁସ୍ତକ ଭାରତର ଲୋକ, ଏହାର ସଂସ୍କୃତି ଓ ସହର ଉପରେ ଲେଖିଥିଲେ। ୧୯୭୧ ମସିହାରେ ତାଙ୍କର କାମରେ କିମ୍ବଦନ୍ତୀ ଫଟୋଗ୍ରାଫର ହେନରୀ କାର୍ଟିୟର ବ୍ରେସନ ପ୍ରଭାବିତ ହୋଇ ପରବର୍ତ୍ତୀ ସମୟରେ ରାୟଙ୍କୁ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫଟୋଗ୍ରାଫର କୋଅପରେଟିଭ୍ ମ୍ୟାଗନମ୍ ଫଟୋସ୍ ପାଇଁ ମନୋନୀତ କରିଥିଲେ। ରଘୁ ରାୟ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ, ବାଂଲାଦେଶୀ ଶରଣାର୍ଥୀଙ୍କ ଦୁଃଖ ଓ ପାକିସ୍ତାନର ଆତ୍ମସମର୍ପଣ ଉପରେ କାଳଜୟୀ ଫଟୋଚିତ୍ର ଉତ୍ତୋଳନ କରିଥିଲେ। ୧୯୭୨ ମସିହାରେ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାୟଙ୍କୁ ତାଙ୍କ ଫଟୋଗ୍ରାଫି ପାଇଁ ଆମେରିକା ଓ ଫ୍ରାନ୍ସ ପୁରସ୍କୃତ କରିଥିବାବେଳେ ଅନେକ ବିଦେଶୀ ପତ୍ରପତ୍ରିକାରେ ତାଙ୍କ ଫଟୋ ପ୍ରକାଶ ପାଇଛି।

# ସପ୍ତାହକ ଭିତରେ ବରିଷ୍ଠ ସଦନରେ ସତ୍ତା ହରାଇଲା ଆପ୍

ନୂଆଦିଲ୍ଲୀ: ଆମ୍ ଆଦମୀ ପାର୍ଟି କହିଲେ ଅରବିନ୍ଦ କେଜ୍ରିୱାଲଙ୍କୁ ବୁଝାଏ, ଯିଏକି ଅନେକ ସଂଘର୍ଷ ଭିତରେ ଆପ୍କୁ ଦିଲ୍ଲୀ ପରେ ପଞ୍ଜାବରେ କ୍ଷମତାକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଜେପି ଓ କଂଗ୍ରେସ ପରି ବଡ଼ ବଡ଼ ଜାତୀୟ ଦଳ ଭିତରେ ଆପ୍ ନିଜର ସ୍ୱତନ୍ତ୍ର ପରିଚୟ ବଜାୟରେ ରଖିବାରେ ଯଦି ସଫଳ ହୋଇଥାଏ, ତାହାହେଲେ ତାହାର ଶ୍ରେୟ କେଜ୍ରିୱାଲଙ୍କ ଚତୁର ରାଜନୈତିକ ଗୋଟି ଚାଳନାକୁ ଯିବ। ରାଘବ ଚଢ଼ାଙ୍କୁ ରାଜ୍ୟସଭାରେ ଦଳର ଉପନେତା ପଦରୁ ହଟାଇବା ପରେ କେଜ୍ରିୱାଲ ନିଜର ଅନ୍ୟତମ ବିଶ୍ୱସ୍ତ ଅଶୋକ ମିତ୍ତଲଙ୍କୁ ଉପନେତା କରିଥିଲେ। ଏହି ଘଟଣା ଆଗକୁ ଏତେ ବଡ଼ ଆକାର ଧାରଣ କରିବ ବୋଲି କେଜ୍ରିୱାଲ ବୁଝି ପାରିନଥିଲେ। କିନ୍ତୁ ଗତ ସାତ ଦିନ ଭିତରେ ଯାହା ଘଟିଗଲା, କେଜ୍ରିୱାଲଙ୍କୁ ତା'ର ପୂର୍ବାଭାସ ମିଳି ଯାଇଥିଲା। ୨୨ ତାରିଖ ସକାଳେ ସଂସଦର କରିଡରରୁ ସେ ଯାହା ଶୁଣିଥିଲେ ତାହା ତାଙ୍କୁ ବିଚଳିତ କରିଦେଇଥିଲା। ନିଜ ସହଯୋଗୀମାନଙ୍କୁ ସେ ତୁରନ୍ତ ଫୋନ୍ କରିଥିଲେ। ଜଣକ ପରେ ଜଣଙ୍କୁ ସେ ଫୋନ୍ କରିଥିଲେ। କିଏ ଫୋନ୍ ଉଠାଇଥିଲା ତ, ପୁଣି ଆଉ କିଏ ଫୋନ୍ ଉଠାନଥିଲା। କେତେଜଣ ସତ କଥା କହିଥିଲେ। ଯାହା ବୁଧବାର ସନ୍ଧ୍ୟା ସୁଦ୍ଧା ସେ ସନ୍ଦେହ କରୁଥିଲେ, ଗୁରୁବାର ସୁଦ୍ଧା ନିଶ୍ଚିତ ହୋଇଯାଇଥିଲା। ରାଜ୍ୟସଭାରେ ତାଙ୍କର ୧୦ ସଦସ୍ୟ ଭିତରୁ ୭ ଜଣ ଦଳ ଛାଡ଼ି ଦେଇଥିଲେ। କିନ୍ତୁ ଶୁକ୍ରବାର ଅପରାହ୍ଣରେ ତାଙ୍କୁ ସବୁଠୁ ବଡ଼ ଝଟ୍କା ଲାଗିଥିଲା ଯେତେବେଳେ ସନ୍ଦୀପ ପାଠକ ବିଜେପି ମୁଖ୍ୟାଳୟ ଚାଲିଗଲେ। ସେପର୍ଯ୍ୟନ୍ତ ପାଠକ ତାଙ୍କ ସହିତ ଥିବା କେଜ୍ରିୱାଲ ଅନୁମାନ କରୁଥିଲେ। ପଞ୍ଜାବରେ ଆପ୍କୁ କ୍ଷମତାକୁ ଆଣିବାରେ ସବୁଠୁ ବଡ଼ ହାତ ପାଠକଙ୍କର ଥିଲା। ପଞ୍ଜାବର ପ୍ରତ୍ୟେକ ଜିଲ୍ଲା ସଭାପତି, ପ୍ରତ୍ୟେକ ବୁଥ୍ କର୍ମୀ, ପ୍ରତ୍ୟେକ ଗ୍ରାମସ୍ତରୀୟ ସଂଗଠକଙ୍କୁ ସେ ଜାଣିଥିଲେ। ପାଠକଙ୍କ ସହିତ ଶୁକ୍ରବାର ସକାଳେ କେଜ୍ରିୱାଲ ଅନେକ ସମୟ ଧରି କଥା ହୋଇଥିଲେ। କିନ୍ତୁ ଦିନ ୧୧ଟା ବେଳେ ରାଘବ ଚଢ଼ାଙ୍କ ସହିତ



ସାମ୍ବାଦିକ ସମ୍ମିଳନୀରେ ପାଠକଙ୍କୁ ଦେଖି କେଜ୍ରିୱାଲ ଜୀବନ ସବୁଠୁ ଶକ୍ତ ଧକ୍କା ଖାଇଥିଲେ। ଆପ୍ର ୭ ରାଜ୍ୟସଭା ସଦସ୍ୟଙ୍କୁ ବିଜେପିରେ ସାମିଲ କରିବାକୁ ଷଡ଼ଯନ୍ତ୍ର ଅନେକ ଦିନ ହେଲା ରଚା ଯାଉଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ବ୍ୟସ୍ତ ଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦିଲ୍ଲୀ ଫେରିବା ପରେ ମଙ୍ଗଳବାର ଆପ୍ ସାଂସଦମାନେ ତାଙ୍କୁ ଆନୁଷ୍ଠାନିକ ଭାବେ ଭେଟିବା ପରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ଯୋଜନା ରହିଥିଲା। କିନ୍ତୁ କେଜ୍ରିୱାଲ ତାଙ୍କ ଦଳରେ ଏତେ ବଡ଼ ଫାଟ ହେବାକୁ ଯାଉଥିବା ସଙ୍କେତ ପାଇବା ପରେ ପୁଣି ଥରେ ସାଂସଦମାନଙ୍କୁ ତାଙ୍କ ପକ୍ଷକୁ ଆଣିବାକୁ ପ୍ରୟାସ ଆରମ୍ଭ କରିଦେଇଥିଲେ। କେଜ୍ରିୱାଲଙ୍କ ଉଦ୍ୟମକୁ ଦେଖି ସେମାନଙ୍କ ଗୁପ୍ତ ଯୋଜନା ଫସର ଫାଟିବା ପୂର୍ବରୁ ବିଜେପି ଓ ଆପ୍ର ୭ ବିଦ୍ରୋହୀ ସାଂସଦ ତୁରନ୍ତ ଏହି ମିଶ୍ରଣ ସମ୍ପର୍କରେ ଘୋଷଣା କରିଦେଇଥିଲେ। ଯାହା ମଙ୍ଗଳବାର ହେବାକୁ ଥିଲା ତାହା ଶୁକ୍ରବାର ହୋଇଥିଲା। ସାତ ଜଣ ପୂର୍ବରୁ ପ୍ରତିଶ୍ରୁତିବଦ୍ଧ ଥିଲେ। କାଗଜ ମଧ୍ୟ ପୂର୍ବରୁ ପ୍ରସ୍ତୁତ ହୋଇସାରିଥିଲା। କେଜ୍ରିୱାଲ କିଛି କରିବା ପୂର୍ବରୁ ତାଙ୍କର ଏକଦା ବିଶ୍ୱସ୍ତ ସାଂସଦମାନେ ଦଳ ଛାଡ଼ି ବିଜେପିରେ ମିଶିଗଲେ। ଏସବୁ ପଛରେ ଥିଲେ ରାଘବ ଚଢ଼ା। ଗୃହ ମନ୍ତ୍ରଣାଳୟର ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବାରେ ମୁଖ୍ୟ ସ୍ଥପତି ସାଜି ଥିଲେ। ଦଳର ଉପନେତା ପଦରୁ ହଟାଯିବାର ବହୁ ପୂର୍ବରୁ ବିଜେପି ସହିତ ଷଡ଼ଯନ୍ତ୍ରରେ ରାଘବ ସାମିଲ ଥିଲେ। ଦିଲ୍ଲୀ ଅବକାରୀ ନୀତିରେ କେଜ୍ରିୱାଲ ଓ ମନୀଷ ସିସୋଦିଆଙ୍କ ପରି ବଡ଼ ବଡ଼ ଆପ୍ ନେତା ଫସିବା ପରେ ସେଥିରୁ ଦୂରେଇ ରହିବାକୁ ରାଘବ ବିଜେପି ସହିତ ହାତ ମିଳାଇଥିଲେ। ଚକ୍ଷୁ ଅସ୍ତ୍ରୋପଚାର ନାଁରେ ଲଣ୍ଡନରେ ଯାଇ ମାସ ମାସ ରହିଥିଲେ ଓ ଫେରିବା ପରେ ସେ ପୂର୍ବ ରାଘବ ଚଢ଼ା ନଥିଲେ। ମୋଦୀଙ୍କ ଟିକସ ନୀତିକୁ ନେଇ ରାଜ୍ୟସଭାରେ ଅଗ୍ନିବର୍ଷୀ ଭାଷଣ ଦେଉଥିବା ରାଘବ ଚଢ଼ା ବିଜେପି ପ୍ରତି ନରମ ମନୋଭାବ ପୋଷଣ କରିଥିଲେ। ସାମାଜିକ ଗଣମାଧ୍ୟମରୁ ତାଙ୍କର ପୂର୍ବ ପୋଷ୍ଟଗୁଡ଼ିକ ଧୀରେ ଧୀରେ ହଟେଇ ଦେଇଥିଲେ। ଚଢ଼ାଙ୍କୁ ରାଜ୍ୟସଭାରେ ଉପନେତା ପଦରୁ ହଟାଯିବା ପରେ ସେ ଅନ୍ୟ ଛଅ ଜଣଙ୍କୁ ଜଣ ଜଣ କରି ଭେଟିଥିଲେ। ପୂର୍ବରୁ ସେମାନଙ୍କୁ ଜାଣିଥିବାରୁ ସେମାନଙ୍କ ହତାଶା, ମହତ୍ୱାକାଂକ୍ଷା ଓ ଅବ୍ୟକ୍ତ ଅସନ୍ତୋଷ ସମ୍ପର୍କରେ ଭଲ ଭାବରେ ଅବଗତ ଥିଲେ। ବରିଷ୍ଠ ସଦନରେ ଆପ୍ର ସ୍ଥିତି ଖରାପ କରିବାରେ ରାଘବ ଚଢ଼ା ବଡ଼ ଭୂମିକା ଗ୍ରହଣ କରିଥିଲେ।

# ଟ୍ରମ୍ପ ପ୍ରଶାସନରୁ ହଟିବେ ଏଫବିଆଇ ନିର୍ଦ୍ଦେଶକ

ୱାସିଂଟନ: ଆମେରିକାର ଆଭ୍ୟନ୍ତରୀଣ ରାଜନୀତିରେ ପୁଣି ତୀବ୍ର ହଲଚଲ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ଏଫବିଆଇ) ନିର୍ଦ୍ଦେଶକ କାସ୍ ପଟେଲଙ୍କୁ ଖୁବ୍ ଶୀଘ୍ର ଟ୍ରମ୍ପ ପ୍ରଶାସନ ତାଙ୍କ ପଦରୁ ହଟେଇ ଦେଇପାରେ। ଏନେଇ ଆଧିକାରିକ ଭାବେ କୌଣସି ଘୋଷଣା ହୋଇନଥିବାବେଳେ ହ୍ୱାଇଟ୍ ହାଉସର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ଖବରରୁ ଏପରି ଅନୁମାନ କରାଯାଉଛି। ଆମେରିକାର ରାଜନୈତିକ ଡିଜିଟାଲ ସମାଚାର ପତ୍ର 'ପୋଲିଟିକୋ'ର ରିପୋର୍ଟ ଅନୁଯାୟୀ, ହ୍ୱାଇଟ୍ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ, କାସ୍ ପଟେଲଙ୍କୁ ହଟାଯିବାର ସମୟ ପାଖେଇ ଆସୁଛି। ତାଙ୍କ ପଦବି ଯିବାର ସମସ୍ତ ସମ୍ଭାବନା ରହିଛି। ୱାସିଂଟନରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ନୈଶଭୋଜନ ସମୟରେ ଘଟିଥିବା ଗୁଳିକାଣ୍ଡ ଘଟଣାବେଳେ ଏହି ରିପୋର୍ଟ ଆସିଛି। ଭାରତୀୟ ବଂଶୋଦ୍ଭବ ପଟେଲଙ୍କୁ ହଟେଇବା ପାଇଁ ତାଙ୍କ ମଦ୍ୟପାନ ସମ୍ପର୍କିତ ବିବାଦ, ଇରାନ ହ୍ୟାକର୍ସଙ୍କ ଦ୍ୱାରା ତାଙ୍କ ଇମେଲ ହ୍ୟାକ୍ ହେବା ଓ ଅନ୍ୟ କେତେକ ମାମଲା ରହିଛି ବୋଲି ରିପୋର୍ଟରେ କୁହାଯାଉଛି। ତେବେ ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଏବେବି ପଟେଲଙ୍କ ଉପରେ ଭରସା ରହିଛି। 'ଦ ଇଣ୍ଟରସେପ୍ଟ' ନାମକ ଗଣମାଧ୍ୟମ ୱେବସାଇଟ୍ ପକ୍ଷରୁ କୁହାଯାଇଛି ଯେ, ପଟେଲ ନିଜେ ସ୍ୱୀକାର କରିଛନ୍ତି ଯେ, ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ସେ ଦୁଇଥର ଗିରଫ ହୋଇଛନ୍ତି। 'ଦ ଆଟଲାଣ୍ଟିକ' ଏହାର ରିପୋର୍ଟରେ କହିଛି ଯେ, ପଟେଲ ତାଙ୍କୁ ନିଶା ହେବା ପର୍ଯ୍ୟନ୍ତ ମଦ୍ୟପାନ କରନ୍ତି। ତେବେ ଏହି ରିପୋର୍ଟ ଉପରେ ପଟେଲ ୨୫୦ ନିୟୁତ ଡଲାରର ମକଦ୍ଦମା ରୁଜୁ କରିଛନ୍ତି। ଶୁକ୍ରବାର ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି ଯେ, ଟ୍ରମ୍ପଙ୍କର ଏବେବି ପଟେଲଙ୍କ ଉପରେ ଗଭୀର ବିଶ୍ୱାସ ରହିଛି।

# ପଶ୍ଚିମବଙ୍ଗରେ ମମତାଙ୍କୁ ମୋଦୀଙ୍କ ତୀବ୍ର ଆକ୍ରମଣ

କୋଲକାତା: ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବିଜେପି ପାଇଁ ହାଇଭୋଲଟେଜ୍ ପ୍ରଚାର କରିଛନ୍ତି। ମୋଦୀ ଉତ୍ତର ୨୪ ପରଗଣା ଓ ହୁଗଲି ଜିଲ୍ଲାରେ ଦୁଇଟି ବିଶାଳ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ବିଜେପି ପାଇଁ ଭୋଟ ମାଗିଛନ୍ତି। କୋଲକାତାରେ ଏକ ରୋଡସୋ' କରିଥିଲେ। ମୋଦୀ ନିର୍ବାଚନୀ ଜନସଭାକୁ ସମ୍ବୋଧିତ କରି ଶାସକ ଦଳ ତୃଣମୂଳ କଂଗ୍ରେସ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୀବ୍ର ଆକ୍ରମଣ





କରିଛନ୍ତି। ମୋଦୀ ଉତ୍ତର ୨୪ ପରଗଣା ଜିଲ୍ଲାର ବନଗାଁରେ ବିଜେପିର ବିଜୟ ସଙ୍କଳ୍ପ ରାଲିକୁ ସମ୍ବୋଧିତ କରିଥିଲେ। ମାଟୁଆ ସମ୍ପ୍ରଦାୟ ଗଡ଼ କୁହାଯାଉଥିବା ଠାକୁରନଗରରେ ପହଞ୍ଚି ମାଟୁଆ ଠାକୁର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମୋଦୀ କହିଥିଲେ, ମା, ମାଟି ଓ ମାନୁଷ୍ (ମଣିଷ) ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗ ଲୋକଙ୍କ ପ୍ରତି ବିଶ୍ୱାସଘାତ କରୁଛି। ଟିଏମ୍ସି ବର୍ବରତାରେ ଆଜି ମା' କାନ୍ଦୁଥିବାବେଳେ, ମାଟି ଦଳୀୟ ସିଣ୍ଡିକେଟ୍ ଓ ଅନୁପ୍ରବେଶକାରୀଙ୍କୁ ହସ୍ତାନ୍ତର କରିସାରିଲେଣି, ଅତିଷ୍ଠ ହୋଇ ଲୋକ ପଳାୟନ କରୁଛନ୍ତି। ପଶ୍ଚିମବଙ୍ଗରେ ଜଙ୍ଗଲରାଜ୍ ଚାଲିଥିବା ମୋଦୀ କହିଛନ୍ତି।

ହୁଗଲି ଜିଲ୍ଲାର ଆରମବାଗ୍ରେ ମୋଦୀ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ପ୍ରଥମ ପର୍ଯ୍ୟାୟର ବିପୁଳ ମତଦାନକୁ ଟିଏମ୍ସି ବିରୋଧରେ ଲୋକଙ୍କ ଆକ୍ରୋଶ ଓ କ୍ରୋଧର ପ୍ରତିଫଳନ ବୋଲି କହିଛନ୍ତି। ମୋଦୀ କହିଛନ୍ତି, ଯେତେବେଳେ ନିର୍ଯାତନା ଓ ଅତ୍ୟାଚାର ସୀମା ପାର କରେ ସେତେବେଳେ ଜନସାଧାରଣ ମା' ଦୁର୍ଗାଙ୍କ ରୂପ ଧାରଣ କରନ୍ତି। ବିଜେପି କ୍ଷମତାକୁ ଆସିଲେ ଟିଏମ୍ସିର ଗୁଣ୍ଡା ଓ ଧର୍ଷଣକାରୀଙ୍କୁ ଧରି ଦଣ୍ଡିତ କରିବ ବୋଲି ମୋଦୀ କହିଛନ୍ତି। ପଶ୍ଚିମବଙ୍ଗରେ ବିଜେପି ସରକାର ଗଢ଼ିଲେ ପ୍ରତିବର୍ଷ ମହିଳାଙ୍କ ଆକାଉଣ୍ଟକୁ ୩୬,୦୦୦ ଟଙ୍କା ଯିବ ବୋଲି ମୋଦୀ କହିଥିଲେ। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୩ରେ ୧୫୨ ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ ଆସନ ପାଇଁ ବୁଧବାର ଭୋଟ ପଡ଼ିବ।

**ଆଇପିଏଲ ମହାସମର**

# ଗୁଜରାଟକୁ ଜିତାଇଲେ ସୁଦର୍ଶନ



ଚେନ୍ନାଇ, ୨୭।୪(ଏଜେନ୍ସି) : ଚଳିତ ଆଇପିଏଲରେ ଚେନ୍ନାଇର ଚମକ ମଳିନ ପଡିଯାଇଛି। ଧୋନୀଙ୍କ ବିନା ଶ୍ରୀହୀନ ଲାଗୁଛି ଚେନ୍ନାଇ। ଦଳ ଏପର୍ଯ୍ୟନ୍ତ ୮ ଟି ମ୍ୟାଚ ଖେଳି କେବଳ ୩ ଟି ଜିତିଛି। ୫ ଟି ପରାଜୟ ଦଳର ପ୍ରଦର୍ଶନକୁ ନେଇ ପ୍ରଶ୍ନବାଚୀ ଲଗାଇଛି। କୋଟି କୋଟି ଟଙ୍କାରେ କିଣାଯାଉଥିବା ଖେଳାଳି ଧୋନୀଙ୍କ ବିନା ଚେନ୍ନାଇକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାରେ ସଫଳ ହେଉନାହାଁନ୍ତି। ତେଣୁ ଚେନ୍ନାଇର ନେତୃତ୍ୱ ନେଇଥିବା ଋତୁରାଜ ଗାଏକ୍ୱାର୍ଡଙ୍କ ସ୍ଥାନ ଆଉ ସୁରକ୍ଷିତ ନାହିଁ।

ଚେନ୍ନାଇର ଏମଏ ଚିଦାମ୍ବରମ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୧୫୮ ରନ କରିଥିଲା। ଜବାବ୍‌ରେ ଗୁଜରାଟ ଟାଇଟନ୍ସ ୧୬.୪ ଓଭରରେ ୧୬୨/୨ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା ।ଗୁଜରାଟ ୮ ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ହାସଲ କରି ଟେବୁଲର ପଞ୍ଚମ ସ୍ଥାନକୁ ଉଠିଛି। ଚେନ୍ନାଇ ୮ ମ୍ୟାଚରୁ ୬ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ପୁଣି ଥରେ ସାଇ ସୁଦର୍ଶନଙ୍କ ଯୋଗୁଁ ଗୁଜରାଟ ସହଜ ବିଜୟ ହାସଲ କରିଛି।

ଟିପକରେ ଟସ୍ ଜିତି ଗୁଜରାଟ ଘରୋଇ ଚେନ୍ନାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା।ସଞ୍ଜୁ ସାମସନଙ୍କ ସହ ଋତୁରାଜ ଗାଏକ୍ୱାର୍ଡ ପାଳି ଆରମ୍ଭ କରିଥିଲେ। ଗତ ମ୍ୟାଚରେ ଶତକୀୟ ଇନିଂସ ଖେଳିଥିବା ସାମସନ ଗୁଜରାଟ ବିପକ୍ଷରେ ଅଧିକ କିଛି କରିପାରିନାହାଁନ୍ତି। ସେ ୧୫ ବଲର ସମ୍ମୁଖୀନ ହୋଇ ୨ ଟି ଚୌକା ସହାୟତାରେ ୧୧ ରନ କରି ରବାଡାଙ୍କ ଶିକାର ହୋଇଥିଲେ। କିନ୍ତୁ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳର ବ୍ୟାଟିଂ ମଙ୍ଗ ଧରିଥିଲେ। ସେ ୬୦ ବଲର ସମ୍ମୁଖୀନ ହୋଇ ୬ ଟି ଚୌକା ଓ ୪ ଟି ଛକା ସହାୟତାରେ ୭୪ ରନ କରିଥିଲେ। ମଧ୍ୟ ଭାଗରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଦଳର ଉର୍ଭିଲ ପଟେଲ ମାତ୍ର ୪ ରନ କରି ରବାଡାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ସର୍ଫରାଜ ଖାନ ଖାତା ଖୋଲି ପାରିନଥିବା ବେଳେ ଦେୱାଲ୍ଡ ବ୍ରେଭିସ୍ ୨ ରନ କରିଥିଲେ। ଶିବମ୍ ୧୭ ବଲରୁ ୨୨, କାର୍ତ୍ତିକ ଶର୍ମା ୯ ବଲରୁ ୧୫, ଜାମି ଓଭରଟନ୍ ୬ ବଲରୁ ୧୮ ରନ କରିଥିଲେ। ତେଣୁ ଚେନ୍ନାଇ ୨୦ ଓଭରରେ ୭ ୱିକେଟ ହରାଇ ୧୫୮ ରନ କରିଥିଲା। ବୋଲିଂରେ ଗୁଜରାଟର କାଗିସୋ ରବାଡାଙ୍କୁ ସର୍ବାଧିକ ୩ ଟି, ଅର୍ଶଦ ଖାନ ୨ ଟି, ମହମ୍ମଦ ସିରାଜ ଓ ମାନବ ସୁତାର ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

୧୫୯ ରନର ବିଜୟ ଲକ୍ଷ୍ୟ ଗୁଜରାଟ ପାଇଁ ଆରମ୍ଭରୁ ଅତି ସହଜ ଥିଲା। ଭଲ ଫର୍ମରେ ଥିବା ସାଇ ସୁଦର୍ଶନ ଓ ଶୁଭମନ୍ ଗିଲ ଚେନ୍ନାଇ ବୋଲରଙ୍କୁ ସୁଯୋଗ ଦେଇନଥିଲେ। ଦୁହେଁ ୬.୨ ଓଭରରେ ୫୮ ରନ ସଂଗ୍ରହ କରିଥିଲେ। ଗିଲ ୨୩ ବଲରୁ ୩୩ ରନ କରି ନୁର ଅହମ୍ମଦଙ୍କ ବଲରେ ଷ୍ଟମ୍ପ ହୋଇଥିଲେ। ତାଙ୍କର ଏହି ଇନିଂସରେ ୩ ଟି ଛକା ଓ ଗୋଟିଏ ଚୌକା ଦେଖିବାକୁ ମିଳିଥିଲା। ତେବେ ସାଇ ସୁଦର୍ଶନଙ୍କ ବ୍ୟାଟ ଧମିନଥିଲା। ୪୬ ବଲରୁ ୪ ଟି ଚୌକା ଓ ୭ ଟି ଛକା ସହାୟତାରେ ୮୭ ରନ କରିଥିଲେ। ଜୋସ୍ ବଟଲରଙ୍କ ଇନିଂସ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୩୦ ବଲର ସମ୍ମୁଖୀନ ହୋଇ ୩୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ତେଣୁ ଗୁଜରାଟ ୧୬.୪ ଓଭରରେ ୧୬୨/୨ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଚେନ୍ନାଇର ଅକିଆଲା ହୁସେନ୍ ଓ ନୁର ଅହମ୍ମଦଙ୍କୁ ଗୋଟିଏ ଲେଖାଏଁ ୱିକେଟ ସଫଳତା ମିଳିଥିଲା।

## ଆଜିର ମ୍ୟାଚ

* ଦିଲ୍ଲୀ - ବେଙ୍ଗାଲୁରୁ
* ସ୍ଥାନ - ଦିଲ୍ଲୀ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୧୦ |
| ସନରାଇଜର୍ସ | ୮ | ୫ | ୩ | ୧୦ |
| ରାଜସ୍ଥାନ | ୮ | ୫ | ୩ | ୧୦ |
| ଗୁଜରାଟ | ୮ | ୪ | ୪ | ୮ |
| ଚେନ୍ନାଇ | ୮ | ୩ | ୫ | ୬ |
| ଦିଲ୍ଲୀ | ୭ | ୩ | ୪ | ୬ |
| ମୁମ୍ବାଇ | ୭ | ୨ | ୫ | ୪ |
| ଲକ୍ଷ୍ନୌ | ୭ | ୨ | ୫ | ୪ |
| କୋଲକାତା | ୭ | ୧ | ୫ | ୩ |

# ରାଜ୍ୟସ୍ତରୀୟ ସ୍କୁଲ, କଲେଜ ଚେସ୍ ପ୍ରତିଯୋଗିତା

## ଭାଗନେଲେ ୨୨୦ ପ୍ରତିଯୋଗୀ



ଭୁବନେଶ୍ୱର, ୨୭।୪(ସବ୍ୟୁ) : ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟର ସର୍ବପୁରାତନ ଚେସ୍ ଅନୁଷ୍ଠାନ କଟକ ଜିଲ୍ଲା ଚେସ୍ ସଂଘ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୨ ଦିନିଆ ରାପିର୍ଡ ସ୍କୁଲ ଓ କଲେଜ ଚେସ୍ ପ୍ରତିଯୋଗିତାରେ ୫୦ ରୁ ଊର୍ଦ୍ଧ୍ୱ ଅର୍ନ୍ତଜାତୀୟ ରେଟେର୍ଡ ଖେଳାଳୀ ୨ ଜଣ ଫିଡେ ମାଷ୍ଟରଙ୍କ ସହ ମୋଟ ୨୨୦ ଜଣ ରେକେର୍ଡ ସଖ୍ୟକ ପ୍ରତିଯୋଗୀ ଭାଗ ନେଇଛନ୍ତି। ୧୨ଟି ଜିଲ୍ଲାର ୬୫ ରୁ ଊର୍ଦ୍ଧ୍ୱ ସ୍କୁଲର ପ୍ରତିଯୋଗୀମାନେ ଭାଗନେଇଥିବା ଏହି ପ୍ରତିଯୋଗିତାରେ ସ୍କୁଲ ବିଭାଗରେ ପ୍ରାୟ ୧୯୭ ଜଣ ଦକ୍ଷ ଖେଳାଳୀ ଭାଗ ନେଇଛନ୍ତି। ପ୍ରଥମ ଦିନ ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଟପ୍‌ସିଡ୍ ଲଳିତ ରଞ୍ଜନ ସାହୁ, ସାର୍ଥକ ମହାନ୍ତି, ଆୟୁଷ ଆରିୟନ ମହାପାତ୍ର, ଦିବ୍ୟାଂଶୁ ଦାସ, ରୋହିତ ମଲ୍ଲିକ, ପ୍ରଜ୍ଞାନ ମିଶ୍ର ଓ ଶ୍ରେୟାଂଶ ସାମଲ ୪ ପଏଣ୍ଟ ସଗ୍ରହ କରି ମିଳିତ ଭାବରେ ଅଗ୍ରଣୀ ରହିଛନ୍ତି। ଏ ସାହାଣୀ, ଅନିକେତ ବେହେରା, ଅଦଭିକ ଆଦିତ୍ୟ ସ୍ୱାଇଁ, ମନିଷ ମିଶ୍ର, ଶ୍ରେୟାଂଶ ମଲ୍ଲିକ ପ୍ରଭୃତି ପ୍ରାୟ ୧୧ଜଣ ଖେଳାଳୀ ୩.୫ ପଏଣ୍ଟ ସହ ମିଳିତ ଭଅବରେ ୨ୟ ସ୍ଥାନରେ ରହିଛନ୍ତି। ସେହିପରି କଲେଜ ବିଭାଗରେ ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଫକୀରି ମାଝୀ ପୂର୍ଣ୍ଣ ୪ ପଏଣ୍ଟ ସହ ଏକକୀ ଅଗ୍ରଣୀ ଲାଭ କରିଥିବା ବେଳେ ରାଜ୍ୟ ଗୋଷ୍ଠୀ ବ୍ରୋଞ୍ଜ ପଦକ ବିଜେତା ନିଲୁ ପଟ୍ଟନାୟକ ଓ ଫିଡେ ମାଷ୍ଟର ହର୍ଷିତ ରଞ୍ଜନ ସାହୁ ୩.୫ ପଏଣ୍ଟ ଲେଖା ରଖି ୨ୟ ସ୍ଥାନରେ ଥିବାବେଳେ ଫିଡେ ମାଷ୍ଟର ଶ୍ରୀୟାଂଶ ଦାସ, ସିଦ୍ଧାର୍ଥ ମିଶ୍ର, ଦେବୀ ପ୍ରସାଦ ନାୟକ ଓ ସ୍ମିତପ୍ରଜ୍ଞା ସାହୁ ୩ ପଏଣ୍ଟ ଲେଖା ରଖି ମିଳିତ ଭାବରେ ୩ୟ ସ୍ଥାନରେ ରହିଛନ୍ତି। ବିଶ୍ୱ ବିଦ୍ୟାଳୟର ଭାଇସ ଚାନସେଲର ଡକ୍ଟର ତେଜ ପରତାପ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନିଷା ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗୀତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଅପରେସନ ସ୍ୱାମୀ ସତ୍ୟଚୈତନ୍ୟ ଓ ଡିନ୍ ଛାତ୍ର କଲ୍ୟାଣ ପ୍ରଫେସର ଡକ୍ଟର ଜୟପ୍ରକାଶ ଭଟ୍ ଯୋଗ ଦେଇଥିବା ବେଳେ କଟକ ଜିଲ୍ଲା ଚେସ୍ ସଂଘର ସଭାପତି ବିବେକ କୁମାର ତିବ୍ରେୱାଲ, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ପ୍ରତିଯୋଗିତାର ସାଙ୍ଗଠନିକ ସଂପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବିଶ୍ୱବିଦ୍ୟାଳୟର ବରିଷ୍ଠ କ୍ରିଡ଼ା ଅଧିକାରୀ ଡକ୍ଟର ରଜତ କୁମାର ବଳିୟାର ସିଂ, ଶ୍ରୀରାମ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ପ୍ରଭାତ କୁମାର ନାୟକଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଅର୍ନ୍ତଃଜାତୀୟ ଆରବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମାହନ୍ତି, ଫିଡେ ଆରବିଟର ସୁରୋଜ ମହାରଣା, ଅବିନାଶ ଦାସ, ଜ୍ୟୋତି ପ୍ରକାଶ ମହାପାତ୍ର, ଶ୍ରୀତମ ପୃଷ୍ଟି ଓ ରିତିକ ସାହୁ ପରିଚାଳନା କରୁଛନ୍ତି। ଆଜିର ଶେଷ ତଥା ୪ର୍ଥ ରାଉଣ୍ଡକୁ କଟକ ଜିଲ୍ଲା ଚେସ୍ ସଂଘର ବିରିଷ୍ଠ ଉପସଭାପତି ପ୍ରଶାନ୍ତ କୁମାର ଓ ରାଜେନ୍ଦ୍ର କୁମାର ସେଠୀ ମିଳିତ ଭାବରେ ଶୁଭାରମ୍ଭ କରିଥିଲେ। ରବିବାର ଆଉ ୪ ରାଉଣ୍ଡ ଖେଳ ହୋଇ ମୋଟ ୮ ରାଉଣ୍ଡ ସହ ସଂନ୍ଧ୍ୟା ୫.୩୦ ରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡ ମାଷ୍ଟର ଦେବାଶିଷୀ ଦାସଙ୍କ ଦ୍ୱାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କଟକ ଜିଲ୍ଲା ଚେସ୍ ସଂଘ ତରଫରୁ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିଅନସିପ୍ ମୟୂରଭଞ୍ଜ ପୋଲିସ ଦଳ ଚାମ୍ପିଅନ

ବାରିପଦା, (ସବ୍ୟୁ) : ବାଲେଶ୍ୱର ପୋଲିସ ପଡିଆରେ ଅନୁଷ୍ଠିତ ୭୮ତମ ରାଜ୍ୟସ୍ତରୀୟ ଭଲିବଲ ଚମ୍ପିଅନସିପରେ ମୟୂରଭଞ୍ଜ ପୋଲିସ ଦଳ ଚମ୍ପିୟାନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛି। ଏହି ଚମ୍ପିଅନସିପରେ ୨୮ ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ ମୟୂରଭଞ୍ଜ ଦଳ ବାଲେଶ୍ୱରକୁ ୩ - ୦ ସେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। କ୍ୱାର୍ଟର ଫାଇନାଲରେ ପୁରୀକୁ ୩-୦ ସେଟରେ ଓ ସେମିଫାଇନାଲ ମ୍ୟାଚରେ କମିଶନେରଟ, ଭୁବନେଶ୍ୱରକୁ ୩-୨ ସେଟରେ ପରାସ୍ତ କରି ମୟୂରଭଞ୍ଜ ଫାଇନାଲରେ ପ୍ରବେଶ କରିଥିଲା। ଚାମ୍ପିଅନ ଦଳ ଭାବେ ଦଳକୁ ୩୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଅଧିନାୟକ ଲକ୍ଷ୍ମୀନାରାୟଣ ସାହୁ, ଫାଇନାଲରେ, ଅଞ୍ଜନ ବେହେରା, ମିଲୁ ମହାନ୍ତ, ବିକାଶ ଗିରି, ଚନ୍ଦ୍ରବିନ୍ଦୁ ସେଠି ଓ ଜଗତଜୀବନ ସେଠି ପୁରସ୍କୃତ ହୋଇଥିଲେ। ଖବରପାଇ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଦଳକୁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ତତ୍‌ସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ ବାରିକ, ଦୀପକ ଗୋଛାୟତ, ସବିତା ମାଝୀ, ଗୌତମ କିସାନ, ଏସଡିପିଓ ପ୍ରଭାତ ମଲ୍ଲିକ, ଆର.ଆଇ, ପୋଲିସ ଆଲୋକ କୁମାର କାନୁନଗୋ ଓ ସର୍ଜଣ୍ଟ ଗୌତମ ପ୍ରଧାନ ପ୍ରମୁଖ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ଦୀପକ କୁମାର ମୁଣ୍ଡା, ମୟୂରଭଞ୍ଜ ପୋଲିସ ସଙ୍ଘ ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସ୍ୱରାଜ କୁମାର ରାଜ, ଟିମ୍ ମ୍ୟାନେଜର କେ ବିଶ୍ୱନାଥ ରାଓ ଓ କୋଚ ରାଜେଶ ଦାସ, ପୂର୍ବତନ ଖେଳାଳି ଚନ୍ଦ୍ରମୋହନ ଦଳେଇ, ଅନିଲ କୁମାର ସେଠି ଓ ରାଜେନ୍ଦ୍ର ନାଥ ନାଏକ ଦଳର ସଫଳତା ପାଇଁ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏନ୍‌ଗିଡି ସୁସ୍ଥ ଅଛନ୍ତି

ନୂଆଦିଲ୍ଲୀ, ୨୭।୪(ଏଜେନ୍ସି) : ଚଳିତ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ ପଞ୍ଜାବ କିଙ୍ଗସ ମ୍ୟାଚ ସମୟରେ ଦ. ଆଫ୍ରିକାର ଦ୍ରୁତ ବୋଲର ଲୁଙ୍ଗି ଏନ୍‌ଗିଡି ଆହତ ହୋଇଥିଲେ। ତାଙ୍କ ବେକ ମୋଡି ହୋଇଯାଇଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସ୍କାନ ଏବଂ ଅନ୍ୟ ରିପୋର୍ଟରେ ଏହି ଆଘାତ ଗୁରୁତର ନଥିବା ଜଣାପଡିଥିଲା। ରବିବାର ଏନଗିଡି ମଧ୍ୟ ଇନଷ୍ଟାଗ୍ରାମରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପୋଷ୍ଟ କରିଛନ୍ତି। ମୁଁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛି। ଏହି ମେସେଜ୍ ଆସିବା ପରେ ପ୍ରଶଂସକ ଆଶ୍ୱସ୍ତ ହୋଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ଚେୟାରମ୍ୟାନ କିରଣ କୁମାର ଗାନ୍ଧି ତାଙ୍କୁ ଡାକ୍ତରଖାନାରେ ଭେଟିଥିଲେ। ରିପୋର୍ଟ ମୁତାବକ ଏନଗିଡିଙ୍କୁ ଡାକ୍ତରଖାନରେ ଡିସଚାର୍ଜ କରାଯାଇସାରିଛି।

# ସଚିନଙ୍କଠୁ ଗେଲ, ସବୁ ଫେଲ୍



ନୂଆଦିଲ୍ଲୀ, ୨୭।୪(ଏଜେନ୍ସି) : ବୈଭବ ସୂର୍ଯ୍ୟବଂଶୀ ଭାରତୀୟ କ୍ରିକେଟରେ ସୂର୍ଯ୍ୟ ପରି ଚମକୁଛନ୍ତି। ତାଙ୍କ ପ୍ରତିଭା ଆଗରେ ବଡ ବଡ କ୍ରିକେଟରଙ୍କ ରେକର୍ଡ ଫିକା ପଡିଗଲାଣି। ଯେପର୍ଯ୍ୟନ୍ତ ସେ ପଡିଆରେ ଅଛନ୍ତି ଖାଲି ଚୌକା -ଛକାର ବର୍ଷା ହୋଇଥାଏ। ଆଖି ପିଛୁଳାଖେ ଅର୍ଦ୍ଧଶତକ ଓ ପରେ ଶତକ ହାସଲ କରି ସମସ୍ତଙ୍କୁ ସେ ଚକିତ କରୁଛନ୍ତି। ଏବେ ତାଙ୍କର ଗୋଟିଏ ଲକ୍ଷ୍ୟ ଟି -୨୦ ରେ ଦୁଇ ଶତକ ମାରିବେ।

ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ବୈଭବ ମାତ୍ର ୩୬ ବଲରେ ଶତକ ମାରି ଏମିତି ରେକର୍ଡ କରିଛନ୍ତି, ଯାହା ପୂର୍ବରୁ କେହି କରିନଥିଲେ। ଏହି ସ୍କୋର କରି ୧୫ ବର୍ଷୀୟ ବୈଭବ ଟି -୨୦ କ୍ରିକେଟରେ ଦ୍ରୁତ ୧ ହଜାର ରନ ପୂରଣ କରିବାର ସବୁଠାରୁ କମ୍ ବୟସର ଖେଳାଳି ହୋଇଛନ୍ତି। ଏହି ମ୍ୟାଚରେ ବୈଭବ ୧୨ ଟି ଛକା ଓ ୫ ଟି ଚୌକା ମାରି ଚଳିତ ଆଇପିଏଲରେ ଦ୍ୱିତୀୟ ଶତକ ହାସଲ କରିଥିଲେ। ଏହି ସଫଳତା ସହ ସେ ଟି -୨୦ ଫର୍ମାଟରେ ୪୭୩ ବଲରେ ୧ ହଜାର ରନ ପୂରଣ କରିଥିଲେ। ଏହି ରେକର୍ଡ ଅଷ୍ଟ୍ରେଲିଆର ମିଚେଲ ଓଭେନଙ୍କ ନାଁରେ ରହିଛି। ସେ ୫୩୩ ବଲରୁ ୧ ହଜାର ରନ କରିଥିଲେ। ମିଚେଲଙ୍କୁ ମଧ୍ୟ ପଛରେ ପକାଇଛନ୍ତି ବୈଭବ। ହାଇଦ୍ରାବାଦ ବିପକ୍ଷରେ ମାରିଥିବା ଶତକ ଆଇପିଏଲ ଇତିହାସର ତୃତୀୟ ଦ୍ରୁତତମ ଶତକ ଥିଲା। ଏହାପୂର୍ବରୁ ଗତବର୍ଷ ସେ ନିଜେ ହିଁ ୩୫ ବଲରେ ଶତକ ମାରି ଦ୍ୱିତୀୟ ଦ୍ରୁତ ଶତକ ହାସଲକାରୀ ହୋଇଥିଲେ। ସେତେବେଳେ ତାଙ୍କ ବୟସ ଥିଲା ୧୪ ବର୍ଷ। ଆଇପିଏଲ ଇତିହାସରେ କ୍ରାିଷ ଗେଲ ସବୁଠୁ ଦ୍ରୁତ ଶତକ ହାସଲ କରିଛନ୍ତି। ସେ ୨୦୧୩ରେ ମାତ୍ର ୩୦ ବଲରେ ଶତକ ମାରିଥିଲେ। ପ୍ରଥମ ଓଭରରେ ହିଁ ୪ ଟି ଚୌକା ମାରିଥିବା ସୂର୍ଯ୍ୟବଂଶୀ କହିଛନ୍ତି ବେଶି କିଛି ଭାବିବାକୁ ପଡିନଥିଲା । ମୁଁ କେବଳ ବଲ ହିସାବରେ ଖେଳିଥିଲି। ୱିକେଟ ଭଲ ଲାଗିଲା, ଏଥିପାଇଁ ମୁଁ ଶତକ ହାସଲ କରିପାରିଲି।

## ଶ୍ୟାମଳି ମେମୋରିଆଲ ଓପନ ଚେସ୍

# ଓମ୍ ଆଦିତ୍ୟ ବିଜେତା



ଭୁବନେଶ୍ୱର, ୨୭।୪(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ପଞ୍ଚମ ଶ୍ୟାମଳି ଦେ ମୋମୋରିଆଲ ଓପନ ଚେସ୍ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଓମ୍ ଆଦିତ୍ୟ ଖଡଙ୍ଗା ୫ ରାଉଣ୍ଡରୁ ୪.୫ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛନ୍ତି। ଯାଜପୁରର ସଞ୍ଜିବ ନାୟକ ଦ୍ୱିତୀୟ, ଭୁବନେଶ୍ୱରର ନଟବର ଦାସ ତୃତୀୟ , ସ୍ୱସ୍ତିକ ବେହେରା ଚତୁର୍ଥ, ମନୀଷ ରଞ୍ଜନ ଦାସ ପଞ୍ଚମ, ସାଶ୍ୱତ ପାଣିଗ୍ରାହୀ ଷଷ୍ଠ ଏବଂ ସତ୍ୟଜିତ ପଟ୍ଟନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ୧୧ ଓ ୧୩ ବର୍ଷରୁ କମ୍ ତଥା ବାଳିକା ବର୍ଗରେ ୫ ଜଣ ଏବଂ ଅନ୍ୟ ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନିସପାଲ ସର୍ବେଶ୍ୱର ସାମଲ, ରସୁଲଗଡ ସ୍ଥିତ ଏସ୍‌ବିଆଇ ଅଡିଟ୍ ଅଫିସର ମ୍ୟାନେଜର ପ୍ରକାଶ ଚନ୍ଦ୍ର ବେହେରା, ଓଡିଶା ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତଃ ଶ୍ୟାମଳି ଦେ ଙ୍କ ପୁଅ ମାନବେଶ ଦେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


## ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁରେଶ ଚନ୍ଦ୍ର ରଥ**

ଆବିର୍ଭାବ - ୧୨.୦୪.୧୯୪୪

ତିରୋଧାନ - ୧୬.୦୪.୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ରମେଶ ଚନ୍ଦ୍ର ରଥ, ନରେଶ ଚନ୍ଦ୍ର ରଥ, ପ୍ରଜ୍ଞା, ସଂଜୟ, ନିବେଦିତା, ମନୋରଞ୍ଜନ, ସଂଘମିତ୍ରା, ହେମନ୍ତ, ଜୟସ୍ମୀତା ଏବଂ ହିମାଂଶୁ ତଥା ଶୋକସନ୍ତପ୍ତ ପରିବାରବର୍ଗ।


# ସର୍ବଭାରତୀୟ ନୀଳାଚଳ କପ୍ କ୍ରିକେଟ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୨୭।୪(ସବ୍ୟୁ) : ପୁରୀର ପାୟୋନିୟର କ୍ଲବ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ଷ୍ଟାଡିୟମରେ ୧୭ତମ ସର୍ବଭାରତୀୟ ନୀଳାଚଳ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ଆୟୋଜକ ପାୟୋନିୟର କ୍ଲବ ଏବଂ ଭୁବନେଶ୍ୱର ଏମସିସି କ୍ଲବ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ଏମସିସି ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପାୟୋନିୟର ପ୍ରଥମେ ବ୍ୟାଟିଂ କରି ୩୮ ଓଭରରେ ୧୭୪ ରନ ସଂଗ୍ରହ କରି ଅଲ ଆଉଟ୍ ହୋଇଥିଲା। ୧୭୫ ରନକୁ ପିଛା କରି ଭୁବନେଶ୍ୱର ଏମସିସି ୩୪ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ପାୟୋନିୟର କ୍ଲବ ତରଫରୁ ଶକ୍ତି ଦାସ ୨୯ ବଲରୁ ୩୧ ରନ କରିଥିବା ବେଳେ ମୟଙ୍କ ପଟ୍ଟନାୟକ ୨୭ ବଲରୁ ୩୦ ରନ ସଂଗ୍ରହ କରିଥିଲେ। ସେହିପରି ଏମ୍‌ସିସି ଭୁବନେଶ୍ୱରର ଆଶୁତୋଷ ମାରାଣ୍ଡି ଓ ଚନ୍ଦ୍ରାଂଶୁ ବାଗେଲ ଦୁଇଟି ଲେଖାଏଁ ୱିକେଟ ହାସଲ କରିଥିଲେ। ରମନୀର ଜେନା ୪୪ ବଲରୁ ୮୧ ରନ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଏସଏନଏମ୍ ଗ୍ରୁପର ନିର୍ଦ୍ଦେଶକ ପ୍ରଗତି କୁମାର ମହାନ୍ତି ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନୀଳାଚଳ ଟ୍ରଫିର ସଭାପତ ମାଧବଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ହରେଶ ମିଶ୍ର ମଞ୍ଚାସୀନ ଥିଲେ। ଚନ୍ଦ୍ରମୋହନ ବରାଳ, ଦେବବ୍ରତ ଦାସ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ରବିବାର ଆଦର୍ଶ କ୍ଲବ ବାଲେଶ୍ୱର ଓ ୟୁନିୟନ କ୍ଲବ କଟକ ମଧ୍ୟରେ ମ୍ୟାଚ ଖେଳାଯିବ।


**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି